ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୩/୨୦୨୩ (୧୪ ପୃଷ୍ଠା) Bhubaneswar, Wednesday, August 23/2023 Page 14 ₹ 7.00

୪୯ଶ ଭାଗ ୨୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 268 ମୂଲ୍ୟ ₹୭/-

ଚ୍ୟାଲେଞ୍ଜ ଦେଲେ ପ୍ରଜ୍ଞାନନ୍ଦ

ବିଶ୍ୱକପ୍ ଚେସ୍ ଫାଇନାଲର ପ୍ରଥମ କ୍ଲାସିକାଲ ଗେମ୍‌ରେ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ।

୧୨ ୦୮

ପୁଅଙ୍କୁ ବନ୍ଧୁ ଭାବନ୍ତି ବିଗ୍ ବି

ଲୋକପ୍ରିୟ କୁଇଜ୍ ଶୋ' 'କୌନ ବନେଗା କରୋଡପତି'ରେ ଉପସ୍ଥାପକ ବିଗ୍ ବି ତାଙ୍କ ପୁଅ ତଥା ଅଭିଷେକଙ୍କୁ ନିଜ ବନ୍ଧୁ ଭାବେ ବିବେଚନା କରୁଥିବା କହିଛନ୍ତି।

ଚନ୍ଦ୍ରୟାନ-୩ର ସଫଳ ସଫ୍ଟ ଲ୍ୟାଣ୍ଡିଂ କାମନା କରି ଚେନ୍ନାଇରେ ଏଭରଓ୍ୱିନ୍ ସ୍କୁଲର ଛାତ୍ରୀମାନେ ମୁହଁରେ ଚନ୍ଦ୍ରର ଆକୃତି କରିଛନ୍ତି।

ଶେଷ କିଛି ମିନିଟ୍ ଛାତି ଧଡ଼ଧଡ଼

ଆଜି ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ

ନୂଆଦିଲ୍ଲୀ,୨୨।୮

ଭାରତର ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର 'ବିକ୍ରମ' ବୁଧବାର ସନ୍ଧ୍ୟାରେ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ ଲାଗି ଉଦ୍ୟମ କରିବ। ଏହି ଶେଷ କିଛି ମିନିଟ୍ ସବୁଠୁ କଠିନ ସମୟ ହୋଇଥିଲାବେଳେ ସାରା ଦେଶର ଛାତି ଧଡ଼ଧଡ଼ ହେବ ବୋଲି କୁହାଯାଉଛି। ଏହା କଡ଼ା ମୁକାବିଲା ସ୍ପେଣ୍ଟି-୨୦ ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ଅନ୍ତିମ ପର୍ଯ୍ୟାୟ ଭଳି। ରୋଭର ପ୍ରଜ୍ଞାନ ସହ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରି ଇତିହାସ ସୃଷ୍ଟି କରିବାକୁ ଯାଉଛି। ଜୁଲାଇ ୧୪ରେ ଇସ୍ରୋର ବାହୁବଳୀ ରକେଟ ମାର୍କ-୩ ସହାୟତାରେ ଚନ୍ଦ୍ରୟାନ-୩କୁ କକ୍ଷପଥରେ ପହଞ୍ଚାଯାଇଥିଲା। ଏହା ପୃଥିବୀକୁ ଅଣ୍ଡାକୃତି କକ୍ଷପଥରେ ଏକାଧିକ ଥର ପରିକ୍ରମା କରିବା ସହ ବେଗ ବଢ଼ାଇଥିଲା। ଅଗଷ୍ଟ ୧ରେ ଏହା ଚନ୍ଦ୍ର ଅଭିମୁଖେ ଯାତ୍ରା କରି ୫ରେ ଏହାର କକ୍ଷପଥରେ ପହଞ୍ଚିଥିଲା। ଏହା ଚନ୍ଦ୍ରକୁ ପରିକ୍ରମା ☞ ପୃଷ୍ଠା-୨

ଡିଆଇଜି ବ୍ରିଜେଶ ରାୟଙ୍କୁ ବଦଳି

ଭୁବନେଶ୍ୱର,୨୨।୮ (ଅନିଲ ଦାସ)

ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ମାମଲା

ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

ଜଣେ ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ରାଜ୍ୟ ସରକାର କଟକସ୍ଥିତ ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ତାଙ୍କ ସ୍ତ୍ରୀ ଜଣେ ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡିଆଇଜିଙ୍କ ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ମହିଳା ହୋମ୍‌ଗାର୍ଡ ସୈରିନ୍ଧ୍ରୀ ସାହୁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କର ଦୁଇଟି ଯାକ ଗୋଡ଼ କଟି ଯାଇଥିବା ବେଳେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି।

ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଅନୁଗୋଳରେ ଅବସ୍ଥାପିତ ବ୍ରିଜେଶ ରାୟଙ୍କ ବାସଭବନରେ ହୋମ୍‌ଗାର୍ଡ ସୈରିନ୍ଧ୍ରୀ ନିୟୋଜିତ ହୋଇଥିଲେ। ତେବେ ତାଙ୍କୁ ଡିଆଇଜିଙ୍କ ସ୍ତ୍ରୀ ସବୁବେଳେ ନିର୍ଯାତନ ଦେଉଥିଲେ। ଏପରି କି ଚାକିରି ନେଇଯିବାର ଧମକ ଦେଇ ଗତ ୪ ତାରିଖରେ ସୈରିନ୍ଧ୍ରୀଙ୍କୁ ଧକ୍କା ଦେଇ ବାହାର କରି ଦେଇଥିବା ଅଭିଯୋଗ ହୋଇଛି। ଏହାପରେ ସେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଦୁଇଟି ଯାକ ଗୋଡ଼ ହରାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ମେଡିକାଲରେ ଚିକିତ୍ସା କରାଯାଉଛି।

ସୈରିନ୍ଧ୍ରୀ ଅଗଷ୍ଟ ୧୩ରେ ତାଙ୍କ ଉପରେ ହୋଇଥିବା ନିର୍ଯାତନା ସମ୍ପର୍କରେ ଲିଖିତ ଭାବେ ହୋମ୍‌ଗାର୍ଡ ଡିଜିଙ୍କୁ ଜଣାଇଥିଲେ। ଅନ୍ୟପଟେ ନିର୍ଯାତନା ଅଭିଯୋଗକୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ତାଙ୍କର (ସୈରିନ୍ଧ୍ରୀ ସାହୁ) ପାରିବାରିକ ସମସ୍ୟା ଥିଲା। ସେ ଅନ୍ୟମନସ୍କ ରହୁଥିଲେ। ତାଙ୍କୁ କୌଣସି ନିର୍ଯାତନା ଦିଆଯାଇ ନାହିଁ ବୋଲି ରାୟ କହିଛନ୍ତି।

ସୈରିନ୍ଧ୍ରୀଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ହୋଇସାରିଥିବା ବେଳେ ସେ ନିଜ ୨ ଝିଅଙ୍କ ସହ ରହୁଛନ୍ତି। ତାଙ୍କ ରୋଜଗାରରେ ପରିବାର ଚଳୁଥିବା ☞ ପୃଷ୍ଠା-୨

ଡିଆଇଜି ବ୍ରିଜେଶ କୁମାର ରାୟ

ନିଜ ଆଡୁ ମାମଲା ରୁଜୁ କଲେ ଓଏଚ୍‌ଆର୍‌ସି

୧୫ ଦିନରେ ରିପୋର୍ଟ ଦେବାକୁ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)

ମହିଳା ହୋମଗାର୍ଡ ସୈରିନ୍ଧ୍ରୀ ସାହୁଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ୍ ରାଏଙ୍କ ସ୍ତ୍ରୀ ଆୟୁଷୀ ରାଏ ଘରୋଇ କାମରେ ନିଯୁକ୍ତ କରିବା ସହ ନିର୍ଯାତନା ଦେବା ଅଭିଯୋଗକୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ମଙ୍ଗଳବାର କମିଶନ ନିଜ ଆଡୁ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୨୮୬/୨୦୨୩) ରୁଜୁ କରି ପୋଲିସ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଘଟଣାର ତଦନ୍ତ କରି ସେପ୍ଟେମ୍ବର ୧୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ପୋଲିସ ଡିଜିଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

DSPL-195

ମୋ ପରିବହନ ସେବା ଓ ଏମ୍-ପରିବହନ
ଆପ୍ ସେବାର ଶୁଭାରମ୍ଭ ଏବଂ
ସୁବାହକ ପ୍ରଶିକ୍ଷଣ କେନ୍ଦ୍ରର
ଶୁଭ ଉଦ୍‌ଘାଟନ ଓ ଲୋକାର୍ପଣ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା
ତାରିଖ - ୨୩.୦୮.୨୦୨୩



ସୁବାହକ

ସୁବାହକ ପ୍ରଶିକ୍ଷଣ ଯୋଜନା

୮,୫୦୦
ନୂତନ ଏଚ୍.ଏମ୍.ଭି ଡ୍ରାଇଭରଙ୍କ ଟ୍ରେନିଂ

୫୦,୦୦୦
ଏଚ୍.ଏମ୍.ଭି ଡ୍ରାଇଭରଙ୍କ ରିଫ୍ରେଶର୍ ଟ୍ରେନିଂ

ଏମ୍ ପରିବହନ ସେବା

ଯାନ ବାହନ ସମ୍ବନ୍ଧୀୟ ସେବା

- ନକଲ ଯାନ ପଞ୍ଜୀକରଣ ପତ୍ରର ପ୍ରଦାନ
- ବିନା ଆପତ୍ତି ପ୍ରମାଣପତ୍ର (NOC)ର ପ୍ରଦାନ
- ଯାନ ମାଲିକାନାର ସ୍ଥାନାନ୍ତର
- ଶିକ୍ଷାର୍ଥୀଙ୍କର ଲାଇସେନସ୍ ପ୍ରଦାନ
- ନକଲ ଯାନଚାଳନା ପ୍ରମାଣପତ୍ରର ପ୍ରଦାନ
- ଯାନଚାଳନା ପ୍ରମାଣପତ୍ରର ପୁନଃ ନବୀକରଣ
- ଯାନଚାଳନା ପ୍ରମାଣପତ୍ରରେ ଠିକଣାର ପରିବର୍ତ୍ତନ

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

OIPR-38003/13/0022/2324

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୩ ଅଗଷ୍ଟ , ୨୦୨୩

ଚନ୍ଦ୍ରଯାନ-୩କୁ ସାମାଜିକ ଗଣମାଧ୍ୟମରେ କଟାକ୍ଷ କରିବା ଅଭିଯୋଗରେ ଅଭିନେତା ପ୍ରକାଶ ରାଜଙ୍କ ବିରୋଧରେ କର୍ନାଟକର ବଗଲକୋଟସ୍ଥିତ ଏକ ଥାନାରେ ମଙ୍ଗଳବାର ମାମଲା ରୁଜୁ ହୋଇଛି। ହିନ୍ଦୁ ସଙ୍ଗଠନଗୁଡ଼ିକର ନେତାମାନେ ବାନାହଟ୍ଟି ଥାନାରେ ଏତଲା ଦେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ମାଇକ୍ରୋବ୍ଲଗିଂ ସାଇଟ ଏକ୍ସ'ରେ କରିଥିବା ପୋଷ୍ଟରେ ଜଣେ ଶାର୍ଟ ଓ ଲୁଙ୍ଗି ପିନ୍ଧିଥିବା ବ୍ୟକ୍ତି ଚା' ଢାଳୁଥିବା ଦେଖିବାକୁ ମିଳିଛି। ସେଥିରେ ପ୍ରକାଶ ରାଜ ଲେଖିଥିଲେ, ଚନ୍ଦ୍ରଯାନରୁ ସଦ୍ୟ ଆସିଥିବା ପ୍ରଥମ ଦୃଶ୍ୟ। ଏହାକୁ ନେଇ ୟୁଜର୍ସମାନେ ତାଙ୍କୁ ଟ୍ରୋଲ୍ କରିଛନ୍ତି।

ସଂକ୍ଷେପରେ

ମାଲିଆନା ଗଣହତ୍ୟା ମାମଲା

ତଳକୋର୍ଟ ରାୟ ବିରୋଧରେ ହାଇକୋର୍ଟ ଗଲେ ୟୁପି ସରକାର

ମିରଟ,୨୨।୮(ପି.ଟି.): ମାଲିଆନା ଗଣହତ୍ୟା ମାମଲାରେ ସମସ୍ତ ୪୦ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶର ଏକ ଅଦାଲତ ଦୋଷମୁକ୍ତ କରିଥିବାବେଳେ ଏହାକୁ ରାଜ୍ୟ ସରକାର ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବରରେ ହେବ। ଅତିରିକ୍ତ ଜିଲା ଜଜ୍‌ଙ୍କ ନିଷ୍ପତ୍ତିରେ ସରକାର ସନ୍ତୁଷ୍ଟ ନୁହନ୍ତି ବୋଲି ସରକାରୀ ଓକିଲ ସଚିନ ମୋହନ କହିଛନ୍ତି। ୧୯୮୭ରେ ମିରଟର ମାଲିଆନା ଗ୍ରାମରେ ମୁସଲମାନ ସମ୍ପ୍ରଦାୟର ୬୩ ଜଣଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ଘର ଜାଳିଦିଆଯାଇଥିଲା। ୩୬ ବର୍ଷର ଶୁଣାଣି ପରେ ତଥ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତମାନଙ୍କୁ ଅଦାଲତ ଦୋଷମୁକ୍ତ କରିଦେଇଛନ୍ତି।

ଗାୟକ ରାଜୁ ପଞ୍ଜାବୀଙ୍କ ଦେହାନ୍ତ

ଚଣ୍ଡିଗଢ଼,୨୨।୮: ଲୋକପ୍ରିୟ ହରିୟାଣା ଗାୟକ ରାଜୁ ପଞ୍ଜାବୀଙ୍କ ଦେହାନ୍ତ ଘଟିଛି। ସେ ଦୀର୍ଘଦିନ ହେଲା ଜଣ୍ଡିସ(କାମଳ ରୋଗ)ରେ ପୀଡ଼ିତ ହୋଇ ହିସାରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଛା ଲାଗେ ସେ, ଦେଶୀ ଦେଶୀ, ଟୁ ଚିଜ୍ ଲାଜବାବ୍, ଲାଷ୍ଟ ପେଗ୍ ଏବଂ ଭାଙ୍ଗ୍ ମେରେ ୟାର୍ ନେ ଭଳି ଲୋକପ୍ରିୟ ହରିୟାଣା ଗୀତ ଲାଗି ରାଜୁ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କ ଇନ୍‌ଷ୍ଟାଗ୍ରାମରୁ ତାଙ୍କ ମୃତ୍ୟୁ ଘଟିଥିବା ଖବର ଜଣାପଡ଼ିଥିଲା। ମଙ୍ଗଳବାର ତାଙ୍କ ଜନ୍ମସ୍ଥାନ, ରାଜସ୍ଥାନର ହନୁମାନଗଡ଼ ଜିଲା ଅନ୍ତର୍ଗତ ରାଓ୍ୱତଷ୍ଟାରଠାରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଦୁଃଖପ୍ରକାଶ କରିବା ସହ ରାଜୁଙ୍କ ମୃତ୍ୟୁ ହରିୟାଣା ସଙ୍ଗୀତ ଜଗତ ଲାଗି ବଡ଼ କ୍ଷତି ବୋଲି କହିଛନ୍ତି।

ଇସିଙ୍କ ଜାତୀୟ ଆଇକନ୍ ହେବେ ତେନ୍ଦୁଲକର

ନୂଆଦିଲ୍ଲୀ,୨୨।୮(ପି.ଟି.): କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ନିର୍ବାଚନ କମିଶନ(ଇସି)ଙ୍କ ଜାତୀୟ ଆଇକନ୍ ହେବାକୁ ଯାଉଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଭୋଟର ସାମିଲ ହେବା ଲାଗି ସେ ପ୍ରୋତ୍ସାହିତ କରିବେ। ବୁଧବାର ତେନ୍ଦୁଲକର ଏବଂ ନିର୍ବାଚନ କମିଶନଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହେବ। ଏହି ୩ ବର୍ଷିଆ ଚୁକ୍ତିନାମା ଅନୁଯାୟୀ ତେନ୍ଦୁଲକର ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ଯୁବବର୍ଗଙ୍କ ଉପରେ ତେନ୍ଦୁଲକରଙ୍କ ଅତୁଳନୀୟ ପ୍ରଭାବକୁ କାମରେ ଲଗାଇବା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ଆଗାମୀ ନିର୍ବାଚନ ବିଶେଷ କରି ୨୦୨୪ ଲୋକ ସଭା ନିର୍ବାଚନରେ ଭୋଟରଙ୍କ ଅଂଶଗ୍ରହଣ ବଢ଼ାଇବାରେ ବେଶ୍ ପ୍ରଭାବୀ ହେବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

ବ୍ରିକ୍ସରେ ପ୍ରଧାନମନ୍ତ୍ରୀ ମୋଦି

ଜିନ୍‌ପିଙ୍ଗ୍‌ଙ୍କ ସହ ଦ୍ୱିପାକ୍ଷିକ ବୈଠକ ଉପରେ ନଜର

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

କୋହାନ୍ସବର୍ଗ/ନୂଆଦିଲ୍ଲୀ,୨୨।୮

ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ରାଷ୍ଟ୍ର ସମୂହ ବ୍ରିକ୍ସର ପଞ୍ଚଦଶ ସମ୍ମିଳନୀ ମଙ୍ଗଳବାର କୋହାନ୍ସବର୍ଗରେ ଆରମ୍ଭ ହୋଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଛନ୍ତି। ଏହି ଅବସରରେ ସେ ଅନେକ ବିଶ୍ୱନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ନିମନ୍ତ୍ରଣକ୍ରମେ ମୋଦି ଜୋହାନ୍ସବର୍ଗ ଗସ୍ତରେ ଅଛନ୍ତି। ୨୦୧୯ ପରେ ଏହା ହେଉଛି ବ୍ରିକ୍ସର ପ୍ରଥମ ଇନ୍-ପର୍ସନ ସମିଟ୍। କୋଭିଡ୍-୧୯ ମହାମାରୀ ଯୋଗୁ ଗତ ୩ ବର୍ଷ ଧରି ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଆସିଥିଲା। ୩ ମହାଦେଶରୁ ଆସୁଥିବା ବ୍ରିକ୍ସ ରାଷ୍ଟ୍ରଗୁଡ଼ିକରେ ବିଶ୍ୱର ୪୧% ଜନସଂଖ୍ୟା, ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୨୪% ଏବଂ ବୈଶ୍ୱିକ ବାଣିଜ୍ୟର ୧୬% ରହିଥିବାରୁ ଏହି ସମ୍ମିଳନୀ ଉପରେ ଅନ୍ତର୍ଜାତୀୟ ସମୁଦାୟର ନଜର ରହିଛି। ଆଫ୍ରିକୀୟ ଓ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକର ପ୍ରାୟ ୨୦ ରାଷ୍ଟ୍ରମୁଖ୍ୟଙ୍କୁ ମଧ୍ୟ ବ୍ରିକ୍ସକୁ ନିମନ୍ତ୍ରଣ କରାଯାଇଛି। ସେହି ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅନେକେ ବ୍ରିକ୍ସ ସଦସ୍ୟ ହେବା ପଇଁ ଆବେଦନ କରିଛନ୍ତି, ଯାହାକି ଉକ୍ତ ସମ୍ମିଳନୀର ଅନ୍ୟତମ ପ୍ରମୁଖ ଏଜେଣ୍ଡା। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ବିଶ୍ୱବ୍ୟାପୀ ଉତ୍ତେଜନା ଲାଗିରହିଥିବାବେଳେ ବିଭିନ୍ନ କ୍ଷେତ୍ରରେ ଚାଇନା ସହ ଆମେରିକାର ପ୍ରତିଦ୍ୱନ୍ଦ୍ୱିତା ବଢ଼ିଚାଲିଛି। ଏଭଳି ସମୟରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ବ୍ରିକ୍ସରେ ଯୋଗଦେଇଛନ୍ତି। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ମଧ୍ୟ ସମ୍ମିଳନୀରେ ସାମିଲ ହୋଇଛନ୍ତି। ତେବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏଥିରେ ବ୍ୟକ୍ତିଗତ ଭାବେ ଯୋଗଦେବେ ନାହିଁ। ଦକ୍ଷିଣ ଆଫ୍ରିକା ଗସ୍ତ କଲେ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି) ପକ୍ଷରୁ ଜାରି ୱାରେଣ୍ଟ ବଳରେ ଗିରଫ ହେବା ଆଶଙ୍କା ଥିବାରୁ ସେ ଏଥିରେ ଭର୍ଚୁଆଲି ସାମିଲ ହେବେ। ତେବେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ ଏଥିରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଆସନ୍ତା ୨୫ରେ ଦକ୍ଷିଣ ଆଫ୍ରିକାରୁ ଗ୍ରୀସ୍ ଗସ୍ତ କରି ସେଠାରେ ତାଙ୍କ ପ୍ରତିପକ୍ଷ କିରିଆକୋସ୍ ମିଟ୍‌ସୋଟାକିସ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ୪୦ ବର୍ଷ ମଧ୍ୟରେ ଏହା ହେବ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗ୍ରୀସ୍ ଗସ୍ତ।

କୋହାନ୍ସବର୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ଭାରତୀୟ ବଂଶୋଦ୍ଭବମାନେ ଭବ୍ୟ ସ୍ୱାଗତ କରୁଛନ୍ତି।

⇨ବ୍ରିକ୍ସରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଦକ୍ଷିଣ ଆଫ୍ରିକାର କୋହାନ୍ସବର୍ଗ ଅଭିମୁଖେ ଯାତ୍ରା ଆରମ୍ଭ କରିବା ପୂର୍ବରୁ କହିଥିଲେ, ସମଗ୍ର ସାଉଥ୍ ଗ୍ଲୋବାଲ ପାଇଁ ଚିନ୍ତାଜନକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ପାଇଁ ବ୍ରିକ୍ସ ଏକ ମଞ୍ଚ ପାଲଟିଛି। ଏହି ପ୍ଲାଟ୍‌ଫର୍ମ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଏକ ଉପାଦେୟ ସୁଯୋଗ ସୃଷ୍ଟି କରିବ।

⇨ବ୍ରିକ୍ସ ସମ୍ମିଳନୀରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ ହେବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ତେବେ ଦୁଇ ନେତାଙ୍କ ବୈଠକ ସମ୍ଭାବନାକୁ ନେଇ ଆମର ସକାରାତ୍ମକ ଚିନ୍ତାଧାରା ରହିଛି ବୋଲି ଭାରତର ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଛନ୍ତି।

⇨ଭାରତୀୟ ଯବାନ ଓ ଚାଇନା ସୈନ୍ୟ ପୂର୍ବ ଲଦାଖରେ ୩ ବର୍ଷ ଧରି ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଉଭୟ ପକ୍ଷ କୂଟନୈତିକ ଓ ସାମରିକ ଆଲୋଚନା ପରେ ଅନେକ ସ୍ଥାନରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିଛନ୍ତି। ଏହାସତ୍ତ୍ୱେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)କୁ ନେଇ ବିବାଦ ଲାଗି ରହିଥିବାରୁ ଆଲୋଚନା ମଧ୍ୟ ଜାରି ରହିଛି। ଏହି ପରିପେକ୍ଷୀରେ ଜିନ୍‌ପିଙ୍ଗ୍‌ଙ୍କ ସହ ମୋଦିଙ୍କ ସମ୍ଭାବ୍ୟ ବୈଠକ ଉପରେ ନଜର ରହିଛି।

⇨ମୋଦି ଓ ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଯଦି ଦ୍ୱିପାକ୍ଷିକ ଆଲୋଚନା ହୁଏ ତେବେ ୨୦୨୦ ମେ'ର ଭାରତ-ଚାଇନା ସୀମା ବିବାଦ ପରେ ଏହା ହେବ ଦୁଇନେତାଙ୍କ ପ୍ରଥମ ବୈଠକ। ୨୦୨୨ରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ଜି୨୦ ଡିନରରେ ଦୁହେଁ ସ୍ୱଳ୍ପ ସମୟ ପାଇଁ ପରସ୍ପରକୁ ଭେଟିଥିଲେ।

ସ୍ରେଥା ଥାଭିସିନ୍ ହେବେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ୍,୨୨।୮

ଥାଇଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥାକ୍‌ସିନ୍ ଶିନାୱାତ୍ରାଙ୍କ ଥାଇ ପାର୍ଟି ମଙ୍ଗଳବାର ପାର୍ଲାମେଣ୍ଟ ଭୋଟରେ ବିଜୟୀ ହୋଇଛି। ମୋଟ ୭୨୭ ଏମ୍‌ପିଙ୍କ ମଧ୍ୟରୁ ୪୮୨ ଜଣ ରିଅଲ ଇଷ୍ଟେଟ୍ ବାଦଶାହା ସ୍ରେଥା ଥାଭିସିନ୍‌ଙ୍କ ସପକ୍ଷରେ ଭୋଟ ଦେଇଥିଲେ। ଫଳରେ ଗତ ମେ' ମାସର ନିର୍ବାଚନ ପରେ ଲାଗରହିଥିବା କଳ୍ପନାଜଳ୍ପନା, ଆଇନଗତ ଦ୍ୱନ୍ଦ୍ୱ ଏବଂ ଘୋଡ଼ାବେପାରର ଅନ୍ତ ଘଟିଛି। ଥାଭିସିନ୍ ଦେଶର ୩୦ତମ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଜାତୀୟ ନିର୍ବାଚନରେ ଅଧିକ ଭୋଟ ପାଇଥିବା ମୁଭ୍ ଫରୱାର୍ଡ ପାର୍ଟି କ୍ଷମତା ଅକ୍ତିଆର କରିବାରେ ବିଫଳ ହୋଇଛି। ନିଜ ଦଳ କ୍ଷମତାକୁ ଫେରିବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶିନାୱାତ୍ରା ଦୀର୍ଘବର୍ଷର ଆତ୍ମନିର୍ବାସନରୁ ଫେରି ୮ ବର୍ଷ ପାଇଁ ଜେଲ ଯାଇଛନ୍ତି।

ମଣିପୁରକୁ ଅଧିକ କେନ୍ଦ୍ରୀୟ ସୁରକ୍ଷା ବଳ ପଠାଯିବ

ନୂଆଦିଲ୍ଲୀ,୨୨।୮(ପି.ଟି.)

ଜାତିଆଣ ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଆଉ ୨୦ରୁ ୨୨ କମ୍ପାନୀ ସିଏପିଏଫ୍ ଯବାନ ପଠାଇବା ପାଇଁ କେନ୍ଦ୍ର ବିଚାର କରୁଛି। ଜମ୍ମୁ-କଶ୍ମୀରରେ ଅମରନାଥ ଯାତ୍ରା ଖୁବ୍‌ଶୀଘ୍ର ଶେଷ ହେଉଥିବାରୁ ସେଠାରେ ମୁତୟନ ଥିବା ସୁରକ୍ଷା ବଳଙ୍କୁ ପ୍ରତ୍ୟାହାର କରାଯାଇ ମଣିପୁର ପଠାଯିବ ବୋଲି ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏବେ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ୧୨୫ କମ୍ପାନୀ ସୁରକ୍ଷା ବଳ ନିୟୋଜିତ ଅଛନ୍ତି।

୯୪.୭ କୋଟି ସାଇବର ଆକ୍ରମଣ ରୋକାଯାଇଛି

ନୂଆଦିଲ୍ଲୀ,୨୨।୮

ଭାରତରେ ସାଇବର ଆକ୍ରମଣ ମହାମାରୀ ଭଳି ବ୍ୟାପିଚାଲିଛି। ନିକଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଦ୍ୱିତୀୟ ତ୍ରୈମାସିକରେ ଦେଶରେ ୯୪.୭ କୋଟିରୁ ଊର୍ଦ୍ଧ୍ୱ ସାଇବର ଆକ୍ରମଣକୁ ରୋକାଯାଇଛି। ସାରା ବିଶ୍ୱରେ ୧୧୦ କୋଟି ସାଇବର ଆକ୍ରମଣକୁ ପଣ୍ଡ କରାଯାଇଛି। ପ୍ରଥମ ତ୍ରୈମାସିକ ତୁଳନାରେ ଦ୍ୱିତୀୟ ତ୍ରୈମାସିକରେ ଭାରତୀୟ ୱେବ୍‌ସାଇଟଗୁଡ଼ିକରେ ସାଇବର ଆକ୍ରମଣ ୯୦ ପ୍ରତିଶତ ବଢ଼ିଥିବା ଟାଟା କ୍ୟାପିଟାଲର ଷ୍ଟାର୍ଟଅପ୍ ସଂସ୍ଥା ଇଣ୍ଟରସ୍‌ଫେସ୍ ପକ୍ଷରୁ କୁହାଯାଇଛି।

ମୁଖ୍ୟତଃ ବ୍ୟାଙ୍କିଙ୍ଗ୍, ବୀମା ଏବଂ ସ୍ୱାସ୍ଥ୍ୟସେବା ସେକ୍ଟର ସର୍ବାଧିକ ପ୍ରଭାବିତ ହେଉଛନ୍ତି। ଏହି ଶିଳ୍ପଗୁଡ଼ିକର ପ୍ରତି ୱେବ୍‌ସାଇଟ୍‌ରେ ବୋଟ୍ ଆଟାକ୍ ହେଉଛି। ପ୍ରଥମ ତ୍ରୈମାସିକ ତୁଳନାରେ ଦ୍ୱିତୀୟ ତ୍ରୈମାସିକରେ ଏଭଳି ଆକ୍ରମଣ ୪୮ ପ୍ରତିଶତ (୨୦ ନିୟୁତ)କୁ ବୃଦ୍ଧି ପାଇଛି। ସେହିପରି ଡିଡିଓଏସ୍ (ଡିଷ୍ଟ୍ରିବ୍ୟୁଟେଡ୍ ଡେନିଆଲ ଅଫ୍ ସର୍ଭିସ) ଆକ୍ରମଣ ମଧ୍ୟ ଯଥେଷ୍ଟ ବଢ଼ିଛି। ପ୍ରଥମ ତ୍ରୈମାସିକ ତୁଳନାରେ ଏହା ୭୫ ପ୍ରତିଶତ ବଢ଼ିଥିବା କୁହାଯାଉଛି। ସାରା ବିଶ୍ୱରେ ମୋଟ ଡିଡିଓଏସ୍ ଆକ୍ରମଣ ୮୭,୨୧,୦୫,୮୨୬ ହୋଇଥିବାବେଳେ ମୋଟ ବୋଟ୍ ଆକ୍ରମଣ ୮,୮୧,୮୬,୮୬୮ ହୋଇଛି। ସାରା ବିଶ୍ୱରେ ସାଇବର ଆକ୍ରମଣ ବଢ଼ିଥିଲେ ମଧ୍ୟ ଭାରତ ଭଳି କୌଣସି ଦେଶରେ ଏହା ୯୦ ପ୍ରତିଶତ ବଢ଼ିନାହିଁ ବୋଲି ଇଣ୍ଟରସ୍‌ଫେସ୍‌ର ସିଇଓ ଆଶିଷ ଟଣ୍ଡନ କହିଛନ୍ତି। ଡିଡିଓଏସ୍ ସବୁଠୁ ବିପଜ୍ଜନକ ଭେକ୍ଟର ପାଲଟିଛି। ଡିଡିଓଏସ୍ ଆକ୍ରମଣର ଗୁରୁତର ମିଥ୍ୟା ପଜିଟିଭ୍ ପରିଣାମ ସତ୍ତ୍ୱେ ବାସ୍ତବ ୟୁଜରମାନଙ୍କ ପାଇଁ ଉଦ୍ୟୋଗୀମାନେ ଆପ୍ଲିକେଶନ ଉପଲବ୍ଧତା ଉପରେ ପ୍ରାଥମିକତା ଦେଇଆସୁଛନ୍ତି। ସେଥିପାଇଁ ଅଧିକାଂଶ ଡିଡିଓଏସ୍ ହ୍ରାସ ପଦ୍ଧତି ପରିବର୍ତ୍ତିତ ସ୍ଥିତିରେ ଭଲ ଭାବେ ଉପଯୋଗ ହୋଇପାରୁ ନାହିଁ।

କୋଇଲା ଖଣିରେ ବିସ୍ଫୋରଣ: ୧୧ ମୃତ

ବେଜିଂ,୨୨।୮

ଉତ୍ତର ଚାଇନାରେ ଥିବା ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୧୧ ଜଣ ପ୍ରାଣ ହରାଇଛନ୍ତି। ସୋମବାର ୟାନନ ସହରର ପାର୍ବତ୍ୟାଞ୍ଚଳରେ ଥିବା କୋଇଲା ଖଣିରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣବେଳେ ପ୍ରାୟ ୯୦ କର୍ମଚାରୀ ସେଠାରେ କାର୍ଯ୍ୟରତ ଥିଲେ। ମୃତାହତଙ୍କ ସଂଖ୍ୟା ଅଧିକ ହୋଇପାରେ ବୋଲି ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖଣି ଉତ୍ତୋଳନବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲାଗି ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ନିର୍ଦ୍ଦେଶ ଦେଇଥିବାବେଳେ ଏଠାରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ନିମ୍ନମାନର ସୁରକ୍ଷା ତାଲିମ, ବିଭାଗୀୟ ଦୁର୍ନୀତି ଯୋଗୁ ଗତ କିଛିମାସ ମଧ୍ୟରେ ଚାଇନାରେ ଶିଳ୍ପ ଓ ନିର୍ମାଣ ଉଦ୍ୟୋଗ କ୍ଷେତ୍ରରେ ଏଭଳି ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି।

ଲଣ୍ଡନରେ ଐତିହାସିକ ଇଣ୍ଡିଆ କ୍ଲବ୍ ବନ୍ଦ ହେବ

ଲଣ୍ଡନ,୨୨।୮(ପି.ଟି.)

ଲଣ୍ଡନର ଇଣ୍ଡିଆ କ୍ଲବକୁ ବନ୍ଦ କରିଦେବା ଲାଗି ଘୋଷଣା କରାଯାଇଛି। ବନ୍ଦ ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ଆଇନଗତ ଲଢ଼େଇରେ ହାରିଯାଇଥିବାରୁ ଆସନ୍ତା ମାସରେ ଇଣ୍ଡିଆ କ୍ଲବ୍ ବନ୍ଦ ହେବାକୁ ଯାଉଛି। ସ୍ୱାଧୀନତା ଆନ୍ଦୋଳନ ବେଳେ କ୍ରିଷ୍ଣ ମେନନଙ୍କ ସମେତ ଜାତୀୟତାବାଦୀ ନେତାମାନଙ୍କ ପାଇଁ ଏହା ଏକ ହବ୍ ଥିଲା। ସେଠାରୁ ସ୍ୱାଧୀନତା ଆନ୍ଦୋଳନ ପାଇଁ ବ୍ରିଟେନ୍‌ରେ କ୍ୟାମ୍ପେନ୍ କରାଯାଉଥିଲା। ଲଣ୍ଡନର ଷ୍ଟ୍ରାଣ୍ଡରେ ଥିବା ଉକ୍ତ ବିଲ୍ଡିଂରେ ଐତିହାସିକ ବୈଠକ ସ୍ଥଳ ଓ ଏକ ହୋଟେଲ ଥିଲା। ହୋଟେଲର ଆଧୁନିକୀକରଣ ପାଇଁ ଜମି ମାଲିକ ନୋଟିସ ପଠାଇଥିବାବେଳେ ଏହାକୁ ନ ଭାଙ୍ଗିବା ପାଇଁ କିଛିବର୍ଷ ପୂର୍ବରୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜମି ମାଲିକ ୟାଦ୍‌ଗାର ମାର୍କର ଏବଂ ତାଙ୍କ ଝିଅ

ଭାରତର ସ୍ୱାଧୀନତା ଆନ୍ଦୋଳନର ମୂଳ କେନ୍ଦ୍ର ଥିଲା

ପ୍ରିରୋଜା 'ସେଭ୍ ଇଣ୍ଡିଆ କ୍ଲବ୍' ନାମରେ ଅଭିଯାନ ଆରମ୍ଭ କରିବା ସହ ଏହାକୁ ବଞ୍ଚାଇ ରଖିବା ପାଇଁ ଲଢ଼େଇ କରୁଥିଲେ। ଏହି ଲଢ଼େଇ ଆପାତତଃ ଶେଷ ହୋଇଥିବା ଏବେ ସେମାନେ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୧୭ ଇଣ୍ଡିଆ କ୍ଲବ୍ ପାଇଁ ଶେଷ ଦିନ ବୋଲି ସେମାନେ କହିଛନ୍ତି।

୯୦୦ ଫୁଟ ଉଚ୍ଚରେ ଝୁଲି ରହିଲେ ୬ ସ୍କୁଲ ପିଲା

ପେଶାୱର,୨୨।୮

କେବୁଲ୍ କାର୍ ଅଚଳ

ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱାରେ ମଙ୍ଗଳବାର ଏକ କେବୁଲ୍ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୬ ସ୍କୁଲ ଛାତ୍ର ସମେତ ୮ଜଣ ପ୍ରାୟ ୯୦୦ ଫୁଟ ଉପରେ ଝୁଲି ରହିଥିଲେ। ତେବେ ପାକିସ୍ତାନ ଆର୍ମୀ ଦୀର୍ଘ ସମୟର ଅପରେଶନ ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ବଟଗ୍ରାମ ଜିଲାର ଅଲାଇ ଅଞ୍ଚଳର କିଛି ସ୍କୁଲ ପିଲା ମଙ୍ଗଳବାର ସକାଳ ୮ଟାବେଳେ କେବୁଲ୍ କାର୍ ଯୋ

ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୩/୨୦୨୩ | Bhubaneswar, Wednesday, August 23/2023 | ପୃଷ୍ଠା-୧

ସ୍ୱାଧୀନତା ସଂଗ୍ରାମୀ ମକର ଦାସଙ୍କ ପରଲୋକ

ଡେରାବିଶ,୨୨।୮(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ହାଟବାଣପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ମକର ଦାସ(୯୯)ଙ୍କ ମଙ୍ଗଳବାର ପରିଲୋକ ହୋଇଛି। ବୟସାଧିକ୍ୟ ଅସୁସ୍ଥତା କାରଣରୁ ରୋଗଗ୍ରସ୍ତ ହୋଇ ଚଳିତମାସ ୧ ତାରିଖଠାରୁ କଟକ ବଡ଼ ମେଡିକାଲରେ ମକର ଚିକିତ୍ସିତ ହେଉଥିଲେ। କଟକରୁ ମରଶରୀର ଡେରାବିଶରେ ପହଞ୍ଚିଲା ପରେ ବିରାଟ ଶୋଭାଯାତ୍ରାରେ ବାସଭବନକୁ ନିଆଯାଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନରେ ଶୋକାକୁଳ ଜନତାଙ୍କ ଗହଳି ଲାଗି ରହିଥିଲା। ପ୍ରଶାସନ ପକ୍ଷରୁ ମରଶରୀରରେ ଜାତୀୟ ପତାକା ପୂର୍ବକ ଶେଷ ସମ୍ମାନ ଦିଆଯିବା ସହ ଶୋଭାଯାତ୍ରା ମଧ୍ୟରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଜିଲା ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ଏସ୍‌ଡିପିଓ ଦେବେନ୍ଦ୍ର ମଲିକ, ସଦର ☞ ପୃଷ୍ଠା–୨

ଘର ନିର୍ମାଣ ଅନୁମତିରେ ଜାଲିଆତି

ପ୍ଲାନିଂ ଅଫିସରଙ୍କ ଦସ୍ତଖତରେ ୩.୩୨ କୋଟିର ଲାଞ୍ଚ

- ଏସ୍‌ଡିଏ କିରାଣିଙ୍କ ସମେତ ୫ ଗିରଫ
- କାର୍, ବାଇକ୍, କମ୍ପ୍ୟୁଟର, ଦସ୍ତାବିଜ ଜବତ
- ପୂଜକଙ୍କ ଆକାଉଣ୍ଟକୁ ଯାଉଥିଲା ଟଙ୍କା

ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ଅଫିସରେ ଚାଲିଥିବା ଜାଲିଆତିର ପର୍ଦ୍ଦାଫାଶ କରିଛି ପୋଲିସ। ଅଭିଯୁକ୍ତମାନେ ପ୍ଲାନିଂ ଅଫିସରଙ୍କ ଅଜାଣତରେ ତାଙ୍କ ଦସ୍ତଖତ, ଷ୍ଟାମ୍ପ, ଚିଠି ବ୍ୟବହାରକରି ବ୍ୟାଙ୍କ ଋଣ ଓ ଘର ନିର୍ମାଣ ପାଇଁ ଅନୁମତିପତ୍ର କରୁଥିଲେ। ଖୋଦ ପ୍ଲାନିଂ ଅଫିସରଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତକରି ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଏସ୍‌ଡିଏର ସହକାରୀ କିରାଣି ବୁଲ୍ଲାର ଲକ୍ଷ୍ମୀନାରାୟଣ ସାମଲ (ବୁଲ୍ଲୁ)ଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅନ୍ୟ ଅଭିଯୁକ୍ତ ହେଲେ ଝାଡୁଆପଡ଼ାର ସୁଧାଂଶୁ କିଶୋର ପତି, ଅଇଁଠାପାଲି ଥାନା କାଇଁସିର ଅଜୟ କୁମାର ବେହେରା, ଚାରମାଳ ଥାନା ବଡ଼ମାଳ ଗ୍ରାମର ବିକାଶ ଜଗତ ଓ ଧନୁପାଲି ଥାନା କୁଲୁତକାନୀର ବାସିନ୍ଦା ତଥା ଏସ୍‌ଡିଏର ମନ୍ଦିର ପୂଜକ ଦାମୋଦର ତ୍ରିପାଠୀ। ଅଭିଯୁକ୍ତମାନଙ୍କ ଆକାଉଣ୍ଟରୁ ୩କୋଟି ୩୧ଲକ୍ଷ ୯୬ହଜାର ୨୨୭ ଟଙ୍କା ଜବତ କରାଯାଇଛି। ଏହାସହ ୨ଟି କାର୍, ଗୋଟିଏ ମୋଟରସାଇକେଲ, କମ୍ପ୍ୟୁଟର, ଖତିଆନ, ଷ୍ଟାମ୍ପ ଏବଂ ଘର ଓ ଫ୍ଲାଟ୍‌ର କାଗଜପତ୍ର ଜବତ ହୋଇଛି। ଏସ୍‌ଡିଏର ପୂଜକଙ୍କ ଆକାଉଣ୍ଟରେ ଅର୍ଥ ନେଣଦେଣ ହେଉଥିବାବେଳେ ବୁଲ୍ଲୁ ମାଷ୍ଟରମାଇଣ୍ଡ ସାଜିଥିଲେ। ଘଟଣାରେ ୫୪ଜଣଙ୍କଠାରୁ ଠକେଇ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ମଙ୍ଗଳବାର ଏସ୍‌ପି ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

ଏସ୍‌ପି ଆହୁରି କହିଥିଲେ, ଏସ୍‌ଡିଏ ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜଣାପଡିଥିଲା ଯେ, କର୍ମଚାରୀମାନେ ନକଲି ଅନୁମତିପତ୍ର ଦେଇ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଉଥିଲେ। ପ୍ରତି ଅନୁମତି ପିଛା ୧ଲକ୍ଷରୁ ୪ଲକ୍ଷ ଟଙ୍କା ନେଉଥିଲେ। ଏପରି କି ଜଣେ ବ୍ୟକ୍ତିଙ୍କଠାରୁ ୨୧ ଲକ୍ଷ ଟଙ୍କା ଜମାଖାତାରେ ନେଇଛନ୍ତି। ଆର୍ଥିକବର୍ଷ ୨୦୨୨–୨୩ ମଧ୍ୟରେ ହୋଇଥିବା ଜାଲିଆତିର ତଦନ୍ତ ହୋଇଛି। ଗୃହ ନିର୍ମାଣ ପ୍ଲାନିଂ କରାଇବା ପାଇଁ ଏଭଳି ୫୪ଜଣ ଠକେଇର ଶିକାର ହୋଇଛନ୍ତି। ଅଭିଯୋଗ ସଂଖ୍ୟା ବଢୁଥିବାରୁ ଆଗକୁ ତଦନ୍ତ ଜାରି ରହିବ। ଅଭିଯୁକ୍ତମାନେ ଟଙ୍କା ନେବା ପରେ ବିଭିନ୍ନ ସ୍ଥାନରେ ଫ୍ଲାଟ କିଣୁଥିଲେ। ଏପରି କି ବିଳାସପୂର୍ଣ୍ଣ ଘର ନିର୍ମାଣାଧୀନ ରହିଛି, ଯାହାକୁ ପୋଲିସ ଠାବ କରିଛି। ୩ଟି ଜମାଖାତା ମଧ୍ୟ ଜବତ ହୋଇଛି। ସେଥିରେ ଯଥାକ୍ରମେ ୪ ଲକ୍ଷ, ୫୩ ଲକ୍ଷ ଓ ୧ କୋଟି ☞ ପୃଷ୍ଠା–୨

ଜିଏସ୍‌ଟି ଯୋଗୁ ରାଜସ୍ୱ ହରାଉଛି କେନ୍ଦ୍ର

କୋଲକାତା,୨୨।୮(ପି.ଟି.)



ବିବେକ ଦେବରାୟ

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ କେନ୍ଦ୍ର ସରକାରଙ୍କ ରାଜସ୍ୱ କ୍ଷତି ହେଉଛି। ଜିଏସ୍‌ଟି ଏକକ ଦର ସହ ରାଜସ୍ୱ ନିରପେକ୍ଷ ହେବା ଉଚିତ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍) ଅଧ୍ୟକ୍ଷ ବିବେକ ଦେବରାୟ କହିଛନ୍ତି।

କୋଲକାତା ଚାମର୍ସ ଅଫ୍ କମର୍ସ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ବିବେକ କହିଛନ୍ତି, ଜିଏସ୍‌ଟି କାରଣରୁ ଅନେକ ବିଷୟର ସରଳୀକରଣ ହୋଇପାରିଛି। ତେବେ ଆଦର୍ଶ ଜିଏସ୍‌ଟି ହେଉଛି ତାହା, ଯହିଁରେ ଗୋଟିଏ ହିଁ ଦର ରହିଥାଏ। ଏହାକୁ ରାଜସ୍ୱ ନିରପେକ୍ଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଅର୍ଥ ମନ୍ତ୍ରଣାଳୟର ହିସାବ ଅନୁସାରେ ଯେତେବେଳେ ପ୍ରଥମେ ଜିଏସ୍‌ଟି ଲାଗୁ କରାଯାଇଥିଲା, ସେତେବେଳେ ଏହାର ହାରାହାରି ହାର ୧୭% ରଖାଯିବା ଉଚିତ ଥିଲା। କିନ୍ତୁ, ବର୍ତ୍ତମାନର ହାର ହେଉଛି ୧୧.୪%। ଜିଏସ୍‌ଟି କାରଣରୁ ସରକାର ରାଜସ୍ୱ ହରାଉଛନ୍ତି। ଜନସାଧାରଣ ଏବଂ ଜିଏସ୍‌ଟି ପରିଷଦ ସଦସ୍ୟମାନେ ୨୮% ଟିକସ ହାରକୁ ହ୍ରାସ କରିବାକୁ ଚାହାନ୍ତି। କିନ୍ତୁ ୦ ଓ ୩ ପ୍ରତିଶତ ଟିକସ ହାରରେ କେହି ବୃଦ୍ଧି ଘଟୁ ବୋଲି ଚାହୁଁନାହାନ୍ତି। ମଜଭୁତ ଓ ଆତ୍ମନିର୍ଭରଶୀଳ ଭାରତର ସ୍ୱତନ୍ତ୍ର ଅଧିବେଶନରେ ସେ ଆହୁରି କହିଛନ୍ତି, ଏଭଳି ଭାବେ ଆମ ପାଖରେ ସରଳୀକୃତ ଜିଏସ୍‌ଟି କେବେହେଲେ ରହିବ ନାହିଁ। ଜିଏସ୍‌ଟି ନିୟମଗୁଡ଼ିକର ବହୁତ ଦୁରୁପଯୋଗ ହେଉଛି। ତେବେ ଏହା ଉପରେ ବିବେକ ବିସ୍ତୃତ ଭାବେ ବ୍ୟାଖ୍ୟା କରିନାହାନ୍ତି।

୩୦ ବଗି ଛାଡ଼ି ପଳାଇଲା ମାଲବାହୀ ଟ୍ରେନ୍

ଭଦ୍ରକ, ୨୨।୮(ସନାତନ ରାଉତ)

ଭଦ୍ରକ ଚରମ୍ପା ଷ୍ଟେଶନସ୍ଥିତ ୧୧୮ନଂ. ଏଲ୍‌ଏସି ଡଗରାସାହି ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ମାଲବାହୀ ଟ୍ରେନ୍‌ରୁ ୩୦ଟି ବଗି ଅଲଗା ହୋଇଯାଇଥିଲା। ଟ୍ରେନ୍‌ଟି ଭଦ୍ରକ ଷ୍ଟେଶନ ଅଭିମୁଖେ ଆସୁଥିବା ବେଳେ ଉକ୍ତ ସ୍ଥାନରେ ବ୍ରେକ୍ ମାରିବା ପରେ ଇଞ୍ଜିନ୍ ପାଖରୁ ବଗିଗୁଡ଼ିକ ଛିଡ଼ି ଯାଇଥିଲା। ଇଞ୍ଜିନ ସାଙ୍ଗରେ କେବଳ ଦୁଇଟି ବଗି ଥିବାବେଳେ ଅନ୍ୟ ବଗିଗୁଡ଼ିକ ଅଲଗା ହୋଇଯାଇଥିଲା। ଇଞ୍ଜିନ ପଛକୁ ଫେରି ବଗିଗୁଡ଼ିକ ସଂଯୋଗ କରାଯିବା ପରେ ଏକ ଘଣ୍ଟା ବିଳମ୍ବରେ ମାଲବାହୀ ଟ୍ରେନ୍ ଗଡ଼ିଥିଲା। ତେବେ ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଓ ବଗି ଅଲଗା ହେବା ଘଟଣା ରେଳ ବିଭାଗର ପିଛା ଛାଡୁ ନ ଥିବା ବେଳେ ମଙ୍ଗଳବାର ଚରମ୍ପା ଷ୍ଟେଶନରେ ଏପରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଆଜିର ସମ୍ପାଦକୀୟ

ଲାଭ କ୍ଷତି ନା ଧର୍ମ

ଆଜିର ମନ୍ତବ୍ୟ

ଭାରତ ହେଉଛି ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି। ଖୁବ୍‌ଶୀଘ୍ର ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଯାଉଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଛେଉଣ୍ଡକୁ ପାଳେ ବାପର ମା'
ନଇଲେ ମା'ର ମା।

ସାଧାରଣତଃ ପିତୃମାତୃହୀନ ଶିଶୁ ଅନାଥ ହୋଇଥାନ୍ତି। ଏଭଳି ଶିଶୁଙ୍କ ଲାଳନ ପାଳନ ତଥା ଭରଣପୋଷଣ ପିତାମହୀ ନତୁବା ମାତାମହୀ କରିଥାନ୍ତି ବୋଲି ଏଠାରେ ଦର୍ଶାଯାଇଛି।

ଛେଳି ଗୋଡ଼ରେ ଯଦି ଧାନ ମଳିହୁଅନ୍ତା
ତେବେ ବଳଦ କାହିଁକି ଲୋଡ଼ା ହୁଅନ୍ତା ?

ଛେଳି ଦ୍ୱାରା ଧାନ ଅମଳ ହୋଇପାରି ନ ଥାଏ, ସେଥିପାଇଁ ବଳଦର ଆବଶ୍ୟକ ପଡ଼ିଥାଏ। ତେଣୁ ଯେଉଁ କାମକୁ ଯେଉଁ ବ୍ୟକ୍ତି କରିବା କଥା ସେହିଁ କେବଳ ତାକୁ ସୁଚାରୁ ରୂପେ କରିପାରିଥାଏ। ଅକ୍ଷମ ବ୍ୟକ୍ତି ଉପରେ କୌଣସି ଦାୟିତ୍ୱ ନ୍ୟସ୍ତ କରାଗଲେ ତା'ର ସୁଫଳ ମିଳିନଥାଏ। ତେଣୁ ଏଭଳି ବ୍ୟକ୍ତି ଉପରେ କୋଣସି ଦାୟିତ୍ୱ ଦିଆଯିବା ଉଚିତ ନୁହେଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଦୋଷୀ ସ୍ତ୍ରୀ, ପ୍ରେମିକଙ୍କୁ ଆଜୀବନ ଜେଲଦଣ୍ଡ

ସ୍ୱାମୀ ହତ୍ୟା ମାମଲା

ବାଲେଶ୍ୱର,୨୨।୮ (ମାନସ ବିଶ୍ୱାଳ)

ସ୍ୱାମୀଙ୍କୁ ହତ୍ୟା ମାମଲାର ବିଚାର କରି ବାଲେଶ୍ୱର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତାଙ୍କ ସ୍ତ୍ରୀ ଓ ପ୍ରେମିକଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ୨୦୧୮ ମେ' ୨୦ ତାରିଖରେ ଖନ୍ତପଡ଼ା ଥାନା ଅଧୀନ ମାଳ ଗ୍ରାମର ଜୟଦେବ ଦାସ ପ୍ରଧାନଙ୍କୁ ଶୋଇଥିବା ଅବସ୍ଥାରେ କୁରାଢ଼ିରେ ହାଣି ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୋଗରେ ତାଙ୍କ ସ୍ତ୍ରୀ ତିଲୋତ୍ତମା ଦାସ ଓ ପ୍ରେମିକ ମିତେଶ ପରିଡ଼ାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମଙ୍ଗଳବାର ବିଚାରପତି ବିବାସ୍ୱତ ଗୌତମ ଧାରା ୩୦୨ରେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହଯୋଗୀ ଆଇନଜୀବୀ ପ୍ରହ୍ଲାଦ ପତି ପରିଚାଳନା କରୁଥିଲେ।

ପୂର୍ବତନ ବ୍ଲକ ଅଧ୍ୟକ୍ଷ, କ୍ରୀଡ଼ା ଶିକ୍ଷକ ଗିରଫ

ମାହାଙ୍ଗା ନାବାଳିକା ମୃତ୍ୟୁ ଘଟଣା

ମାହାଙ୍ଗା,୨୨।୮ (ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ନାବାଳିକାଙ୍କ ମୃତ୍ୟୁ ଘଟଣାରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଓ କ୍ରୀଡ଼ା ଶିକ୍ଷକ ଅନୁପମ ରାୟଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳିକାଙ୍କ ମୃତ୍ୟୁ ପରେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଶରତ ଏବଂ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ କ୍ରୀଡ଼ା ଶିକ୍ଷକ ଅନୁପମଙ୍କୁ ଗିରଫ କରାଯାଇଛି ବୋଲି କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।

ଜୁନ୍ ୧୮ରେ ମାହାଙ୍ଗା ଥାନା ଅନ୍ତର୍ଗତ ଦଶମ ଶ୍ରେଣୀର ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପୋଲିସକୁ ନ ଜଣାଇ ମୃତଦେହ ପୋଡି ଦିଆଯିବା ସହ ପ୍ରମାଣ ନଷ୍ଟ ପାଇଁ ହାଡ଼ ଓ ପାଉଁଶ ଆଦିକୁ ପାଣିରେ ଫୋପାଡି ନଷ୍ଟ କରି ଦିଆଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ କ୍ରୀଡ଼ା ଶିକ୍ଷକ ଅନୁପମଙ୍କ ମା'ଙ୍କୁ ଶରତ ଫୋନ ଯୋଗେ ଧମକ ଦେବା ସହ ରଫାଦଫା କରିବା ପାଇଁ ୭୦ ହଜାର ଟଙ୍କା ଦାବି କରିବା ଓ ନାବାଳିକାଙ୍କ ମୃତ୍ୟୁର ପ୍ରମାଣ ନଷ୍ଟ କରାଯାଇଥିବା କହିଥିଲେ। ୫୭ ଦିନ ପରେ ଏହାର ଅଡିଓ କ୍ଲିପ୍ ଭାଇରାଲ ହୋଇଥିଲା। ଅପରପକ୍ଷେ ନାବାଳିକାଙ୍କ ସହ ଅନୁପମଙ୍କ ପ୍ରେମ ସମ୍ପର୍କ ଥିବା ନେଇ ମୋବାଇଲ ତଥ୍ୟ ହାସଲ କରି ପୋଲିସ ଜାଣିପାରିଥିଲା। ଗ୍ରାମାଞ୍ଚଳ ଏସ୍‌ପି ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚସ୍ତରୀୟ ତଦନ୍ତ ହୋଇଥିଲା। ଅନୁପମଙ୍କ ଯୋଗୁ ନାବାଳିକା ଜଣକ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ପୋଲିସ କହିଛି। ଏନେଇ ମାହାଙ୍ଗା ଥାନାରେ ମାମଲା (ନଂ. ୨୬୩/୨୩) ରୁଜୁ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ଡାକ୍ତରୀମାଇନା କରାଯାଇଛି। ଅଧିକ ତଥ୍ୟ ହାସଲ ପାଇଁ ଜଣେ ମହିଳା ଡିଏସ୍‌ପିଙ୍କୁ ତଦନ୍ତ ଭାର ଦିଆଯାଇଛି। ଏଥିସହ ଏକ ଅନୁସନ୍ଧାନକାରୀ ଦଳ ନାବାଳିକାଙ୍କ ବାସଭବନ ଓ ମୃତଦେହ ସତ୍କାର କରାଯାଇଥିବା ସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିବା ଜଣାପଡ଼ିଛି।

ଡିଆଇଜି ବ୍ରିଜେଶ...

ପ୍ରଥମ ପୃଷ୍ଠାରୁ...

ବେଳେ ଏବେ ସେ ଦୁଇଟି ଯାକ ଗୋଡ଼ ହରାଇଛନ୍ତି। ତେଣୁ ତାଙ୍କୁ ତୁରନ୍ତ ଆର୍ଥିକ ସହାୟତା ଦେବାକୁ ଦାବି ହୋଇଛି। ଏହି ଘଟଣାରେ ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ପକ୍ଷରୁ ଏନଏଚଆରସିରେ ମାମଲା ରୁଜୁ ହୋଇଛି। ଏପରି ଅମାନୁଷିକ କାଣ୍ଡ ପାଇଁ ଡିଆଇଜି ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତା ହୋମ୍‌ଗାର୍ଡଙ୍କୁ ୩୦ ଲକ୍ଷ କ୍ଷତିପୂରଣ ଦେବାକୁ ଆବେଦନରେ ଉଲ୍ଲେଖ କରାଯାଇଛି। କ୍ଷତିପୂରଣ ରାଶି ଡିଆଇଜିଙ୍କ ଦରମାରୁ କାଟିବା ପାଇଁ ଏତଲାରେ ଦର୍ଶାଯାଇଛି। ହୋମ୍‌ଗାର୍ଡମାନଙ୍କୁ ସରକାରୀ କାମରେ ଲଗାଇବା ବଦଳରେ ଘରୋଇ କାମରେ ନିୟୋଜିତ କରାଯାଉଥିବା ଅନେକ ସମୟରେ ଅଭିଯୋଗ ହେଉଛି। ସ୍ୱଳ୍ପ ବେତନଭୋଗୀ ହୋମ୍‌ଗାର୍ଡମାନେ ଚାକିରି ବଞ୍ଚାଇବା ପାଇଁ ହାକିମଙ୍କ କାମ ବିନା ପ୍ରତିବାଦରେ କରୁଛନ୍ତି। ଚାକିରି ଚାଲିଯିବା ଭୟ ଥିବାରୁ ଅନେକେ ମୁହଁ ଖୋଲୁନାହାନ୍ତି। ଉଚ୍ଚ ପାହ୍ୟାର ଅଧିକାରୀଙ୍କ ଘରେ ବ୍ୟକ୍ତିଗତ କାମ ପାଇଁ ୨ରୁ ୪ ଜଣ ଲେଖାଏ ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଉଛି। ଏଭଳି ପ୍ରଥାକୁ ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ଶେଷ କିଛି ମିନିଟ୍...

କରିବା ସହ ଏକାଧିକ କକ୍ଷପଥ ଓ ବେଗ ହ୍ରାସ କରାଯାଇଥିଲା। ମଙ୍ଗଳବାର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠଠାରୁ ୭୦ କିଲୋମିଟର ଦୂରତାରେ ରହିଛି। ବୁଧବାର ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠର ୨୫ କିଲୋମିଟର ଦୂରରେ ପହଞ୍ଚିବା ପରେ ସଫ୍ଟଲ୍ୟାଣ୍ଡିଂ ପ୍ରକ୍ରିୟା ଆରମ୍ଭ ହେବ। ସେତେବେଳେ ଏହାର ବେଗ ସେକେଣ୍ଡ ପ୍ରତି ୧.୬୮ କିଲୋମିଟର ବା ଘଣ୍ଟା ପ୍ରତି ପାଖାପାଖି ୬,୦୪୮ କିଲୋମିଟର ଥିବ। ଏହା ପରେ ଲ୍ୟାଣ୍ଡରରେ ଥିବା ସମସ୍ତ ଇଞ୍ଜିନ୍‌କୁ ଷ୍ଟାର୍ଟ କରାଯାଇ ଏହାର ବେଗକୁ ହ୍ରାସ କରାଯିବ। ତଥାପି ଲ୍ୟାଣ୍ଡର ଚନ୍ଦ୍ର ପୃଷ୍ଠ ସହ ସମାନ୍ତରାଳରେ ଥିବ। କେତେକ ମାନୋଭର ଜରିଆରେ ଏହାକୁ ଚନ୍ଦ୍ର ପୃଷ୍ଠ ସହ ଭୂଲମ୍ବ କରାଯିବ। ଚନ୍ଦ୍ରପୃଷ୍ଠଠାରୁ ୮୦୦ ମିଟର ଉଚ୍ଚତାରେ ଲ୍ୟାଣ୍ଡର ପହଞ୍ଚିବା ପରେ ଉଭୟ ସମାନ୍ତରାଳ ଏବଂ ଭୂଲମ୍ବ ବେଗ ଶୂନ ହୋଇଯିବ ଏବଂ ଚନ୍ଦ୍ର ପୃଷ୍ଠ ଉପରେ ଏହା ଭାସମାନ ଅବସ୍ଥାରେ ରହି ଲ୍ୟାଣ୍ଡିଂ ସ୍ଥାନର ସର୍ଭେ କରିବ। ଏହା ପରେ ୧୫୦ ମିଟର ଉଚ୍ଚତାରେ ପହଞ୍ଚିବା ପରେ ସବୁଠୁ ଲ୍ୟାଣ୍ଡିଂ ସ୍ଥାନ ଚିହ୍ନଟ କରିବ। ଶେଷରେ ମାତ୍ର ୨ଟି ଇଞ୍ଜିନ ଚାଲୁଥିବାବେଳେ ଏହା ଚନ୍ଦ୍ରପୃଷ୍ଠ ଛୁଇଁବ। ଏହାର ଲେଗ୍‌ଗୁଡ଼ିକୁ ଏଭଳି ଡିଜାଇନ କରାଯାଇଛି ଯାହା ସେକେଣ୍ଡ ପ୍ରତି ୩ ମିଟର ବେଗର ପ୍ରଭାବକୁ ଗ୍ରହଣ କରିପାରିବ। ଲେଗ୍‌ର ସେନ୍‌ସର ଚନ୍ଦ୍ରପୃଷ୍ଠ ଛୁଇଁବା ଅନୁଭବ କରିବା ପରେ ଏହାର ଇଞ୍ଜିନଗୁଡ଼ିକ ବନ୍ଦ ହୋଇଯିବ ଓ ୨୦ ମିନିଟ୍ ଉତ୍କ୍ରାନ୍ତିର ଅବସାନ ଘଟିବ।

ଘର ନିର୍ମାଣ ଅନୁମତିରେ...

୨୧ ଲକ୍ଷ ଜମା ରହିଛି। ଏସବୁ ଜମାଟଙ୍କା ଜବତ କରାଯାଇଛି। ପୂଜକଙ୍କ ଜମାଖାତାକୁ ଲାଞ୍ଚ ଟଙ୍କା ଯାଉଥିଲା ବୋଲି ଏସ୍‌ପି କହିଥିଲେ। ସୂଚନାଯୋଗ୍ୟ, ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ର ଅଗଷ୍ଟ ୧୮ରେ ତାଙ୍କ ଅଜାଣତରେ ଗୃହ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିବା ଜାଣିବା ପରେ କ୍ଷେତରାଜପୁର ଥାନାରେ ଅଭିଯୋଗ କରିଥିଲେ। ଗୋପାଳପାଲିର ସବିତା ବଘାରଙ୍କ ନାମରେ ଏହି ଅନୁମତି ଦିଆଯାଇଥିଲା। ଗୃହରଣ ଦେଉଥିବା ବରେଇପାଲିର ଏକ ବ୍ୟାଙ୍କରୁ ପ୍ଲାନିଂ ଅଫିସରଙ୍କ ପାଖକୁ ଚିଠି ଆସିବା ପରେ ଏହା ଜଣାପଡ଼ିଥିଲା। ଏହି ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ଏସ୍‌ଡିଏର ଜଣେ ଅଧିକାରୀ ଅଭିଯୋଗ କରିବା ପରେ ପୋଲିସ ଓ ପ୍ରଶାସନ ତତ୍ପରତା ଦେଖାଇଥିଲା।

ସ୍ୱାଧୀନତା ସଂଗ୍ରାମୀ...

ଥାନା ଇନ୍ସପେକ୍ଟର ସରୋଜ କୁମାର ସାହୁଙ୍କ ସମେତ ବହୁ ପୋଲିସ କର୍ମଚାରୀ ଗାର୍ଡ ଅଫ୍ ଅନର ସହ ତୋପ ସଲାମି ପ୍ରଦାନ କରିଥିଲେ। ମକରଙ୍କ ବଡ଼ ପୁଅ ପଞ୍ଚାନନ ମୁଖାଗ୍ନି ଦେଇଥିବା ବେଳେ ପୁଅ ରମେଶ ଓ ଦାମୋଦର ଉପସ୍ଥିତ ଥିଲେ।

୧୯୨୪ରେ ହାଟବାଣପୁର ଗାଁର ଆକୁଳି ମା' ପଦ୍ମାବତୀଙ୍କ କୋଳରୁ ଜନ୍ମ ନେଇ ପରେ ପାଳିତ ମାତାପିତା ମଣି ଓ ଜହ୍ନଙ୍କ ପାଖରେ ଲାଳନପାଳନ ହୋଇଥିଲେ। ୧୯୩୪ ମେ ୨୯ରେ କେନ୍ଦ୍ରାପଡ଼ା ଅଞ୍ଚଳକୁ ଗାନ୍ଧିଜୀଙ୍କ ଐତିହାସିକ ପଦଯାତ୍ରା ସମୟରେ ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ ବଡ଼ସଲାରଠାରେ ଜାଗରଣ ସଭା ହୋଇଥିଲା। ମାତ୍ର ୧୦ ବର୍ଷରେ ମକର ଜାତୀୟତା ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଗାନ୍ଧୀଙ୍କ ନେତୃତ୍ୱରେ ବ୍ରିଟିଶ ସରକାର ବିରୋଧୀ ଆନ୍ଦୋଳନରେ ନିଜକୁ ଝାସ ଦେଇଥିଲେ। ଏହା ପରେ ମକର କେନ୍ଦ୍ରାପଡ଼ାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପୁରୁଷୋତ୍ତମ ନାୟକଙ୍କ ନେତୃତ୍ୱରେ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ ଓ ସରକାରୀ ଆସବାବପତ୍ରକୁ ନଷ୍ଟ କରିବା ଅଭିଯୋଗରେ ମକର ୬ ମାସ ୮ ଦିନ କେନ୍ଦ୍ରାପଡ଼ା, କଟକ ଓ ବ୍ରହ୍ମପୁର ଜେଲ୍‌ରେ ନଂ. ୧୨୨୫୨ କଏଦୀ ଭାବେ କାରାଗାରରେ ଜୀବନ ବିତାଇ ଥିଲେ। ତେବେ ୧୯୪୩ରେ ମକର କାରାଗାରରୁ ମୁକ୍ତ ହେବା ପରେ ଚରଖାରେ ସୂତା କାଟିବା, ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ, ଯୌତୁକ ପ୍ରଥା ବିରୋଧରେ ଆନ୍ଦୋଳନ ଇତ୍ୟାଦି କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ।

ବିଭିନ୍ନ ସମ୍ମାନର ଅଧିକାରୀ ଥିଲେ ମକର

୧୯୭୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ତାମ୍ର ଫଳକ ସମ୍ମାନ, ୧୯୮୫ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ସମ୍ମାନ, ୧୯୮୬ରେ ରାଜ୍ୟପାଳ ବି.ଏନ୍.ପାଣ୍ଡେଙ୍କ ଦ୍ୱାରା ମକର ସମ୍ମାନିତ ହୋଇଥିଲେ। ୧୯୯୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ମକର ସମ୍ମାନିତ ହୋଇଥିବା ବେଳେ ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରାନ୍ତି ଦିବସ ଅଗଷ୍ଟ ୯ରେ ତତ୍କାଳୀନ ରାଷ୍ଟ୍ରପତିଙ୍କ ଦ୍ୱାରା ରାଷ୍ଟ୍ରପତି ଭବନରେ ଆଟ୍ ହୋମ୍ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିଲେ। ୨୦୨୦ରେ କରୋନା ସମୟରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ବୀର ସୈନିକ ସମ୍ମାନକୁ କେନ୍ଦ୍ରାପଡ଼ା ଜିଲାପାଳ ହାଟବାଣପୁରସ୍ଥିତ ବାସଭବନରେ ମକରଙ୍କୁ ପ୍ରଦାନ କରିଥିଲେ। ୨୦୨୩ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ ରାଷ୍ଟ୍ରପତିଙ୍କଠାରୁ ଆସିଥିବା ଉପଢୌକନ, ମାନପତ୍ର ସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ମକରଙ୍କୁ ସମ୍ମାନିତ କରାଯାଇଥିଲା।

୨୦୨୪ରୁ ମେଗା ପାଇପଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ

ଖୋର୍ଦ୍ଧା ହାବେଲି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ (ବାମ))। ୫–ଟି ସଚିବ ଭି.କେ. ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି।

୫-ଟି ସଚିବଙ୍କ ଖୋର୍ଦ୍ଧା ଜିଲା ଗସ୍ତ

ମହିଳା ସଶକ୍ତୀକରଣ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ

ଖୋର୍ଦ୍ଧା,୨୨।୮ (ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ (୫–ଟି) ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଜିଲା ଗସ୍ତକରି ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଏହିକ୍ରମରେ ମଙ୍ଗଳବାର ୫–ଟି ସଚିବ ଖୋର୍ଦ୍ଧା ଗସ୍ତରେ ଆସି ବେଗୁନିଆ, ଖୋର୍ଦ୍ଧା ଏବଂ ବାଣପୁର ବ୍ଲକ ଗସ୍ତ କରିଥିଲେ। ୯୨୨କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ବେଗୁନିଆ, ବୋଲଗଡ଼, ଖୋର୍ଦ୍ଧା, ଟାଙ୍ଗୀ, ବାଣପୁର ଓ ଚିଲିକାରେ ମେଗା ପାଇପ୍ ପାନୀୟଜଳ ପ୍ରକଳ୍ପର ସମୀକ୍ଷା କରିଥିଲେ। ୨୦୨୪ ଜାନୁୟାରୀରୁ ଏହା କାର୍ଯ୍ୟକ୍ଷମ ହେବ। ଏଥିସହିତ ୩୫କୋଟି ଟଙ୍କା ବ୍ୟୟ ଅଟକଳରେ ଟାଙ୍ଗୀ ଏବଂ ଚିଲିକାଠାରେ ନିର୍ମାଣ ହେବାକୁ ଥିବା ମାଛ ରକ୍ଷଣ କେନ୍ଦ୍ର ସମୀକ୍ଷା କରିଥିଲେ। ମା'ଉଗ୍ରତାରା ପୀଠ ଏବଂ ବାଣପୁର ଭଗବତୀ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ୧୯ କୋଟି ଲେଖାଏ ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି। ବାଣପୁର ଏବଂ ବାଲୁଗାଁ ଏନ୍‌ଏସିରେ ରହିଥିବା ପାନୀୟଜଳ ସମସ୍ୟା ସମାଧାନ ପାଇଁ ୧୬କୋଟି ବ୍ୟୟ ଅଟକଳରେ ଚାଲିଥିବା ମେଗା ୱାଟର ସପ୍ଲାଇ ପ୍ରୋଜେକ୍ଟର ସମୀକ୍ଷା କରିଥିଲେ। ଟାଙ୍ଗୀ ବ୍ଲକର ନିରାକାରପୁରଠାରେ ଫ୍ଲାଏଓଭରବ୍ରିଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ୫୮କୋଟି ଏବଂ ବୋଲଗଡ଼ଠାରେ ୧୩୩/୩୩ କେଭି ଗ୍ରୀଡ୍ ଷ୍ଟେଶନ ନିର୍ମାଣ ପାଇଁ ୫୨ କୋଟିବ୍ୟୟ ମଞ୍ଜୁର ହୋଇଥିବା ପାଣ୍ଡିଆନ୍‌କହିଛନ୍ତି।

ପୂର୍ବାହ୍ନରେ ପାଣ୍ଡିଆନ୍ ବେଗୁନିଆ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରେ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିବା ସହ ୪୩୦ଟି ଅଭିଯୋଗପତ୍ର ଗ୍ରହଣ କରିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ୫–ଟି ସଚିବ କାର୍‌ରେ ଖୋର୍ଦ୍ଧା ହାବେଲି ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ଠାରୁ ୪୧୦ଟି ଅଭିଯୋଗପତ୍ର ଗ୍ରହଣ ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ପାଇକ ଗବେଷଣା ପ୍ରତିଷ୍ଠାନ, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ପାଇଁ ଅଭିଯୋଗ ଗ୍ରହଣ କରିଥିଲେ। ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ୧୫ପଞ୍ଚାୟତର ଏଖରାଜାତ ମାହଲ ତଥା ଶ୍ରୀମନ୍ଦିର ଜମି ସମସ୍ୟା ସମାଧାନ କରାଯିବ। ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ବିକାଶରେ ମହିଳାଙ୍କ ସହଭାଗିତାକୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଉଛନ୍ତି। ମହିଳାଙ୍କ ବିକାଶରେ ଓଡ଼ିଶା ସମୃଦ୍ଧ ହୋଇପାରିବ ବୋଲି ପାଣ୍ଡିଆନ୍ କହିଥିଲେ। ୫–ଟି ସଚିବଙ୍କ ଗସ୍ତ ସମୟରେ ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିଲିନ କ୍ରିଷ୍ଣା, ଆଇଜି ଆଶିଷ ସିଂ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଆଶିଷ କୁମାର ଜେନାଙ୍କୁ ଯୁଗ୍ମ ଏସ୍‌ଆର୍‌ସି ଦାୟିତ୍ୱ

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ମଙ୍ଗଳବାର ଓଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ବଦଳି କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ

'ଶାନ୍ତ, ସହନଶୀଳ ହେଲେ ଜ୍ଞାନ ବୃଦ୍ଧି ହୁଏ'

କଟକ,୨୨।୮ (କାର୍ତ୍ତିକ ସାହୁ)

ମଣିଷ ମଧ୍ୟରେ ଅନ୍ତର୍ନିହିତ ଚିନ୍ତାଶକ୍ତି ଭରି ରହିଛି। ଏହି ଚିନ୍ତାଶକ୍ତିର ବ୍ୟବହାର ପ୍ରତ୍ୟେକ ଦିନ କରାଯିବା ଆବଶ୍ୟକ। ପ୍ରତ୍ୟେକ ପିଲାଠାରେ ରହିଥିବା ଜାଣିବାର ଇଚ୍ଛା ଗୁଣ ଈଶ୍ୱରଦତ୍ତ। ତା'କୁ ମାତାପିତା ବାଧା ଦେବା ଉଚିତ୍ ନୁହେଁ। କାହିଁକି ନା ପ୍ରଶ୍ନ ପଚାରିବାର ଆଗ୍ରହ ରହିଲେ ପିଲାମାନେ ସବୁକିଛି ଜାଣିପାରିବେ। ଠିକ୍‌ଭୁଲ୍‌ର ବିଚାର କରିପାରିବେ ବୋଲି 'ଧରିତ୍ରୀ'ର ୫୦ବର୍ଷ ପାଳନ ଉପଲକ୍ଷେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମତବ୍ୟକ୍ତ କରିଛନ୍ତି।

ସତପଥୀ କହିଲେ, ଆମେ ଜ୍ଞାନକୁ ଏକ ଲକ୍ଷ୍ୟ ବୋଲି ଭାବୁ। ଜ୍ଞାନର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥାଏ। ସାଧାରଣ ମଣିଷ ମାନସିକ ଶକ୍ତିର ମାତ୍ର ୭.୩% ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବ୍ୟବହାର କରିଥାନ୍ତି। ଆଇନ୍‌ଷ୍ଟାଇନଙ୍କ ଭଳି ବୈଜ୍ଞାନିକ ମାନସିକ ଶକ୍ତିର ୨୩ରୁ ୨୭% ପର୍ଯ୍ୟନ୍ତ ବ୍ୟବହାର କରିଥାନ୍ତି। ଅଶାନ୍ତ ପରିସ୍ଥିତିରେ ଆମେ କିଛି ଶିଖିପାରିବା ନାହିଁ। ଯେତେବେଳେ ଜଣେ ସହନଶୀଳ ହୋଇଯିବ, ଆଗକୁ ଯିବା ସହଜ ହେବ। ତେଣୁ ଯୁବପିଢ଼ି ସର୍ବଦା ଶାନ୍ତ ରହିବା ଆବଶ୍ୟକ। ଶାନ୍ତ ଏବଂ ସହନଶୀଳ ରହିଲେ ପ୍ରଶ୍ନ କରିବାର ସାମର୍ଥ୍ୟ ଆସିବ। ବ୍ୟକ୍ତିଗତସ୍ତରରେ ମଧ୍ୟ ଉନ୍ନତି ହେବ। ଯୁବପିଢ଼ି ପ୍ରଶ୍ନ ପଚାରନ୍ତୁ, ଜ୍ଞାନବୃଦ୍ଧି କରନ୍ତୁ। ସେ ଆହୁରି ମଧ୍ୟ କହିଲେ ଯେ, ମାତୃଭାଷାକୁ ଗଭୀରତାର ସହ ଶିଖିଲେ ସବୁ ଭାଷା ଶିଖି ହୋଇଯିବ। ଓଡ଼ିଆ ଭାଷା ପାଲି ଭାଷାରୁ ଆସିଛି। ସେଥିପାଇଁ ଏହାର ଅକ୍ଷର ଉପରେ ଗାର ପଡ଼ିନାହିଁ। ସେଥିପାଇଁ ଆମ ଭାଷା ସମ୍ପୂର୍ଣ୍ଣ ଭିନ୍ନ ଓ ଏହାକୁ ନେଇ ଆମେ ଗର୍ବ କରିବା ଉଚିତ୍। ଯୁବପିଢ଼ିଙ୍କ ପାଇଁ ପ୍ରଥମେ ମା'ବାପା, ଦ୍ୱିତୀୟରେ ଶିକ୍ଷୟିତ୍ରୀଶିକ୍ଷକ ଓ ତା'ପରେ ସମାଜ ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଯୁବପିଢ଼ି ଦେଶର ଭବିଷ୍ୟତ। ସେମାନେ ସର୍ବଦା ଆଗକୁ ଆସନ୍ତୁ। ଦେଶ ପାଇଁ କିଛି କରିବାର ମନୋବୃତ୍ତି ସେମାନଙ୍କଠାରେ ରହୁ। ବରେଣ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ବର୍‌ସାର ଡ. ପ୍ରଶାନ୍ତ କୁମାର ସାମନ୍ତରାୟ କହିଲେ, ଗଣମାଧ୍ୟମରେ ଦୈନନ୍ଦିନ ଅନେକ ଶିକ୍ଷଣୀୟ ପ୍ରସଙ୍ଗ ରହୁଛି। ଯୁବପିଢ଼ି ସେସବୁ ଅଧ୍ୟୟନ କରିବା ଆବଶ୍ୟକ। ନିଜ ଜୀବନରେ ମାର୍ଗଦର୍ଶନ ପାଇଁ ଆଦର୍ଶକୁ ଅନୁସରଣ କରିବା ଉଚିତ।

ବିଚାରକ ଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମୌସୁମୀ ପଟ୍ଟନାୟକ କହିଲେ, ସାମାଜିକ ଗଣମାଧ୍ୟମରେ ଆସୁଥିବା ଗଣମାଧ୍ୟମରେ ବ୍ୟବସାୟୀକରଣ ପାଇଁ ଅନେକ ସମୟରେ ମିଥ୍ୟା ଖବର ଆସୁଛି। ଯୁବପିଢ଼ି ଏଥିପ୍ରତି ସଜାଗ ରହିବା ଆବଶ୍ୟକ। ଗଣତନ୍ତ୍ରରେ ସୂଚନା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଏହାକୁ ପାଇବା ଦିଗରେ ମୁଦ୍ରିତ ଗଣମାଧ୍ୟମ ହିଁ ନିର୍ଭରଯୋଗ୍ୟ। ସବୁଦିଗରୁ ଖବରର ସତ୍ୟତା ପରଖିବା ପରେ ତାହାକୁ ବିଶ୍ୱାସକୁ ନେବା ଉଚିତ୍। ବିଚାରକ ଭାବେ ଇମର୍ତ୍ତିଦେବୀ ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପିକା ମୋନିକା ନନ୍ଦ କହିଲେ, ବର୍ତ୍ତମାନ ଗଣମାଧ୍ୟମରେ ଯୁବପିଢ଼ିଙ୍କୁ ସାମିଲ କରାଇବା ଭଳି ଅଧିକ ଉପାଦାନ ରହୁଛି। ପୂର୍ବଠାରୁ ବର୍ତ୍ତମାନର ଗଣମାଧ୍ୟମ ଅପେକ୍ଷାକୃତ ଅଧିକ କ୍ରିୟାଶୀଳ ହୋଇପାରିଛି। ଗଣମାଧ୍ୟମରେ ଯୁବପିଢ଼ି ନିଜର ମତ ଉପସ୍ଥାପନ କରିବାର ସୁଯୋଗ ପାଉଛନ୍ତି, ଯାହାକି ସେମାନଙ୍କୁ ଦେଶ ତଥା ସମାଜ ପାଇଁ ଚିନ୍ତା କରିବାର ଅବକାଶ ଆଣିଦେଉଛି। ଅନ୍ୟତମ ବିଚାରକ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ତଥା ରିଡର୍ ଡ. ରାଜେନ୍ଦ୍ର କୁମାର କୁଅଁର କହିଲେ, ଗଣତାନ୍ତ୍ରିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ଉଭୟ ଯୁବପିଢ଼ି ଓ ଗଣମାଧ୍ୟମର ଆବଶ୍ୟକତା ରହିଛି। ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ନିର୍ଭିକ ଓ ବଳିଷ୍ଠ ଜନମତ ଗଢ଼ି ତୋଳିବାରେ ସହାୟକ ହେଉଛି। ଯୁବଶକ୍ତି ହେଉଛନ୍ତି ଦେଶର ଭବିଷ୍ୟତ। ସେମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବାକୁ ଆଗେଇ ଆସିବା ଉଚିତ୍। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ନରେନ୍ଦ୍ର ନାଥ ନାୟକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡ. ସଞ୍ଜିତା ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ଇମର୍ତ୍ତିଦେବୀ ମହିଳା ମହାବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରୁ ୧୯ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସ୍ମିତା ସାହୁ ପ୍ରଥମ, ସୁଶ୍ରୀ ସଙ୍ଗୀତା ସାହୁ ଦ୍ୱିତୀୟ ଓ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ପ୍ରିୟଙ୍କା ବେହେରା ତୃତୀୟ ବିଜେତା ଘୋଷିତ ହୋଇଥିଲେ। ଧରିତ୍ରୀ ପକ୍ଷରୁ ପି. କେ. ରଥ, କାର୍ତ୍ତିକ ସାହୁ, ସୁପ୍ରିୟା ପ୍ରିୟଦର୍ଶିନୀ, ରାଜକିଶୋର ମହାନ୍ତି, ପ୍ରସନ୍ନ କୁମାର ପାଢ଼ୀ, ବିଶ୍ୱଜିତ୍ ନାୟକ, ମାନସ କୁମାର ସାମଲ, ସତ୍ୟରଞ୍ଜନ ଦାସମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

'ଧରିତ୍ରୀ'ର ୫୦ ବର୍ଷ ପାଳନ ଅବସରରେ ମଙ୍ଗଳବାର କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଗାୟତ୍ରୀ ବିଶ୍ୱାଳ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏବଂ ବିଚାରକ ମଣ୍ଡଳୀ (ଉପର)। ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ବିଶିଷ୍ଟ ବ୍ୟକ୍ତିମାନେ (ତଳ)।

ବିଜେତାଙ୍କ ମୁହଁରୁ

ସାମାଜିକ ଗଣମାଧ୍ୟମ ଭରସାଯୋଗ୍ୟ ନୁହେଁ। ବର୍ତ୍ତମାନର ଡିଜିଟାଲ ଯୁଗରେ ମୁଦ୍ରିତ ଗଣମାଧ୍ୟମର ଏକ ଦସ୍ତାବିଜ୍ ସଦୃଶ।

ସତ୍ୟର ପ୍ରତିଷ୍ଠା କ୍ଷେତ୍ରରେ ଯୁବପିଢ଼ି ସର୍ବଦା ଚେଷ୍ଟିତ ରହନ୍ତୁ। ହୀନ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଯୁବପିଢ଼ି ଗଣତନ୍ତ୍ରର ସୁରକ୍ଷା ପାଇଁ ନିଜକୁ ସାମିଲ କରନ୍ତୁ। ଗଣମାଧ୍ୟମରେ ଅଯଥା ଛୋଟ ପ୍ରସଙ୍ଗକୁ ବିରାଟ କରାନଯାଉ। ଏହାଦ୍ୱାରା ସମାଜ ଉପରେ କୁପ୍ରଭାବ ପଡୁଛି । ଧରିତ୍ରୀର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ।

–ମଧୁସ୍ମିତା ସାହୁ, ପ୍ରଥମ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ

ଆଜିକାଲି ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତାର ଅଭାବ ଦେଖାଦେଇଛି। ଏଥିପାଇଁ ଯୁବପିଢ଼ି ପଦକ୍ଷେପ ନେବା ଆବଶ୍ୟକ। ଦେଶର ସଚେତନ ଯୁବପିଢ଼ି ହିସାବରେ ଆମେ ଅଧିକ ଦାୟିତ୍ୱବାନ ତଥା ଦକ୍ଷତାର ସହ କାର୍ଯ୍ୟ କରିପାରିବା। ଯୁବପିଢ଼ି ଯେପରି ଗଣମାଧ୍ୟମର ଟିଆର୍‌ପିରେ ଧ୍ୟାନ ନ ଦେଇ

ସାଧାରଣ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ଖବର ଲୋକମାନଙ୍କ ପାଖରେ ପହଞ୍ଚିବା ଦରକାର। ସରକାରରେ ଥିବା ଶାସକ ଦଳ ଗଣତନ୍ତ୍ର ଦ୍ୱାରା ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥାକୁ ଚଳାଉଛନ୍ତି, ଉପଯୁକ୍ତ ସାମ୍ବାଦିକତା ମାଧ୍ୟମରେ ସେମାନଙ୍କ ଲୋକ ସମ୍ମୁଖରେ ଆସିପାରିବ।

– ସୁଶ୍ରୀ ସଙ୍ଗୀତା ସାହୁ, ଦ୍ୱିତୀୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ

ଗଣତନ୍ତ୍ରକୁ ଆଗେଇ ନେବାରେ ଗଣମାଧ୍ୟମ ଏକ ବଳିଷ୍ଠ ମାଧ୍ୟମ। ଗଣମାଧ୍ୟମ ଦ୍ୱାରା ଯୁବପିଢ଼ି ବହୁ

ଭାବେ ପ୍ରଭାବିତ ହୋଇଥାନ୍ତି। ଗଣମାଧ୍ୟମ ଦ୍ୱାରା ସମାଜରେ ହେଉଥିବା ଦୁର୍ନୀତି ଆଦିର ପର୍ଦ୍ଦାଫାଶ ହେଉଛି। ଲୋକେ ସଜାଗ ହୋଇପାରୁଛନ୍ତି। ତେଣୁ ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବପିଢ଼ିକୁ ସଚେତନ କରାଇବାରେ ଗଣମାଧ୍ୟମର ବିଶେଷ ଭୂମିକା ରହିଛି। ଆଗାମୀ କାଲିର ଭବିଷ୍ୟତ ଭାବେ ରାଷ୍ଟ୍ର ନିର୍ମାଣରେ ଏବେଠୁ ଯୁବସମାଜ ଦୃଢ଼ ସଙ୍କଳ୍ପ ନେବାର ଆବଶ୍ୟକତା ରହିଛି।

– ପ୍ରିୟଙ୍କା ବେହେରା, ତୃତୀୟ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ

ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ

ନିଅଣ୍ଟିଆ ବର୍ଷା ବଢ଼ାଇଲା ଚାଷୀଙ୍କ ଚିନ୍ତା

୧୧ ଜିଲାରେ ମରୁଡ଼ି ଆଶଙ୍କା

ଭୁବନେଶ୍ୱର,୨୨।୮ (ଅନିଲ ଦାସ)

ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ କରିବା ପରଠାରୁ ୫ଟି ଲଘୁଚାପ ସୃଷ୍ଟି ହେଲାଣି। ଜୁଲାଇ ୩୦ ତାରିଖରେ ହୋଇଥିବା ଲଘୁଚାପକୁ ଛାଡ଼ିଦେଲେ ଅନ୍ୟ ୪ଟିରେ ବର୍ଷା ନାହିଁ। ରାଜ୍ୟର ୧୧ ଜିଲାରେ ଏବେ ନିଅଣ୍ଟିଆ ବର୍ଷା ଚାଷୀଙ୍କ ସମସ୍ୟା ବଢାଇ ଦେଇଛି। ଶ୍ରାବଣ ମାସ ଶେଷ ହେବାକୁ ବସିଲାଣି । ବିଲରେ ଧାନତଳି ଚୁଆ ହୋଇପାରିଲା ନାହିଁ। ଆକାଶକୁ ଚାହିଁ ବସିଛନ୍ତି ଚାଷୀ। ତେବେ ଯେଉଁ ଜିଲାରେ ଧାନ ଚୁଆ ହୋଇଛି ସେଠାରେ ମଧ୍ୟ ଚାଷ ଅବସ୍ଥା ବେଳକୁବେଳ ବିଗଡ଼ିବାରେ ଲାଗିଛି। ନିକଟରେ ରାଜ୍ୟକୁ ଆଉ ସେପରି ବଡ଼ ବର୍ଷାର କୌଣସି ସୂଚନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଚାଷ କେମିତି ହେବ ସେ ଚିନ୍ତା ଚାଷୀଙ୍କୁ ଘାରିଛି। ପାଣିପାଗ ବିଭାଗ ହିସାବ ଅନୁଯାୟୀ ଜୁନ୍ ପହିଲାରୁ ଅଗଷ୍ଟ ୨୨ ତାରିଖ ଯାଏ ରାଜ୍ୟରେ ୮୨୨.୯ ମିଲିମିଟର ବର୍ଷା ହେବା କାଗାରେ ହୋଇଛି ୭୩୪.୮ ମିଲିମିଟର। ରାଜ୍ୟର ୧୧ଟ ଜିଲାରେ ବର୍ଷା ନିଅଣ୍ଟିଆ ହୋଇଛି। ନବରଙ୍ଗପୁର ଜିଲାରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୫, ଗଞ୍ଜାମ ୩୨, କଳାହାଣ୍ଡି ୩୪, ରାୟଗଡ଼ା ୨୬, କୋରାପୁଟ ୨୨, ପୁରୀ ୨୨, ଯାଜପୁର ୨୫, ଜଗତ୍‌ସିଂହପୁର ୨୫, କଟକ ୨୧ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୨ ପ୍ରତିଶତ କମ୍ ବର୍ଷା ହୋଇଛି। ଉକ୍ତ ଜିଲାଗୁଡ଼ିକର ଅଧିକାଂଶ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ରପଡ଼ା ଜିଲାର ଗରଦପୁର, ମହାକାଳପଡ଼ା, ମାର୍ଶାଘାଇ ବ୍ଲକ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ନବରଙ୍ଗପୁର ବ୍ଲକର ପାପଡ଼ାହାଣ୍ଡି, ଚନ୍ଦାହାଣ୍ଡି, ଉମରକୋଟ, ଡାବୁଗାଁ, ତେନ୍ତୁଳୁଖୁଣ୍ଟି ଏବଂ ଗଞ୍ଜାମ ଜିଲାର ୮ରୁ ୧୦ଟି ବ୍ଲକରେ ବର୍ଷାଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

ଆଜି ଶ୍ରୀମନ୍ଦିରରେ ୪ଘଣ୍ଟା ଦର୍ଶନ ବନ୍ଦ

ପୁରୀ,୨୨।୮ (ଅଜିତ ମହାନ୍ତି)

ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦଉମହାପାତ୍ର ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ

ମହାପ୍ରଭୁଙ୍କ ବନକ ଲାଗି ନୀତି

କରିଥାନ୍ତି। ତେବେ ଏହା ଗୁପ୍ତନୀତି ହୋଇଥିବାରୁ ବୁଧବାର ସନ୍ଧ୍ୟା ୬ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବ। ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

କର୍ମଚାରୀ ଆବଶ୍ୟକ
Construction Office ଭୁବନେଶ୍ୱରରେ Tender କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ ।
ରହିବା, ଖାଇବା ସୁବିଧା ଉପଲବ୍ଧ ।
Contact:8144662274

ଆବଶ୍ୟକ
ଓଁ ଶ୍ରୀ ଆୟୁର୍ବେଦିକ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ । ରହିବା ଓ ଖାଇବାର ସୁବିଧା ଅଛି ।
ଦରମା– ଟ.୧୦,୦୦୦/–
ଯୋଗାଯୋଗ:
8984728171/9861609921

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍ ଆଇଡି: crpd@sbi.co.in
ଏସବିଆଇରେ ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଏବଂ ଚୁକ୍ତିନାମା ଆଧାରରେ
ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଏବଂ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

କ୍ର. ସଂ.	ପଦବୀ	ବିଜ୍ଞାପନ ସଂ.	ଖାଲି ପଦବୀ
1	ଫ୍ୟାକଲ୍ଟି (କାର୍ଯ୍ୟନିର୍ବାହୀ ଶିକ୍ଷା)	CRPD/SCO/2023-24/15	1
2	କ୍ରେଡିଟ୍ ଆର୍ଥିକ ବିଶ୍ଳେଷକ	CRPD/SCO/2023-24/16	3

(ନିୟମିତ ପଦବୀ: କ୍ର. ନଂ. 2) (ଚୁକ୍ତିଭିତ୍ତିକ ପଦବୀ: କ୍ର. ନଂ. 1)
ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଦେଖି ନିଅନ୍ତୁ ।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.08.2023 ରୁ 29.08.2023 ପର୍ଯ୍ୟନ୍ତ ।
ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ ।
ସ୍ଥାନ: ମୁମ୍ବାଇ
ତାରିଖ: 08.08.2023
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

BOOM FLOWER®
NITROBENZENE 20% EW
A NEW GENERATION PLANT GROWTH REGULATOR
No. 1 Brand
20 Years of Trust
NOW WE ARE BACK WITH CIB / GOVT REGN
A leading Agrochemical Manufacturing and Exporting Company with its Flagship product & Brand Leader BOOM FLOWER (New Generation Plant Growth Regulator & Now CIB/Govt. Approved) and also dealing with quality Biostimulants, Biological Pesticides & Bio Fertilizers having branches all over India are recruiting the following positions in their marketing expansion program.
SALES OFFICERS ODISHA STATE H.Q.
BHADRAK, BHARAMPUR, JAJPUR, JAIPUR, BHAWANI PATNA, BERGER, SUNDERGARH,
Qualification: Minimum 2-3 Years experience in Agriculture Business Sales for specifically in H.Q. location with B.Sc (Agri)/Diploma or equivalent.
Competitive Salary and Attractive Incentive and Additional Perks will be given for the selected candidates.
Please send your resume on the email or WhatsApp number.
Please also mention the name of H.Q. that you are applying for, on the top of application.
DEVI CROPSCIENCE PVT LTD
Corporate Office : 'Devi House', 281-4, Sivagangai Main Road, Gomathipuram, Madurai-625020, Tamilnadu.
Branch Office : No.540/2726, Gosala Road, Nayabazar, Madhupatna, Cuttack - 753004, Odisha
DEVI देवी
Email : pune@devicropscience.com | cuttack@devicropscience.com
bkrout@devicropscience.com | WhatsApp No.-8327707879 / 8986192352
INTERESTED DEALERS AND DISTRIBUTORS PLEASE CONTACT US FOR BUSINESS
Sakshi COMMUNICATION

Explore Career Opportunities at
Rambha Palace, Odisha's Heritage Jewel
We Are Hiring!

ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ୱର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା । ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ୍ୟ ପଡୁଛି–ଏହା ଆମେ ଆହୁରି ଅଧିକ ପରିମାଣରେ ମଧ୍ୟ ଦେଖିପାରିବା । **–ଶ୍ରୀଅରବିନ୍ଦ**

ଲାଭ କ୍ଷତି ନା ଧର୍ମ

କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ–କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବାର ୪ ବର୍ଷ ପୂରିଗଲାଣି । ପଦକ୍ଷେପ ସ୍ୱରୂପ ଜମ୍ମୁ–କଶ୍ମୀରର ସ୍ୱତନ୍ତ୍ର ପାହ୍ୟାକୁ ହଟାଇ ନିଆଯାଇ ଏହାକୁ ଭାଙ୍ଗି ଜମ୍ମୁ–କଶ୍ମୀର ଓ ଲଦାଖ ୨ କେନ୍ଦ୍ର ଶାସିତ ଅଞ୍ଚଳ କରାଯାଇଛି । ତେବେ ସେତେବେଳେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ୩୭୦ ଅନୁଚ୍ଛେଦ ଦ୍ୱାରା ଜମ୍ମୁ –କଶ୍ମୀର ଓ ଲଦାଖର ବିକାଶ ପଛାଇଯାଇଥିଲା ଓ ଏବେ ଏହି ସମସ୍ୟା ଦୂରହେବା ସହ ଏକ ନୂଆ ଯୁଗ ଆରମ୍ଭ ହେଲା । ସେ ମଧ୍ୟ ପ୍ରକାଶ କରିଥିଲେ ଯେ, ୩୭୦ ଅନୁଚ୍ଛେଦ ବିଚ୍ଛିନ୍ନତାବାଦ, ଉଗ୍ରବାଦ , ବଂଶବାଦ ଓ ଦୁର୍ନୀତିର ମୂଳ କାରଣ । ତେବେ ସରକାରଙ୍କ ଏହି ପଦକ୍ଷେପ ଉପରେ ସୁପ୍ରିମକୋର୍ଟରେ ବିଚାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଚଳିତ ବର୍ଷ ଜୁଲାଇ ୧୦ରେ କେନ୍ଦ୍ର ସରକାର ଏକ ସତ୍ୟପାଠ ଦାଖଲକରି କହିଥିଲେ ଯେ, ୩୭୦ ଉଚ୍ଛେଦ କରାଯିବା ପରେ ସେଠାରେ ଏକ ଅଭୂତପୂର୍ବ ପ୍ରଗତି ଓ ସ୍ଥିରତା ଆସିପାରିଛି । ସରକାରଙ୍କ ସର୍ବୋତ୍ତମ ରିପୋର୍ଟ ଦର୍ଶାଇଛି ଯେ, ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସେଠାରେ ଉଗ୍ରବାଦ କାର୍ଯ୍ୟକଳାପ ବୃଦ୍ଧି ପାଇଛି । କିନ୍ତୁ ସେହି ଦାବିକୁ ଏବେ ଖଣ୍ଡନକରି ବିପରୀତ ତଥ୍ୟ ପ୍ରକାଶ ପାଇଛି । କେବଳ ଏତିକି ନୁହେଁ, ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସେଠାରେ ବାହାରୁ କେତେଜଣ ଯାଇ ଜାଗା କିଣିଛନ୍ତି କିମ୍ବା କେତେଜଣ ପଣ୍ଡିତ ସେମାନଙ୍କ ଭିଟାମାଟିକୁ ଫେରିଛନ୍ତି ତାହା ଦେଶକୁ ଜଣାଇଦିଆଯାଉନାହିଁ । ଅପରପକ୍ଷରେ ସେଠାରେ ବସବାସ କରୁଥିବା ପଣ୍ଡିତମାନଙ୍କ ଉପରେ ଜୋର୍‌ଦାର ଆକ୍ରମଣ କରାଯାଉଛି ଏବଂ ଅନେକଙ୍କୁ ହତ୍ୟା କରାଯାଉଥିବାର ଖବର ପ୍ରକାଶ ପାଉଛି । ଉଲ୍ଲେଖଯୋଗ୍ୟ, ୫ ବର୍ଷ ହେଲା ସେଠାରେ ନିର୍ବାଚନ କରାଯାଇନାହିଁ । ନିର୍ବାଚନ କରା ନ ଯିବା ପରୋକ୍ଷରେ ଦର୍ଶାଉଛି ଯେ, ସେଠାରେ ଶାନ୍ତି ଓ ସ୍ଥିତି ବ୍ୟବସ୍ଥିତ ହୋଇପାରିନାହିଁ ।

ଦେଶ ସ୍ୱାଧୀନ ହେବା ପରେ ଜମ୍ମୁକଶ୍ମୀରରେ ୩୭୦ ଅନୁଚ୍ଛେଦ ଲାଗୁକରି ଜବାହରଲାଲ ସରକାର ଭୁଲ୍ କରିଥିଲେ ବୋଲି କୁହାଯାଉଛି । କିନ୍ତୁ ଏବେ ତାହାକୁ ଉଚ୍ଛେଦକରି ଦେଶକୁ କି ଲାଭ ମିଳିଲା ଓ ସରକାର ଭୁଲ୍ କି ଠିକ୍ କରିଛନ୍ତି ତାହା ବିଚାର କରିବା କଥା । ୩୭୦ ଉଚ୍ଛେଦ ହେବା ପରେ ସେଠାରେ ଅତ୍ୟଧିକ ସେନା ଓ ଅର୍ଦ୍ଧସାମରିକ ବାହିନୀ ମୁତୟନ ହେବା ଏବଂ ଉଗ୍ରବାଦ କାର୍ଯ୍ୟକଳାପ ବୃଦ୍ଧି ଯୋଗୁ ରାଜକୋଷର ବ୍ୟାପକ କ୍ଷତି ଘଟୁଥିବା ବିଷୟ ଜାଣିବା ଶୁଣିବା ସୂତ୍ରଗୁଡ଼ିକରୁ ଖବର ମିଳୁଛି । । ଅନ୍ୟପକ୍ଷରେ କଶ୍ମୀରର ଗଣତନ୍ତ୍ର ଓ ଲୋକଙ୍କ ଅଧିକାରକୁ ଚାପିଦିଆଯାଇଛି । ଜମ୍ମୁ–କଶ୍ମୀରରୁ ସ୍ୱତନ୍ତ୍ର ପାହ୍ୟା ହଟାଇ ଦିଆଯିବା ପରଠାରୁ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଛଡ଼ାଇ ନିଆଯାଇଛି । ବିଶ୍ୱରେ ସବୁଠୁ ଅଧିକ ଥର ଇଣ୍ଟରନେଟ୍ ସେବା ବନ୍ଦ କଶ୍ମୀରରେ କରାଯାଇଛି ଓ ୧୮ ମାସ ଧରି ବନ୍ଦହେବା ବିଶ୍ୱରେ କୌଣସି ଗଣତନ୍ତ୍ରରେ ସବୁଠୁ ଲମ୍ବା ସମୟ । ଡିଜିଟାଲ ୱାର୍‌ଡଗ୍ ଆସେସ୍ ନାଓ ରିପୋର୍ଟ ମୁତାବକ, ୨୦୨୨ରେ ବିଶ୍ୱରେ ମୋଟ ୧୮୭ ଟି ଇଣ୍ଟରନେଟ୍ ସେବା ବନ୍ଦ ଘଟଣା ମଧ୍ୟରୁ ୮୪ ଟି ଭାରତରେ ଘଟିଛି ଏବଂ ଏହାର ୫୦% କଶ୍ମୀରରେ ହୋଇଛି । ଏଠାରେ ମନେପକାଇ ଦିଆଯାଇପାରେ ଯେ, ଇଣ୍ଟରନେଟ୍ ସେବା ବନ୍ଦ ହେଲେ ସେହି ସବୁ ସ୍ଥାନରେ ବ୍ୟାଙ୍କ ସମେତ ଅନେକ ବ୍ୟବସାୟିକ, ପ୍ରଶାସନିକ ଓ ଦୈନନ୍ଦିନ କାର୍ଯ୍ୟ ଯଥା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ମଧ୍ୟ ବନ୍ଦ ହୋଇଯାଇଥାଏ । କୁହାଯାଉଛି ଯେ, ଅତୀତରେ କେନ୍ଦ୍ରରେ କଂଗ୍ରେସ ସରକାର ଅମଳରେ ଚାଇନା ହାତକୁ ଭାରତର ଜମି ଟେକି ଦିଆଯାଇଛି । କିନ୍ତୁ ଦେଖାଯାଉଛି ୩୭୦ ଉଚ୍ଛେଦ ପରେ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ କରି ସରକାର ଚାଇନା ଲାଙ୍ଗୁଡ଼ରେ ହାତ ମାରିଛନ୍ତି । ଅକ୍ସାଇ ଚୀନ୍ ସହିତ ଲଦାଖର ବହୁ ଅଞ୍ଚଳକୁ ଚାଇନା ତା'ର ବୋଲି ଦାବି କରୁଛି । ଫଳରେ ସେଠାରେ ଅତ୍ୟଧିକ ସୈନ୍ୟ ମୁତୟନ କରାଯାଇଛି ଓ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହୁଛି । ତେବେ ୫ ମେ ୨୦୨୦ରେ ଗଲୱାନ ଘାଟିରେ ଭାରତୀୟ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଭାରତର ୨୦ ଜଣ ଯବାନ ଶହୀଦ ହେବା ଘଟଣାକୁ ଭାରତବାସୀ ଭୁଲିପାରିନାହାନ୍ତି । କିନ୍ତୁ ଚାଇନାର ବାସ୍ତବରେ କେତେ ସୈନ୍ୟ ନିହତ ହୋଇଛନ୍ତି ତାହା ଚାଇନା ପ୍ରକାଶ କରିନାହିଁ, କେବଳ ଭାରତ ସରକାର ଏହି ସଂଖ୍ୟା ୪୦ ବୋଲି ଦର୍ଶାଇଛନ୍ତି । ଏବେସୁଦ୍ଧା ଭାରତ ମଧ୍ୟକୁ ଚାଇନା ପ୍ରବେଶକରି ଅନେକ କିଲୋମିଟର ଜାଗା ମାଡ଼ି ବସିଥିଲେ ବି ବାସ୍ତବ ସ୍ଥିତି ସମ୍ପର୍କରେ ସରକାର କୌଣସି ତଥ୍ୟ ଜଣାଉନାହାନ୍ତି ।

କଶ୍ମୀରରେ ଗଣତାନ୍ତ୍ରିକ ସରକାର ୫ ବର୍ଷ ହେଲା ନାହିଁ । ସେଠାରେ ସ୍ଥିତି ନିଶ୍ଚିତ ଭାବେ ଏବେ ମଧ୍ୟ ଅସ୍ୱାଭାବିକ ରହୁଛି ବୋଲି ନିର୍ବାଚନ କରାଯାଇପାରୁନାହିଁ । ଏହାର କାରଣ ହୋଇପାରେ ଯେ, କେନ୍ଦ୍ରରେ ଶାସନ କରୁଥିବା ଭାଜପା ତାହାର ସ୍ଥିତି କେଉଁଭଳି ହେବ ବୁଝିପାରୁ ନ ଥିବା ହେତୁ ଜମ୍ମୁ–କଶ୍ମୀରର ନାଗରିକ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଛନ୍ତି । ଏହା ସତ୍ୟ ଯେ, ମୁସଲମାନ ବିରୋଧୀ ଅନେକ ନାଗରିକଙ୍କ ପ୍ରବଳ ଇଚ୍ଛା ଜମ୍ମୁ–କଶ୍ମୀରକୁ ଦମନକରି ରଖିବା ପାଇଁ । ତେବେ ସେମାନେ ସମ୍ଭବତଃ ସ୍ୱୀକାର କରିବାକୁ ଅପ୍ରସ୍ତୁତ ଯେ, ଜମ୍ମୁ–କଶ୍ମୀର ଭଳି ପାହାଡ଼ ଅଞ୍ଚଳ ଯାହା ଦୁଇଟି ଭାରତ ବିରୋଧୀ ରାଷ୍ଟ୍ରଙ୍କ ମଝିରେ ରହିଛି ସେଠାରେ ଲୋକଙ୍କୁ ଦମନ କରି ରଖିବାକୁ ହେଲେ ପ୍ରତ୍ୟେକ ଦିନ ଅନେକ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ସେଥିପାଇଁ ଜମ୍ମୁ–କଶ୍ମୀରରେ ଯେତେ ଦୀର୍ଘ ପରିସ୍ଥିତି ସ୍ୱାଭାବିକ କରାଯାଇପାରିବ ତାହା ଭାରତ ପାଇଁ ସେତିକି ଲାଭଦାୟକ ହେବ । ଆଜିର ଲାଭକ୍ଷତି ପୃଥିବୀରେ ଧର୍ମର ସ୍ଥାନ ଅତ୍ୟନ୍ତ ନଗଣ୍ୟ । ଯେଉଁମାନେ ଧର୍ମକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେମାନେ ନିଜେ ଧନୀ ହୋଇ ସାରିଲେଣି ବୋଲି ଅନ୍ୟମାନଙ୍କୁ ଧର୍ମ ଖୁଆଇ ଗରିବ ରଖିବାକୁ ମସୁଧା କରୁଛନ୍ତି ।

ଲେଖା, ଲେଖକ ଓ ପାଠକ

ଅକ୍ଷୟ କୁମାର ମିଶ୍ର

ସମାଜ ଓ ସଂସ୍କୃତିର ଆଧାର ତଥା ପ୍ରାଣ ସ୍ପନ୍ଦନ ହେଉଛି ସାହିତ୍ୟ । ଏହା ଏମିତି ଏକ ଦର୍ପଣ ଯେଉଁଥିରେ ମାନବ ସମାଜର ଅତୀତ ପ୍ରତିବିମ୍ବିତ ହୁଏ, ବର୍ତ୍ତମାନ ପ୍ରତିଭାତ ହୁଏ ଏବଂ ଭବିଷ୍ୟତ ନିମନ୍ତେ ଠିକ୍ ମାର୍ଗ ପ୍ରଦର୍ଶିତ ହୁଏ । ଧରାରେ ପରିବର୍ତ୍ତନର ଧାରା ବୁହାଇବାରେ ସାହିତ୍ୟ ଏକ ଧାରାବାହିକ ଉତ୍ସ । ଆମେ କେହି ଅସ୍ୱୀକାର କରିପାରିବା ନାହିଁ ଯେ ମସିର ଶକ୍ତି ଅସିର ଶକ୍ତିଠାରୁ ବେଶି । ଗୋଟିଏ ସୁନ୍ଦର ଲେଖା ନିଃସ୍ୱାର୍ଥପର ବନ୍ଧୁ ସହିତ ତୁଳନୀୟ । ଜଣେ ଆଦର୍ଶ ଶିକ୍ଷକଠାରୁ ଅଧିକ ଉପଯୋଗୀ । ସମାଜରେ ଏମିତି କିଛି ସକାରାତ୍ମକ ପରିବର୍ତ୍ତନ ହୋଇନାହିଁ ଯେଉଁଠି ଲେଖା ଓ ଲେଖକର ଭୂମିକା ନାହିଁ । ସ୍ୱାଧୀନତା ସଂଗ୍ରାମ ସମୟରେ ଅନେକ ଲେଖକ ଲେଖନୀ ମାଧ୍ୟମରେ ଦେଶର ତତ୍କାଳୀନ ସାମାଜିକ ବ୍ୟବସ୍ଥାର ନିଖୁଣ ଛବି ଦେଶବାସୀଙ୍କ ସମ୍ମୁଖରେ ତୋଳି ଧରୁଥିଲେ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର, ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ,କବି ନଜରୁଲ, ଦେବୀ ଚୌଧୁରୀ, ମହମ୍ମଦ ଇକ୍‌ବାଲ, ମହମ୍ମଦ ଅଲ୍ଲୀ ଯୌହର ଏମିତି ବହୁ କବି, ଲେଖକ ସେମାନଙ୍କର ଲେଖା ମାଧ୍ୟମରେ ଲୋକଙ୍କ ଭିତରେ ଜାତୀୟତା ଭରି ଦେଇଥିଲେ ।

ଆମ ରାଜ୍ୟ ମଧ୍ୟ ପଛରେ ପଡ଼ି ନ ଥିଲା । ସନ୍ଥ କବି ଭୀମ ଭୋଇଙ୍କର ଅନନ୍ୟ ଆହ୍ୱାନ ''ମୋ ଜୀବନ ପଛେ....'' ବିଶ୍ୱ ସାହିତ୍ୟରେ ଶ୍ରେଷ୍ଠ କବିତା ପଂକ୍ତି ଭାବରେ ଆଜି ବି ମିଳିତ ଜାତିସଂଘର କାନ୍ଥରେ ଅଲିଭା ସ୍ୱାକ୍ଷର ଭାବେ ସ୍ଥାନିତ । ସଂକ୍ରାନ୍ତି ପୁରୁଷ ବିଶିଷ୍ଟ କଥାକାର ବ୍ୟାସକବି ଫକୀରମୋହନ ସେନାପତିଙ୍କଠାରୁ ଆରମ୍ଭ ହୋଇଥିଲା ଭିନ୍ନ ଏକ ଧାରା । ରାଜାରାଣୀ ଗଳ୍ପ ରାଜକୁମାରୀଙ୍କ ପ୍ରେମ କାହାଣୀ, ରାଜପୁତ୍ରଙ୍କ ଭ୍ରମଣ କାହାଣୀ, ସମ୍ରାଟଙ୍କ ଯୁଦ୍ଧ ବୃତ୍ତାନ୍ତକୁ ନେଇ କାବ୍ୟ କବିତା ରଚନା ହେବା ପରିବର୍ତ୍ତେ ପ୍ରଚଳିତ ସମାଜ ବ୍ୟବସ୍ଥାକୁ ନେଇ ଗଳ୍ପ, କବିତା, ଉପନ୍ୟାସ, ନାଟକ ରଚନା ହେଲା । ଶୋଷଣ, କଷଣ, ଅଶିକ୍ଷା, ଅନ୍ଧବିଶ୍ୱାସ, କୁସଂସ୍କାର, ଅପସଂସ୍କୃତି ବିରୋଧରେ କବି, ଲେଖକ, ପ୍ରାବନ୍ଧିକ, ଔପନ୍ୟାସିକ, ନାଟ୍ୟକାରମାନେ ସେମାନଙ୍କର ଲେଖନୀ ଚାଳନା କଲେ । ଆଜି ଦିନରେ ମଧ୍ୟ ଅନେକ ଲେଖକ ଏହି ପଥରୁ ବିଚ୍ୟୁତ ହୋଇନାହାନ୍ତି । ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ କଲମ ଚଳାଇବା ଜାରି ରଖିଛନ୍ତି ।

ବିପରୀତ କ୍ରମେ ଅନେକ ଲେଖା ଦେଖିବାକୁ ମିଳୁଛି ଯେଉଁସବୁ ଲେଖା କୁସଂସ୍କାର ଓ ବିଭିନ୍ନ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରୁଛି । ରକ୍ଷଣଶୀଳତାକୁ ସମର୍ଥନ କରି ସାହିତ୍ୟ ସୃଷ୍ଟି କରିବାକୁ ଅନେକ ଲେଖକ କୁଣ୍ଠାବୋଧ କରୁନାହାନ୍ତି । କେତେବେଳେ ମମତାମୟୀ ମାତୃରୂପିଣୀ ନାରୀର ଚରିତ୍ରକୁ କାଠଗଡାରେ ଛିଡ଼ା କରାଇ ଦେଇ ଲେଖକ

ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିବାକୁ ପ୍ରୟାସ କରୁଛି । ଆଉ କିଛି ଚାଟୁକାରୀ ଲେଖକ ସ୍ତୁତିଗାନରେ ବ୍ୟସ୍ତ ରହି ସାରସ୍ୱତ ସାଧନାରେ କଳଙ୍କ ଲେପନ କରୁଛନ୍ତି । ସାହିତ୍ୟରେ ସବୁଠାରୁ ବଡ଼ କଥା ହେଉଛି ଶବ୍ଦସଂଯୋଜନା । ଆଧୁନିକତା ନାମରେ ଅଶ୍ଳୀଳ ଶବ୍ଦ ବ୍ୟବହାର, ଅଶ୍ଳୀଳ ବିଷୟବସ୍ତୁକୁ ନେଇ କିଛି ରଚନା କରିବା ବୋଧହୁଏ ଅକ୍ଷମଣୀୟ ଅପରାଧ କହିଲେ ଭୁଲ ହେବନାହିଁ । ଏମିତି ଅରୁଚିକର ଲେଖା ପାଇଁ ଅନେକ ସମୟରେ ବହୁ ଲେଖକ ଜନସାଧାରଣଙ୍କ ରୋଷର ଶିକାର ହୋଇଛନ୍ତି । ଏପରି କି ସେହି ପୁସ୍ତକ ପୋଡିବା ପର୍ଯ୍ୟନ୍ତ କଥା ଯାଇଛି । ଲେଖକମାନେ ନିର୍ଭୀକ ଓ ନିରପେକ୍ଷତାର ସହିତ ସମାଜରେ ଘଟୁଥିବା ଘଟଣାବଳୀକୁ ନିଜର ସୃଷ୍ଟି ଜରିଆରେ ଲୋକଲୋଚନକୁ ଆଣିଛନ୍ତି । ସେମାନେ ମଧ୍ୟ ଆକ୍ରୋଶ ଓ ଆକ୍ରମଣର ଶିକାର ହୋଇଛନ୍ତି ।

ଯାହା ବି ହେଉନା କାହିଁକି ଜଣେ ସାରସ୍ୱତ ସାଧକର ସିଦ୍ଧି ଓ ସାଧନାର ସ୍ୱାକ୍ଷର ହେଉଛି ତା'ର ସୃଷ୍ଟି । ଏହି ସୃଷ୍ଟି ଭିତରେ ଲେଖକଙ୍କର ନିଜସ୍ୱ ଚେତନା ଓ ଭାବନା ପ୍ରତିଫଳିତ ହୋଇଥାଏ ସତ, ମାତ୍ର ଜନ୍ମଲାଭ ପରେ ଏହା ସମାଜର, ସମଗ୍ର ବିଶ୍ୱର, ସମୂହ ମାନବ ଜାତିର ସମ୍ପଦ ପାଲଟିଥାଏ । ଯଦି ଏହି ସୃଷ୍ଟି ସଂହତି, ସମନ୍ୱୟ,ସଂପ୍ରୀତି ସ୍ଥାପନରେ ସହାୟକ ହୁଏ ତେବେ ପାଠକକୁ ସମସ୍ତ ସଂକୀର୍ଣ୍ଣତାରୁ ମୁକ୍ତି ଦିଏ ଏବଂ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରେ । ଅପରପକ୍ଷରେ ଯଦି ଲେଖକଙ୍କ ମାନସପୁତ୍ରଟି ମାନସିକ ଭାବେ ବିକଳାଙ୍ଗ ହୋଇଥାଏ,ତା' ଭିତରେ ଅଶାଳୀନ, ବିଭ୍ରାନ୍ତିକର ମତ ଓ ମନ୍ତବ୍ୟ ଥାଏ ତେବେ ଏହାର ନକାରାତ୍ମକ ପ୍ରଭାବ ପାଠକ ଉପରେ ପଡ଼େ । ଗୋଟିଏ ଗଳ୍ପ, ଗୋଟିଏ କବିତା, ଗୋଟିଏ ନାଟକ, ଗୋଟିଏ ଉପନ୍ୟାସ ବହୁ ସାଧାରଣ ମଣିଷକୁ ଅସାଧାରଣରେ ପରିଣତ କରିଦେଇଥିବାର ଦୃଷ୍ଟାନ୍ତ ସମାଜରେ ରହିଛି । ନାଟକ ହରିଶ୍ଚନ୍ଦ୍ର ମହାତ୍ମା ଗାନ୍ଧୀଙ୍କୁ ଜଣେ ସତ୍ୟବାଦୀ ମଣିଷରେ ପରିଣତ କରିଦେଇଥିଲା । ମାକ୍ସିମ ଗର୍କୀଙ୍କ ରଚିତ 'ମଦର', ହେରିଏଟ ବିଚର ଷ୍ଟୋଙ୍କ 'ଅଙ୍କଲ ଟମସ କ୍ୟାବିନ', ଲିଓ ଟଲଷ୍ଟୟଙ୍କ 'ୱାର ଏଣ୍ଡ ପିସ୍', ଫକୀର ମୋହନ ସେନାପତିଙ୍କ ଛ'ମାଣ ଆଠଗୁଣ୍ଠର ପ୍ରଭାବ ଆଞ୍ଚଳିକରୁ ଅନ୍ତର୍ଜାତୀୟ ସ୍ତର ଯାଏ ପରିବ୍ୟାପ୍ତ । 'ରେବତୀ', 'ଅନ୍ଧାରୁଆ', 'ଶିକାର', 'ଏ ମଣିଷକୁ ପଥର କଲା କିଏ ' ଆଦି କ୍ଷୁଦ୍ରଗଳ୍ପ ଏବେ ବି ସମାଜରେ ପ୍ରାସଙ୍ଗିକତା ହରାଇ ନାହିଁ । ଏ ସବୁ ଗଳ୍ପର ଅନ୍ତଃସ୍ୱର ପାଠକଙ୍କ ଅନ୍ତରକୁ ସ୍ପର୍ଶ କରୁଥିବ ହିଁ କରୁଥିବା ।

ଏସବୁ ସତ୍ତ୍ୱେ ପାଠକ ହେଉଛନ୍ତି ଶ୍ରେଷ୍ଠ ବିଚାରକ । ଭଲ ଓ ମନ୍ଦ ଉଭୟ ପ୍ରକାର ଲେଖାକୁ ପଠନ ପୂର୍ବକ ସେହିପରି ଲେଖାଗୁଡିକୁ ସ୍ୱୀକୃତି ଦେବା ଉଚିତ, ଯେଉଁଥିରେ ସମାଜ ପାଇଁ ଏକ ସୁବାର୍ତ୍ତା ଥିବ । ନାରୀ ପୁରୁଷ ଆବାଳ ବୃଦ୍ଧବନିତା ସେଥିରୁ କିଛି ଶିକ୍ଷା ଲାଭ କରିବା ସହିତ ସଂହତିପୂର୍ଣ୍ଣ ଜୀବନ ବିତାଇବା ନିମନ୍ତେ ଖୋରାକ ପାଉଥିବେ । କିନ୍ତୁ ଆଲୋଚନା ହେଉଛି ପାଠକ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଛାତ୍ରୀଛାତ୍ରଙ୍କ ଉପରେ ପାଠର ବୋଝ ଓ ଭବିଷ୍ୟତ ଗଠନର ନିଶା ଏମିତି ସବାର ହୋଇଛି ପାଠ୍ୟ ପୁସ୍ତକ ବ୍ୟତୀତ ଅନ୍ୟ ବହି ପଢ଼ିବା ପ୍ରତି ସେମାନଙ୍କର ଆଗ୍ରହ ନାହିଁ । ଅନ୍ୟମାନଙ୍କ ହାତରେ ବେଳ କାହିଁ ବହି ପଢିବାକୁ ? କର୍ମମୟ ଜୀବନ ଭିତରୁ ଯଦି କିଛି ସମୟ ମିଳିଲା ତେବେ ମୋବାଇଲକୁ ନେଇ ବ୍ୟସ୍ତ । ଥରେ ଜଣେ ସମାଲୋଚକ କହିଲେ ''ଯଦି ତୁମ ଘରେ କାହାକୁ ନିଦ ହେଉନାହିଁ ତେବେ ତାଙ୍କୁ ନିଦ ଔଷଧ ଦେବା ଦରକାର ନାହିଁ । ଖଣ୍ଡିଏ ବହି ହାତରେ ଦେଇ ପଢିବାକୁ କୁହ । ତା'ପରେ କ'ଣ ହେଉଛି କହିବ ।'' ସତରେ ପଢ଼ିବା ଏକ ଅଭ୍ୟାସ । ଅଭ୍ୟାସ ନ ଥିଲେ ବହିଟି ଯେତେ ଭଲ ହୋଇଥିଲେ ମଧ୍ୟ ଧରୁ ଧରୁ ନିଦ ଆସିବ ।

ପାଠକଙ୍କ ସଂଖ୍ୟା କେତେ ହ୍ରାସ ପାଇଲାଣି ଯେକୌଣସି ପୁସ୍ତକ ମେଳାକୁ ଗଲେ ସହଜରେ ବୁଝିହେବ । ପ୍ରତ୍ୟେକ ବିଦ୍ୟାଳୟରେ ପାଠାଗାର ଅଛି । ସରକାର ମଧ୍ୟ ପୁସ୍ତକ କ୍ରୟ ପାଇଁ ପ୍ରତିବର୍ଷ ଆର୍ଥିକ ଅନୁଦାନ ଦେଉଛନ୍ତି । ନୂଆ ନୂଆ ପୁସ୍ତକ କିଣାଯାଇ ପାଠାଗାର ସମୃଦ୍ଧ କରାଯାଉଛି । କିନ୍ତୁ ଏହି ପୁସ୍ତକ ସବୁ ଆଲମାରିର ଶୋଭାବର୍ଦ୍ଧନ କରୁଛି ନା କେହି ପଢୁଛନ୍ତି ତା'ର ସତ୍ୟତା ଅନୁସନ୍ଧାନ କଲେ କେତେ ନୂଆ ପାଠକ ଆମେ ତିଆରି କରୁଛୁ ତାହା ମଧ୍ୟ ଜାଣିହେବ ।

ଲେଖା, ଲେଖକ ଓ ପାଠକ ଗୋଟିଏ ସୂତାରେ ବନ୍ଧା । ପାଠକର ପ୍ରେରଣାଦାୟୀ ମନ୍ତବ୍ୟ ଲେଖକଙ୍କୁ ଉତ୍ସାହ ପ୍ରଦାନ କରେ ନୂତନ ସୃଷ୍ଟି ପାଇଁ । ପାଠକୀୟ ସମାଲୋଚନା ଲେଖକଙ୍କୁ ସଂଯତ କରାଏ । ପାଠକ ନ ଥିଲେ ଯେକୌଣସି ଲେଖା ଖୋଳପା ଭିତରେ ଥିବା ଶାଣଦିଆ ତରବାରି ପାଲଟି ଯିବ ଅଥବା ବନ୍ଦ ଫରୁଆରେ ଫଗୁ ହୋଇ ରହିଯିବ । ତଥାପି ସ୍ରଷ୍ଟା ତା'ର ସୃଷ୍ଟି ପାଇଁ ସମର୍ପିତ ହେଉ । ଆଜି ନ ହେଲେ କାଲି କେହି ତାଙ୍କୁ ଆବିଷ୍କୃତ କରିବ ଏବଂ ସମାଜ କଲ୍ୟାଣରେ ବିନିଯୋଗ ହେବ ।

ସଭାପତି (ଓଷ୍ଟା)
ମୋ:୭୦୦୮୦୭୩୫୯୯

ନିରନ୍ତର ନା ପରିପୋଷଣୀୟ

ଶୈଳେନ୍ଦ୍ର ଦ୍ୱିବେଦୀ

ପାଠକେ, ଜିଡିପି ବା ମୋଟ ଘରୋଇ ଉତ୍ପାଦକୁ ଭିତ୍ତିକରି ଆମ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସୁଖ ସମୃଦ୍ଧିକୁ ନେଇ ବାଦବିବାଦ, ମତ ମତାନ୍ତର ଢେର ଆଗରୁ ତ ତିଷ୍ଠି ରହିଛି । ତେବେ ଖୁବ୍ ନିକଟରେ କେତେଜଣ ଗବେଷକ ଜିଡିପିକୁ ଏକ ନୂଆ ଢଙ୍ଗରେ ବିଚାର କରିବାକୁ ଆରମ୍ଭ କରିଛନ୍ତି । ସେମାନେ ପ୍ରଶ୍ନ ପଚାରିଛନ୍ତି, ନିରନ୍ତର ଅର୍ଥନେତିକ ଅଭିବୃଦ୍ଧି କ'ଣ ପରିପୋଷଣୀୟ ବିକାଶର ସମତୁଲ ? ସେମାନେ କୁହନ୍ତି, ମିଳିତ ଜାତିସଂଘର ପଣ୍ଡିତମାନେ ଅନ୍ତତଃ ସେଇଆ ଭାବିଥାନ୍ତି, କାରଣ ପରିପୋଷଣୀୟ ବିକାଶ ଲକ୍ଷ୍ୟ ବା ଏସ୍‌ଡିଜି ତାଲିକାରେ ଦର୍ଶାଯାଇଛି ଯେ ଉଭୟ ସମାନ । ଅନ୍ୟପକ୍ଷରେ ଯେଉଁମାନେ ଏହି ବିଚାରକୁ ବିରୋଧ କରୁଛନ୍ତି ସେମାନଙ୍କର ଯୁକ୍ତି ହେଉଛି ଅର୍ଥନେତିକ ଅଭିବୃଦ୍ଧି ନିରନ୍ତର ଜାରି ରହିବା ସମ୍ଭବ ନୁହେଁ । ଆଉ ଯଦି ଅଭିବୃଦ୍ଧି ଦୀର୍ଘ ସୂତ୍ରରେ ପରିପୋଷଣୀୟ ନ ହୁଏ ତେବେ ତା'ର ଅର୍ଥ ହିଁ ନାହିଁ ।

ଯଦି ପରିପୋଷଣୀୟ ବିକାଶ ଲକ୍ଷ୍ୟ ମିଳିତ ଜାତିସଂଘ ମାନଦଣ୍ଡରେ ଆମର ମୂଳ ପ୍ରସଙ୍ଗ ନ ହୁଏ ତେବେ ଯେକୌଣସି ଅଭିବୃଦ୍ଧି ହେବ ଅନ୍ତଃ ସାରଶୂନ୍ୟ । ଗଣିତ ଆମ୍ବାକୁ ଯେ ନିରନ୍ତର ଖାଦ୍ୟ ଯୋଗେଇପାରିବ ନାହିଁ । ପାଠକେ ଜାଣନ୍ତି ଯେ ଅନ୍ତତଃ କେତେ ଦଶନ୍ଧି ଧରି ପ୍ରସିଦ୍ଧ ଅର୍ଥଶାସ୍ତ୍ରୀ, ବଜାର ବିଶାରଦ, କେନ୍ଦ୍ରୀୟ ବ୍ୟାଙ୍କ ଏବଂ ଅର୍ଥଲଗାଣକାରୀ ସଂସ୍ଥା ମନେକରି ଆସିଛନ୍ତି ଯେ ଗୋଟିଏ ଅର୍ଥନୀତିର ଶ୍ରୀବୃଦ୍ଧି ତ

ନିଅଣ୍ଟିଆ ବର୍ଷା: ଚାଷଜମି ପଡ଼ିଆ

- ବୁଣା ଧାନ ଗଜା ମରୁଡ଼ି ଆଶଙ୍କାରେ ଚାଷୀ
- ଶାଖା କେନାଲରେ ପାଣି ଛାଡ଼ିବାକୁ ଦାବି

କେନ୍ଦ୍ରାପଡ଼ା, ୨୨।୮ (ଜଗନ୍ନାଥ ଧଳ)



ପାଣି ଅଭାବରୁ ଚାଷ ଜମିରେ ଧାନ ତଳି ରୁଆ ସତ୍ତ୍ୱେ ଫାଟି ଆଁ କରିଛି।

କେନ୍ଦ୍ରାପଡ଼ା ଜିଲାର ସମସ୍ତ ଚାଷଜମିକୁ ଜଳସେଚନ ପାଇଁ କେନାଲ ନାହିଁ। ଚଳିତବର୍ଷ ସ୍ୱଳ୍ପ ବର୍ଷା ଏହି ଜିଲାର ଖରିଫ ଚାଷକୁ ନଷ୍ଟ କରିଛି। ଚାଷ ଜମି ଏବେ ପଡ଼ିଆ ହେବା ଅବସ୍ଥାକୁ ଆସିଥିବା ବେଳେ ଗୋଚର ହେବା ଦେଖିବାକୁ ମିଳୁଛି। ଋଣକରି ଚାଷ କରିଥିବା ବେଳେ ଚାଷୀ ଏବେ ସୁଧ ମୂଳ ଶୁଝିବା ଚିନ୍ତାରେ ଅଛନ୍ତି। ଜିଲାରେ ପ୍ରାୟ ୫୦ ହଜାର ହେକ୍ଟରରୁ ଅଧିକ ଜମିରେ ଫସଲ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। କୃଷି ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ସମୁଦାୟ ଜଳସେଚିତ ୬୫,୦୩୨ ହେକ୍ଟର ଜମି ମଧ୍ୟରୁ ୪୫,୯୧୪ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ। ମହାନଦୀ ନର୍ଥ ଡିଭିଜନ ଅନ୍ତର୍ଗତ ଡେରାବିଶ ବ୍ଲକର ୨୯୬୧ ହେକ୍ଟର, ମାର୍ଶାଘାଇର ୧୦୫୫ ହେକ୍ଟର ଓ ଗରଦପୁର ବ୍ଲକର ୧୦୪୯ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ। ସେହିପରିରେ କେନ୍ଦ୍ରାପଡ଼ା ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡ଼ାର ୧୬,୩୫୭ ହେକ୍ଟର, ଡେରାବିଶର ୭୮୪୦ ହେକ୍ଟର, ମାର୍ଶାଘାଇର ୩୪୦୯ ହେକ୍ଟର, ମହାକାଳପଡ଼ାର ୩୦୦୭ ହେକ୍ଟର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୧୧,୦୪୯ ହେକ୍ଟର କ୍ଷେତ ଜମିକୁ କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯାଏ। ଅପରପକ୍ଷରେ ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳ ସହ ଅନ୍ୟ ବ୍ଲକ ଅଞ୍ଚଳର ଚାଷୀ ଉଠା ଜଳସେଚନ ଓ ବର୍ଷା ଉପରେ ନିର୍ଭର କରିଥାନ୍ତି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାରେ ମେ ମାସରେ ହାରାହାରି ୪୩୬.୨୨ ମି.ମି., ଜୁନ୍‌ରେ ୨୪୯.୧୧ ମି.ମି., ଜୁଲାଇରେ ୧୮୪ ମି.ମି. ଓ ଅଗଷ୍ଟରେ ୧୯୫ ମି.ମି. ପରିମାଣର ବର୍ଷା ହୋଇଥାଏ। ଏହି ତୁଳନାରେ ଚଳିତବର୍ଷ ମେ'ରେ ହାରାହାରି ମାତ୍ର ୭୨.୧୧ ମି.ମି., ଜୁନ୍‌ରେ ୬୭ ମି.ମି. ଓ ଜୁଲାଇରେ ୨୪୭.୧୧ ମି.ମି. ଓ ଅଗଷ୍ଟରେ ଅଦ୍ୟାବଧି ୧୭୦ ମି.ମି. ବର୍ଷା ହୋଇଛି। ଏହା ଚାଷ ପାଇଁ ଉପଯୁକ୍ତ ପରିମାଣର ବର୍ଷା ନୁହେଁ।

କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କହିଛନ୍ତି, ରୁଆ ଧାନ ଥୁଆ ବୋଲି କୁହାଯାଏ। କେନାଲ ପାଖାପାଖି ଜମିରେ ତଳି ପକାଯାଇ ଧାନ ଗଛ ରୁଆଯାଏ। ସହଳ କିସମ ଧାନର ଗଛ ପାଇଁ ସମୟସୀମା ଅଛି। ଜୁଲାଇ ମାସ ଆରମ୍ଭରୁ ଧାନ ତଳି ପକାଇଲେ ଶତ ପ୍ରତିଶତ ଗଛ ହେଉଥିବା ବେଳେ ମାସର ଶେଷକୁ ତଳି ପକାଇଲେ ପ୍ରାୟ ୬୦ ପ୍ରତିଶତ ଗଛ ମିଳିବ। ତେବେ ଜିଲା ଜଳ ସମ୍ପଦ ବିଭାଗ ଏଥିନେଇ ସଚେତନ ନୁହନ୍ତି। ଉପଯୁକ୍ତ ସମୟରେ କେନାଲରେ ପାଣି ଛାଡ଼ିବା ପାଇଁ ସେମାନେ ତତ୍ପରତା ଦେଖାଉ ନାହାନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ଡେରାବିଶ ବ୍ଲକ କୋଶିଦା ଗ୍ରାମର ଚାଷୀ କେଶବ ଚନ୍ଦ୍ର ସାମଲ ପ୍ରଶାସନର ଏପରି ଖାମଖିଆଲି ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଅକ୍ଷୟ ତୃତୀୟାଠାରୁ ଚାଷୀ ଏହି ଜିଲାରେ ଖରିଫ ଧାନ ଚାଷ ପାଇଁ କ୍ଷେତରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାନ୍ତି। ବର୍ଷାକୁ ଦେଖି ଧାନ ବୁଣାବୁଣି ହୁଏ। ଚଳିତବର୍ଷ ଆବଶ୍ୟକ ବର୍ଷା ନ ହେବାରୁ ବୁଣା ଧାନ ଗଜା ମରୁଡ଼ି ଅବସ୍ଥାକୁ ଆସିଯାଇଛି। ଋଣକରି ଚାଷ କରିଥିବା ବେଳେ ଧାନ ନ ହେଲେ ଋଣ ଶୁଝିବା କଷ୍ଟକର ହେବ। ସେହିପରି ପାଖତ ଗ୍ରାମର ଚାଷୀ ଅନନ୍ତ ସ୍ୱାଇଁ କହିଛନ୍ତି, ତଳି ରୋଇବାକୁ ଆବଶ୍ୟକ ପାଣି ନାହିଁ। ମହାନଦୀ ଦ୍ୱୀପାଞ୍ଚଳର ନୂତନ କେନାଲରେ ଅଦ୍ୟାବଧି ପାଣି ଛଡ଼ାଯାଇନାହିଁ। ଫଳରେ ଜମି ପଡ଼ିଆ ପଡ଼ିବା ସହିତ ତଳି ଧାନରେ ଗଣ୍ଡି ଆସିଗଲାଣି। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୭ ନଦୀ, ୨୭ ଶାଖା ନାଳ ସହ ବୃହତ୍ କେନାଲ ଅଛି। ଏହାସତ୍ତ୍ୱେ ଜଳ ପରିଚାଳନା କୃଷି ପାଇଁ ବାଧକ ହୋଇଛି। ଜଳସେଚନ ପାଇଁ ଚାଷକୁ ଜଳ ମିଳୁ ନ ଥିବା ବେଳେ ବନ୍ୟା ଓ ଅତ୍ୟଧିକ ବର୍ଷା ସମୟରେ ଉଦ୍‌ବୃତ ଜଳ ନିଷ୍କାସନ ସମସ୍ୟା ଅଛି। କୃଷି ଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲାରେ ୭ ନଦୀର ସଂଯୋଗୀକରଣ ସହ ବିଭିନ୍ନ ସ୍ଥାନରେ କ୍ରିକ୍ ବନ୍ଧ ନିର୍ମାଣର ଆବଶ୍ୟକତା ଅଛି। କେନାଲର ପୁନରୁଦ୍ଧାର ନାମରେ ଘାସ ଚାଞ୍ଛି ଅର୍ଥ ହଡ଼ପ କରାଯାଉଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ କେନାଲରେ ପାଣି ଛଡ଼ାଯାଇଛି। ତେବେ କେତେକ ଉଚ୍ଚ ଜମିକୁ ପାଣି ଯାଇ ନ ଥିବା ଅଭିଯୋଗ ହେଉଛି। ଧାନଚାଷ ପାଇଁ କେନାଲ ପାଣି ବାଧକକୁ ସେ ଅସ୍ୱୀକାର କରିଛନ୍ତି।

ସ୍ୱାଧୀନତା ସଂଗ୍ରାମୀ ମକରଙ୍କ ପରଲୋକରେ ଶୋକ

ଡେରାବିଶ,୨୨।୮ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ହାଟବାଣପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ମକର ଦାସଙ୍କ ମଙ୍ଗଳବାର ପରିଲୋକ ହୋଇଛି। ସକାଳେ ମକରଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଜିଲାରେ ଶୋକର ଛାୟା ଖେଳିଯାଇଥିଲା। ମକରଙ୍କ ପରଲୋକ ଖବରପାଇ ଜିଲାପାଳ ଅମୃତ ରତୁରାଜ ଶୋକବ୍ୟକ୍ତ କରିବା ସହ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ, ଡେରାବିଶ ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ ପରିଡ଼ାଙ୍କ ସମେତ ବହୁ ଉଚ୍ଚପଦାଧିକାରୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମକରଙ୍କ ମରଶରୀର ହାଟବାଣପୁର ଗାଁରେ ପହଞ୍ଚିବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନରେ ଶୋକାକୁଳ ଜନତାଙ୍କ ଗହଳି ଲାଗି ରହିଥିଲା। ମରଶରୀରରେ ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡ଼ା, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସାମାଜିକ କର୍ମୀ ରାଜେଶ ପଣ୍ଡା, ଭାଜପା ନେତା ତେଜେଶ୍ୱର ପରିଡାଙ୍କ ସମେତ ବିଭିନ୍ନ ଦଳର ନେତୃମଣ୍ଡଳୀ ମକରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ଅଙ୍ଗନୱାଡ଼ି କର୍ମୀଙ୍କୁ ୨ ବର୍ଷ ବଳାତ୍କାର ଅଭିଯୋଗ

ଭିଡିଓ ଦେଖାଇ ୬ ଲକ୍ଷ ଟଙ୍କା ନେଇଯାଇଛନ୍ତି ଅଭିଯୁକ୍ତ

ପାରାଦୀପ,୨୨।୮ (ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଗତ ୨ ବର୍ଷ ହେଲା ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ପ୍ରଥମେ ନିଶା ଦେଇ ବଳାତ୍କାର କରିଥିଲେ। ସେହି ସମୟର ଭିଡିଓକୁ ମୋବାଇଲରେ ରେକର୍ଡିଂ କରି ଭୟ ଦେଖାଇ ବାରମ୍ବାର ବଳାତ୍କାର କରିବା ସହ ପର୍ଯ୍ୟାୟକ୍ରମେ ୬ ଲକ୍ଷ ଟଙ୍କା ନେଇଯାଇଛନ୍ତି ବୋଲି ପୀଡ଼ିତା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ୨ ବର୍ଷ ହେଲା ବିଭିନ୍ନ ହୋଟେଲ, ଲଜ୍ ଓ ଅତିଥି ଭବନରେ ତାଙ୍କୁ ବଳାତ୍କାର କରାଯାଇଛି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୩୩/୨୩) ରୁଜୁ କରି ମହିଳାଙ୍କ ଡାକ୍ତରୀମାଇନା କରାଇଛି। ଏଥିସହ ତଦନ୍ତ ଆରମ୍ଭ କରିଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ସେ ଏକ ବସ୍ତିରେ ଅଙ୍ଗନୱାଡ଼ିକର୍ମୀ ଭାବେ ଚାକିରି କରିଛନ୍ତି। ସେହି ବସ୍ତିରେ ରହୁଥିବା ଡିଲରଙ୍କ ଘରକୁ ଗତ ୨୦୨୨ ଜାନୁୟାରୀ ୨୯ରେ ଯାଇଥିଲେ। ଅଙ୍ଗନୱାଡି କର୍ମୀ ତାଙ୍କ ପୁଅର ନାମ ଡିଲର ଖାତାରେ ଲିପିବଦ୍ଧ କରିବା ପାଇଁ ଡିଲର ଡାକିଥିଲେ। ସେତେବେଳେ ଡିଲର ଘରେ ନ ଥିଲେ। ତାଙ୍କ ପୁଅ ତଥା ଅଭିଯୁକ୍ତ ଘରେ ବସାଇ ଅଙ୍ଗନୱାଡି କର୍ମୀଙ୍କୁ ଥଣ୍ଡା ପାନୀୟ ଦେଇଥିଲେ। ତା'ପରେ ସେ ଅଚେତ ହୋଇଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିବା ସହ ଉକ୍ତ ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରି ତାଙ୍କ ପାଖକୁ ପଠାଇଥିଲେ। ପରେ ସମାଜ ଓ ପରିବାର ଡରରେ ପୀଡ଼ିତା ଅଭିଯୁକ୍ତଙ୍କୁ ୬ ଲକ୍ଷ ଟଙ୍କା ଦେଇଥିଲେ। ଏହାସତ୍ତ୍ୱେ ଅଭିଯୁକ୍ତ ତାଙ୍କୁ କେନ୍ଦ୍ରାପଡା ଜିଲାର ବିଭିନ୍ନ ହୋଟେଲକୁ ବାରମ୍ବାର ଡାକି ବଳାତ୍କାର କରିଥିଲେ। ଚଳିତମାସ ଗତ ୫ ତାରିଖରେ ଅଭିଯୁକ୍ତ ଉକ୍ତ ଭିଡିଓକୁ ପୀଡ଼ିତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇ ଦେଇଥିଲେ। ଏହାପରେ ସମ୍ପୃକ୍ତା ଅଙ୍ଗନୱାଡି କର୍ମୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍ୱାମୀ ସବୁକିଛି ବୁଝିବା ପରେ ଥାନାରେ ଅଭିଯୋଗ କରିବାକୁ କହିଥିଲେ। ଏହାପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଉକ୍ତ ବଳାତ୍କାର ଭିଡିଓ ୪ ଜଣଙ୍କ ପାଖକୁ ଶେୟାର କରାଯାଇଥିବା ଜଣାପଡ଼ିଛି।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ସ୍ୱାଧୀନତା ସଂଗ୍ରାମୀ ମକର ଦାସଙ୍କୁ ମଙ୍ଗଳବାର ହାଟବାଣପୁର ଗ୍ରାମ ଶ୍ମଶାନରେ ଜିଲା ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଉଛି। ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଲୋକମାନେ।

ଖୋର୍ଦ୍ଧା-ଚଣ୍ଡିଖୋଲ ସବୁଠୁ ବିପଦସଙ୍କୁଳ ରାସ୍ତା

ଏନ୍‌ଏଚ୍‌ରେ ଘଟୁଥିବା ଦୁର୍ଘଟଣାର ୧୨% କେବଳ ଏହି ରାସ୍ତାରେ ଘଟୁଛି

- ୩୬ ବ୍ଲାକ୍‌ସ୍ପଟ୍
- ମାସକରେ ସମାଧାନ କରିବାକୁ ଏନ୍‌ଏଚ୍‌ଏଆଇକୁ ଚିଠି ଲେଖିଲେ ସଚିବ

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର):

ରାଜ୍ୟରେ ଏନ୍‌ଏଚ୍‌ଏଆଇ(ନ୍ୟାଶନାଲ ହାଇୱେଅଥରିଟି ଅଫ୍ ଇଣ୍ଡିଆ) ଅଧୀନରେ ଆସୁଥିବା ଯେତେସବୁ ରାସ୍ତା ଅଛି ସେଥିମଧ୍ୟରୁ କେବଳ ଖୋର୍ଦ୍ଧାଠାରୁ ଚଣ୍ଡିଖୋଲ ମଧ୍ୟରେ ଥିବା ୯୦ କି.ମି. ରାସ୍ତାରେ ସବୁଠାରୁ ବେଶି ଦୁର୍ଘଟଣା ଘଟୁଛି। ଏହି ରାସ୍ତା ସବୁଠାରୁ ବିପଦ ସଙ୍କୁଳ ରାସ୍ତା ପାଲଟିଛି। ରାଜ୍ୟର ଏନ୍‌ଏଚ୍‌ଏଆଇ ରାସ୍ତାରେ ଯେତେସବୁ ଦୁର୍ଘଟଣାଜନିତ ମୃତ୍ୟୁ ଘଟଣା ଘଟୁଛି ସେଥିମଧ୍ୟରୁ ୧୨ ପ୍ରତିଶତ କେବଳ ଉକ୍ତ ରାସ୍ତାରେ ହେଉଛି ବୋଲି ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ମଙ୍ଗଳବାର ଚିଠି ଲେଖି ଏନ୍‌ଏଚ୍‌ଏଆଇ ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ଅବଗତ କରାଇଛନ୍ତି।

ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ପକ୍ଷରୁ ଗ୍ରହଣ କରାଯାଇଥିବା ସଡ଼କ ଦୁର୍ଘଟଣାଜନିତ ତଥ୍ୟରୁ ଯାହା ଜଣାପଡିଛି, ଖୋର୍ଦ୍ଧାରୁ ଚଣ୍ଡିଖୋଲ ରାସ୍ତାରେ ମୋଟ୍ ୩୬ଟି ବ୍ଲାକ୍‌ସ୍ପଟ୍ ଆସୁଛି। ଏହା ୨୦୧୯ରୁ ୨୦୨୧ ମଧ୍ୟରେ ଥିବା ତଥ୍ୟ ଅନୁଯାୟୀ ଜଣାପଡିଛି। ଏହି ରାସ୍ତା ୩ଟି ଜିଲା ଖୋର୍ଦ୍ଧା, କଟକ ଏବଂ ଯାଜପୁର ଭିତରେ ଆସୁଛି। ପ୍ରତିବର୍ଷ ବହୁ ବ୍ଲାକ୍‌ସ୍ପଟ୍ ବାରମ୍ବାର ଏହି ରାସ୍ତା ଭିତରେ ଚିହ୍ନଟ କରାଯାଉଛି। ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର ରାଜ୍ୟରେ ବଢ଼ି ଚାଲିଛି। ସେହି ଅନୁଯାୟୀ ଏହି ୯୦ କି.ମି. ରାସ୍ତା ମଧ୍ୟରେ ଏକାଧିକ ବ୍ଲକ୍‌ସ୍ପଟ୍ ରହିବା କାରଣରୁ ମଧ୍ୟ ଦୁର୍ଘଟଣାଜନିତ ମୃତ୍ୟୁହାର ବଢ଼ିବାରେ ଲାଗିଛି। ତୁରନ୍ତ ଉକ୍ତ ରାସ୍ତାରେ ଥିବା ବ୍ଲକ୍‌ସ୍ପଟ୍‌ଗୁଡିକ ଚିହ୍ନଟକରି ତା'ର ପ୍ରତିକାର କରାଯିବା ଉଚିତ। ଏହାସହ ଉକ୍ତ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବାରମ୍ବାର ତଦାରଖ କରିବା ଦରକାର। ତେଣୁ ଗୋଟେ ମାସ ମଧ୍ୟରେ ଏହି ରାସ୍ତାର ବ୍ଲାକ୍‌ସ୍ପଟ୍ ଚିହ୍ନଟ ଏବଂ ଏହାର ପ୍ରତିକାର କରି ରିପୋର୍ଟ ଦେବାକୁ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଗତ ମେ ୪ ତାରିଖରେ ହାଇୱେ କଡ଼ରେ ବହୁ ଗାଡ଼ି ବେଆଇନ ଭାବେ ପାର୍କିଂ କରୁଥିବା ବିଷୟ ନେଇ ଆଲୋଚନା ହୋଇଥିଲା। ଏହାସହ ଚଣ୍ଡିଖୋଲଠାରେ ରାସ୍ତାକଡ଼ରେ ହେଉଥିବା ବେଆଇନ ପାର୍କିଂ ହଟାଇବା ଉପରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଅନ୍ୟାନ୍ୟ ଏନ୍‌ଏଚ୍ କଡ଼ରେ ହେଉଥିବା ବେଆଇନ ପାର୍କିଂ ହଟାଇବାକୁ ମଧ୍ୟ କୁହାଯାଇଥିଲା ସେନେଇ କ'ଣ କାର୍ଯ୍ୟ ଆଗେଇଛି ସେ ବିଷୟରେ ମଧ୍ୟ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଏଆଇକୁ ନିର୍ଦ୍ଦେଶ ଦିଆଯାଇଛି।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/Tender Publication/08/2023/03 ତା.17.08.2023ରିଖ

ଟେଣ୍ଡର ସଂ.40235597

ସାମଗ୍ରୀଗୁଡ଼ିକର ବିବରଣୀ : ସଂଶୋଧନ ସଂ.1 କିମ୍ବା ସର୍ବାଧିକ ସହିତ RDSO ବିନିର୍ଦ୍ଦେଶ ସଂ.RDSO/PE/SPEC/TL/0040-2003(REV-0) ଅନୁଯାୟୀ ଡ୍ରାଇ ଅନ୍‌ଗର୍ଡ଼ଡ୍ ସ୍ଥିତିରେ ଇନର ସେଲ, ଇନର ଟିଅର (Tier) କନେକ୍ଟର, ଇନର ରୋ (Row) କନେକ୍ଟର, ଷ୍ଟେନଲେସ୍ ଷ୍ଟିଲ ଫାଷ୍ଟେନର, ମାଇକ୍ରୋ ପୋରୋସ୍ (Porous) ସେରାମିକ୍ ଭେଣ୍ଟ ତଥା ଲେଭେଲ ଇଣ୍ଡିକେଟର ଦ୍ୱାରା PPCP କଣ୍ଟେନରରେ 10 ଘଣ୍ଟା ଡିସ୍‌ଚାର୍ଜ ଦରରେ ଆସେସ୍‌ଲ୍ଲ କ୍ଷମତା ବିଶିଷ୍ଟ ଲିଡ୍ ଏସିଡ୍ ଟ୍ୟୁବୁଲାର ପଜିଟିଭ୍ (Tubular Positive) ଏବଂ ପେଷ୍ଟେଡ୍ ନେଗେଟିଭ୍ ପ୍ଲେଟ୍ ଷ୍ଟେସନାରୀ ବ୍ୟାଟେରୀ ସେଟ୍ 110V/40AH (ପ୍ରତ୍ୟେକ 2 ଭୋଲ୍ଟର 55 ସେଲ୍‌ଗୁଡ଼ିକୁ ନେଇ ଗଠିତ)ସହିତ ବ୍ୟାଟେରୀ ଉପକରଣ ସମୂହ । ହାଇଡ୍ରୋମିଟର-01 ଗୋଟି, ମର୍କୁରୀ ଥର୍ମୋମିଟର-01 ଗୋଟି, ରବର ସିରିଞ୍ଜ-01 ଗୋଟି, ସେଲ୍ ଟେଷ୍ଟିଙ୍ଗ୍ ଭୋଲ୍ଟମିଟର (3-0-3)-01 ଗୋଟି, ଷ୍ଟାଣ୍ଡ ନିମନ୍ତେ PVC ସିଟ୍-01 ଗୋଟି, ସେଲ୍ ନଂ. ପ୍ଲେଟ୍, ପୋର୍ସେଲେନ୍ ଷ୍ଟାଣ୍ଡ ଇନ୍‌ସୁଲେଟର ସହିତ କମ୍ପୁଟ୍ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଏସିଡ୍ ପ୍ରୁଫ ବ୍ଲାକ ପେଣ୍ଟ ଦ୍ୱାରା କୋଟେଡ୍ ଷ୍ଟାଣ୍ଡ ମେଡ୍ ମାଇଲ୍ଡ ଷ୍ଟିଲ ଡବଲ ଟିୟର । ନନ୍-ରିଟର୍ଣ୍ଣେବଲ କେରି କ୍ରେନ୍‌ରେ 27 ଡିଗ୍ରୀ ସେଲ୍‌ସିୟସ ଠାରେ 1.205 sp.gr. ର ଇଲେକ୍ଟ୍ରୋଲାଇଟ୍ (440 ଲିଟର) ।

ଟେଣ୍ଡର ମୂଲ୍ୟ (₹) : 27,62,496/-, EMD @ 2% (₹) : 55,250/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.09.2023ରିଖ 1500 ଘଟିକାରେ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର

PR-482/O/23-24

GOVERNMENT OF ODISHA No.A-456
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER
SUBARNAREKHA & BUDHABALANGA BASIN
AT/P.O.: LAXMIPOSI, DIST.: MAYURBHANJ
Mail Id: cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 18/23-24 of CEBM, SBB, Laxmiposi

1	Name of work	Rising and Strengthering of Chargochia to Balaramgodi TR Saline Embankment
2	Estimated cost	Rs.40,51.37 Lakh
3	Bid Security / E.M.D.	Rs.40,51,400/-
4	Period of completion	24 (Twenty Four) calendar months
5	Class of contractor	'Special' Class and 'Super' Class
6	Date & time of availability of bid document in the portal	29.08.2023 at 10.00 A.M.
7	Last date / time for receipt of bid in the portal	25.09.2023 upto 5.00 P.M.
8	Date & time for pre-bid conference	11.09.2023, Office of the CE & BM, S&B Basin, Laxmiposi in physical / virtual mode through Google Meet. The interested bidder should ask to link giving their email id to cebmsbb2019@gmail.com (Joining time in Google Meet 11.30 A.M. to 12.00 Noon)
9	Date of opening of bid	26.09.23 at 11.00 A.M.
10	Name & address of the O.I.T	Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj

Further details can be seen from the e-Procurement Portal 'https://tendersodisha.gov.in'.
Sd./- Chief Engineer & Basin Manager
OIPR-32074/11/0031/2324

HIGH COURT OF ORISSA, CUTTACK
TENDER NOTICE
No. 13384 Dt.22.08.2023
High Court of Orissa, Cuttack invites sealed tenders from the reputed agencies for providing Security Guard (Watch and Ward) (Without Arms) at Museum of Justice, Killa Fort, Cantonment Road, Cuttack on contract basis. For detail terms and conditions of the Tender, intersted agencies are requested to visit the High Court of Orissa website: https://orissahighcourt.nic.in.
Sd./- Registrar (Judicial)
High Court of Orissa, Cuttack

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
Tender Notice No. TPWODL/AK/O/SER/ 039
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
Rate Contract for New 33 KV & 11 KV line, Augmentation of 33KV & 11 KV line, Conversion of LT Old conductor, and AB Cable to new and Augmentation of Transformers from 63 KVA TO 500 KVA 11/0.433 KV under Govt Funded scheme CMPDP at TPWODL.
Interested bidders to submit Tender Participation Fee and Authorization Letter through email on or before 31st Aug. 2023, 19:00Hrs, after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.
Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
2nd Corrigendum Notice
No.1743, Dated: 21.08.2023
No.O-712:The 2nd Corrigendum to the Bid Identification No.BLGR-Online-14/2023-24, the revised date and time are as follows.

| Procurement Officer | Bid Identification No. | Availability of Tender online for bidding | | Last

ନୟାଗଡ଼ରେ ଟ୍ରାଫିକ୍ ନିୟମ ହେବ କଡ଼ାକଡ଼ି

- ଛାତ୍ରୀଛାତ୍ରଙ୍କ ବାଇକ୍ ଚାଳନା ରୋକିବାକୁ ଏସ୍‌ପିଙ୍କ ଚିଠି
- ହାଇସ୍କୁଲ ପ୍ରଧାନ ଶିକ୍ଷକ, କଲେଜ ଅଧ୍ୟକ୍ଷ କରିବେ ସଚେତନ
- ଛାତ୍ରୀଛାତ୍ର, ଅଭିଭାବକଙ୍କୁ ସଚେତନ କରିବା ପାଇଁ ପରାମର୍ଶ
- ବିନା ଲାଇସେନ୍ସରେ ଗାଡ଼ି ଚଳାଇଲେ ଦଣ୍ଡିତ ହେବେ

ନୟାଗଡ,୨୨।୮(ଲୋକନାଥ ମିଶ୍ର)

ଛାତ୍ରୀଛାତ୍ରଙ୍କ ବାଇକ୍ ଚାଳନା କଟକଣାକୁ ନେଇ ହାଇସ୍କୁଲର ପ୍ରଧାନଶିକ୍ଷକ ଓ କଲେଜର ଅଧ୍ୟକ୍ଷମାନଙ୍କ ପାଖକୁ ନୟାଗଡ଼ ଏସ୍‌ପି ରାହୁଲ ଜୈନ ଚିଠି ଲେଖିଛନ୍ତି। ଡ୍ରାଇଭିଂ ଲାଇସେନ୍ସ ପାଇ ନ ଥିବା ଛାତ୍ରୀଛାତ୍ର ଯେପରି ବାଇକ୍ ଚାଳନା ନ କରନ୍ତି ସେଥିପାଇଁ ସଚେତନ ସୃଷ୍ଟି ପାଇଁ ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷମାନେ ସହଯୋଗ କରିବାକୁ ଏସ୍‌ପି ଅନୁରୋଧ କରିଛନ୍ତି। ଏସ୍‌ପିଙ୍କ ଚିଠିକୁ ନେଇ ନୟାଗଡ ଏସ୍‌ଡିପିଓ ସ୍ନେହାଶିଷ ସାହୁ ଗଣମାଧ୍ୟମକୁ ସୂଚନା ଦେବା ପରେ ନୟାଗଡ଼ ଜିଲାରେ ସଡ଼କ ନିୟମ, ଟ୍ରାଫିକ କଟକଣା ଓ ଦୁର୍ଘଟଣା ଜନିତ ମୃତ୍ୟୁକୁ ହ୍ରାସ କରିବା ନେଇ ଏସ୍‌ପି ପଦକ୍ଷେପ ନେଉଥିବା ଚର୍ଚ୍ଚା ଆରମ୍ଭ ହୋଇଛି । ଏସ୍‌ପିଙ୍କ ଚିଠି ପରେ ଛାତ୍ରୀଛାତ୍ର ସଡ଼କ ନିୟମକୁ ଅଣଦେଖା କଲେ ଦଣ୍ଡିତ ହେବାର ଭୟ ଦେଖା ଦେଇଛି ।

ନୟାଗଡ଼ ଏସ୍‌ପିଙ୍କ ଚିଠି ପରେ ବାଇକ୍ ଚାଳନା କରୁଥିବା ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଟେନଶନ ବଢ଼ି ଯାଇଛି । ସରକାର ସଡ଼କ ନିୟମକୁ କଡାକଡି କରିଥିଲେ ମଧ୍ୟ ନୟାଗଡ଼ ଜିଲାରେ ତାର କିଛି ଫରକ ପଡୁ ନ ଥିଲା । ଛାତ୍ରୀଛାତ୍ରମାନେ ବେଆଇନ ଭାବେ ବାଇକ ଚାଳନା କରୁଥିଲେ । ସେମାନଙ୍କ ଅଭିଭାବକ ଲଗାମ ଦେବା ପରିବର୍ତ୍ତେ ସହଯୋଗ କରୁଥିଲେ। ସ୍କୁଲ ଓ କଲେଜରୁ ମଧ୍ୟ ସହଯୋଗ ମିଳିଥିଲା । ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷ, ଶିକ୍ଷକମାନେ ମଧ୍ୟ ନୀରବ ରହୁଥିଲେ। ଏପରି କି ପୋଲିସ, ଆରଟିଓ କର୍ମଚାରୀ ବି ଦେଖି ନୀରବ ରହୁଥିଲେ। ହେଲେ ଆଇନକୁ କଡାକଡି ପାଳନ କରାଗଲେ ହାଇସ୍କୁଲ ଓ କଲେଜ ହତାରୁ ବାଇକ୍ ଉଭାନ ହୋଇଯିବ ବୋଲି ମତ ପ୍ରକାଶ ପାଇଛି।

ଜିଲା ସଦର ମହକୁମାର ସରକାରୀ ଓ ବେସରକାରୀ ହାଇସ୍କୁଲ, କଲେଜର ଅଧିକାଂଶ ଛାତ୍ରୀଛାତ୍ର ସ୍କୁଟି, ବାଇକ୍ ଧରି ଦ୍ରୁତଗତିରେ ଗାଡ଼ି ଚାଳନା କରୁଛନ୍ତି। ସେମାନଙ୍କୁ ରୋକ୍ ଦେବାରେ ସଡ଼କ ନିୟମ ଉଲ୍ଲଂଘନ ହେବାରୁ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ଏନେଇ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ କୁହନ୍ତି, ଛାତ୍ରୀଛାତ୍ରଙ୍କୁ ବାଇକ୍ ଚାଳନାରୁ ଦୂରେଇ ରଖିବାକୁ ଏସ୍‌ପି ସ୍ୱତନ୍ତ୍ର ଭାବେ ଚିଠି କରିଛନ୍ତି । ଚିଠି ପରେ ହାଇସ୍କୁଲ ଓ କଲେଜ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ଏସ୍‌ପିଙ୍କ ସମୀକ୍ଷା ପରେ ଜଣାପଡିବ ବୋଲି ସେ କହିଛନ୍ତି ।

ବିପଦସଙ୍କୁଳ କୁଆଁରିଆ ବ୍ରିଜ୍

ବ୍ରିଜ୍ ଉପରେ ଜମି ରହିଥିବା ବର୍ଷାଜଳ ।

ଦଶପଲ୍ଲା,୨୨।୮(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଦୁର୍ଗା ବଜାର ନିକଟରେ କୁଆଁରିଆ ନଦୀ ଉପରେ ନିର୍ମିତ ବ୍ରିଜଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ବ୍ରିଜର ବିଭିନ୍ନ ସ୍ଥାନରେ ବଡ ବଡ ଖାଲ ସୃଷ୍ଟି ହୋଇଛି , ତାହା ଯାନବାହାନ ଚଳାଚଳରେ ବାଧା ସୃଷ୍ଟି କରୁଛି । ବର୍ଷା ହେଲେ ସେହି ଖାଲରେ ପାଣି ଜମି ରହୁଛି । ଅଧିକାଂଶ ସମୟରେ ଏଥିପାଇଁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଅଧିକାଂଶ ସମୟରେ ଖାଲ ସ୍ଥାନକୁ ମରାମତି କରାଯାଉଥିଲେ ମଧ୍ୟ କିଛିଦିନ ପରେ ପୁଣି ଖାଲ ସୃଷ୍ଟି ହେଉଛି । ଉକ୍ତ ବ୍ରିଜ ଉପରେ ଦୈନିକ ଶତାଧିକ ଯାନବାହନ ଚଳାଚଳ କରୁଛି । ସେଥିପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

ଖୋର୍ଦ୍ଧା-ଚଣ୍ଡିଖୋଲ ସବୁଠୁ ବିପଦସଙ୍କୁଳ ରାସ୍ତା

ଭୁବନେଶ୍ୱର, ୨୨।୮(ସୁନିତ୍ ମିଶ୍ର)

ଏନଏଚ ରେ ଘଟୁଥିବା ଦୁର୍ଘଟଣାର ୧୨% କେବଳ ଏହି ରାସ୍ତାରେ ଘଟୁଛି

- ଏହି ରାସ୍ତାରେ ମୋଟ ୩୬ଟି ବ୍ଲାକ୍‌ସ୍ପଟ
- ମାସକରେ ସମାଧାନ କରିବାକୁ ଏନ୍‌ଏଚଏଆଇକୁ ଚିଠି ଲେଖିଲେ ସଚିବ

ରାଜ୍ୟରେ ଏନ୍‌ଏଚଏଆଇ(ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ) ଅଧିନରେ ଆସୁଥିବା ଯେତେସବୁ ରାସ୍ତା ଅଛି ସେଥିମଧ୍ୟରୁ କେବଳ ଖୋର୍ଦ୍ଧା ଠାରୁ ଚଣ୍ଡିଖୋଲ ମଧ୍ୟରେ ଥିବା ୯୦ କିମି ରାସ୍ତାରେ ସବୁଠାରୁ ବେଶି ଦୁର୍ଘଟଣା ଘଟୁଛି। ଏହି ୯୦ କିମି ରାସ୍ତା ସବୁଠାରୁ ବିପଦ ଶଙ୍କୁଳ ରାସ୍ତା ପାଲଟିଛି। ରାଜ୍ୟର ଏନ୍‌ଏଚଏଆଇ ରାସ୍ତାରେ ଯେତେସବୁ ଦୁର୍ଘଟଣାଜନିତ ମୃତ୍ୟୁ ଘଟଣା ଘଟୁଛି ସେଥିମଧ୍ୟରୁ ୧୨ ପ୍ରତିଶତ କେବଳ ଏହି ୯୦ କିମି ଭିତରେ ରାସ୍ତାରେ ହେଉଛି ବୋଲି ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ମଙ୍ଗଳବାର ଚିଠି ଲେଖି ଏନ୍‌ଏଚଏଆଇ ଚିଫ ଜେନେରାଲ ମ୍ୟାନେଜରଙ୍କୁ ଅବଗତ କରାଇଛନ୍ତି।

ପାଢୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ପକ୍ଷରୁ ଗ୍ରହଣ କରାଯାଇଥିବା ସଡକ ଦୁର୍ଘଟଣାଜନିତ ତଥ୍ୟରୁ ଯାହା ଜଣାପଡିଛି, ଖୋର୍ଦ୍ଧାରୁ ଚଣ୍ଡିଖୋଲ ଏହି ୯୦ କିମି ରାସ୍ତାରେ ମୋଟ୍ ୩୬ଟି ବ୍ଲାକ୍‌ସ୍ପଟ ଆସୁଛି। ଏହା ୨୦୧୯ରୁ ୨୦୨୧ ମଧ୍ୟରେ ଥିବା ତଥ୍ୟ ଅନୁଯାୟୀ ଜଣାପଡିଛି। ଏହି ରାସ୍ତା ୩ଟି ଜିଲା ଖୋର୍ଦ୍ଧା, କଟକ ଏବଂ ଯାଜପୁର ଭିତରେ ଆସୁଛି। ପ୍ରତିବର୍ଷ ବହୁ ବ୍ଲାକସ୍ପଟ ବାରମ୍ବାର ଏହି ରାସ୍ତା ଭିତରେ ଚିହ୍ନଟ କରାଯାଉଛି। ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର ରାଜ୍ୟରେ ବଢି ଚାଲିଛି। ସେହି ଅନୁଯାୟୀ ଏହି ୯୦ କିମି ରାସ୍ତା ମଧ୍ୟରେ ଏକାଧିକ ବ୍ଲକସ୍ପଟ ରହିବା କାରଣରୁ ମଧ୍ୟ ଦୁର୍ଘଟଣାଜନିତ ମୃତ୍ୟୁହାର ବଢିବାରେ ଲାଗିଛି। ତେଣୁ ତୁରନ୍ତ ଏହି ରାସ୍ତାରେ ଥିବା ବ୍ଲକସ୍ପଟ ଗୁଡିକ ଚିହ୍ନଟ କରି ତାର ପ୍ରତିକାର କରାଯିବା ଉଚିତ୍। ଏହାସହିତ ଉକ୍ତ କାର୍ଯ୍ୟର ଅଗ୍ରଗତି ନେଇ ମଦ୍ୟ ବାରମ୍ବାର ତଦାରଖ କରିବା ଦରକାର। ତେଣୁ ଗୋଟେ ମାସ ମଧ୍ୟରେ ଏହି ରାସ୍ତାର ବ୍ଲକସ୍ପଟ ଚିହ୍ନଟ ଏବଂ ଏହାର ପ୍ରତିକାର କରି ରିପୋର୍ଟ ଦେବାକୁ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଗତ ମେ ୪ ତାରିଖରେ ହାଇୱେ କଡରେ ବହୁ ଗାଡି ବେଆଇନ ଭାବେ ପାର୍କିଂ କରୁଥିବା ବିଷୟ ନେଇ ଆଲୋଚନା ହୋଇଥିଲା। ଏହାସହ ଚଣ୍ଡିଖୋଲ ଠାରେ ରାସ୍ତା କଡରେ ହେଉଥିବା ବେଆଇନ ପାର୍କିଂ ହଟାଇବା ଉପରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଅନ୍ୟାନ୍ୟ ଏନ୍‌ଏଚ କଡରେ ହେଉଥିବା ବେଆଇନ ପାର୍କିଂ ହଟାଇବାକୁ ମଧ୍ୟ କୁହାଯାଇଥିଲା ସେନେଇ କ'ଣ କାର୍ଯ୍ୟ ଆଗେଇଛି ସେ ବିଷୟରେ ମଧ୍ୟ ରିପୋର୍ଟ ଦେବାକୁ ଏନଏଚଏଆଇ କୁ ନିର୍ଦ୍ଦେଶ ଦିଆଯାଇଛି।

ଛୁଟିରେ ୫୫ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

ବ୍ଲକ କାର୍ଯ୍ୟାଳୟ, ପଞ୍ଚାୟତରେ ଅଚଳାବସ୍ଥା

ଖଣ୍ଡପଡ଼ା,୨୨।୮(ଅଜୟ କୁମାର ମହାରଣା): ବିଭିନ୍ନ ଦାବି ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଗତ ୧୮ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଏଥିପାଇଁ ବ୍ଲକ ତଥା ବ୍ଲକ ଅଧିନ ୨୨ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଖଣ୍ଡପଡ଼ା ବ୍ଲକରେ ୫୫ ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କାମ କରୁଥିଲେ । ୨୨ ପଞ୍ଚାୟତକୁ ନେଇ ଗଠିତ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ କର୍ମଚାରୀଙ୍କ ଅଭାବ ଲାଗି ରହିଥିବା ବେଳେ ଏପରି ସମୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ଅନୁପସ୍ଥିତ ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଛି। ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ପରିଚାଳନରେ ଅଚଳାବସ୍ଥା ଦେଖା ଦେଇଛି । ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଦାୟିତ୍ୱ ବନ୍ଦ ହୋଇଯାଇଛି। କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେଇଛି । ଫଳରେ ଜନସାଧାରଣ ହନ୍ତସନ୍ତ ହେବା ସାର ହୋଇଛି । ଜିଲା ପ୍ରଶାସନ ଉପରୋକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

କଲ୍ୟାଣ ମଣ୍ଡପରୁ ତାଲା ନ ଖୋଲିଲେ ଆନ୍ଦୋଳନ

ଜିଲାପାଳଙ୍କୁ ଅବଗତ କଲେ ଗ୍ରାମବାସୀ

ଭାପୁର,୨୨।୮(ଭରତ କୁମାର ବେହେରା): ଭାପୁର ବ୍ଲକ ଅନ୍ତର୍ଗତ ବଡସହରା ପଞ୍ଚାୟତ ବଡସହରା ଗ୍ରାମର ମା' ଢୋଲଚଣ୍ଡୀ ନିକଟରେ ଥିବା କଲ୍ୟାଣ ମଣ୍ଡପରେ ଦୀର୍ଘଦିନ ଧରି ତାଲା ଝୁଲୁଛି। ସେହି କଲ୍ୟାଣ ମଣ୍ଡପକୁ ଖୋଲିବା ପାଇଁ ବଡସହରା ଗାଁର ଶତାଧିକ ବ୍ୟକ୍ତି ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୧୫ରେ ରାଜ୍ୟ ସରକାର ୩୫ଲକ୍ଷ ଟଙ୍କା ବ୍ୟୟରେ ଢୋଲଚଣ୍ଡୀ ନିକଟରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କରିଥିଲେ । କଲ୍ୟାଣ ମଣ୍ଡପ ନିର୍ମାଣ ପରେ ବିଦ୍ୟୁତ୍ ବ୍ୟବସ୍ଥା ଓ ବୋରିଂ ପାଇଁ ଆଉ ୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହାପରେ ବି ଉକ୍ତ କଲ୍ୟାଣ ମଣ୍ଡପ ଗ୍ରାମବାସୀଙ୍କ କାମରେ ଲାଗୁନାହିଁ। ଦୀର୍ଘ ଦିନ ଧରି ସେଠାରେ ତାଲା ଝୁଲୁଛି। ଗ୍ରାମବାସୀ ଏ ସଂକ୍ରାନ୍ତରେ ସ୍ଥାନୀୟ ବିଡିଓ, ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଥିଲେ ମଧ୍ୟ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏବେ ସେହି ପରିସର ଅନାବନା ଗଛରେ ଭର୍ତ୍ତି ହୋଇଛି । ନାନା ସରୀସୃପ ସେଠାରେ ରହିଛନ୍ତି । କାନ୍ଧକୁ ଲାଗି ଉଇ ହୁଙ୍କା ସୃଷ୍ଟି ହୋଇଛି । ସ୍ଥାନୀୟ ସରପଞ୍ଚ ବଜ୍ରକିଶୋର ଆଲୁକଙ୍କୁ ଅଭିଯୋଗ କଲେ ସେ ବାର୍ଷିକ ୪୦ହଜାର ଟଙ୍କା ଦେଲେ ଚାବି ହସ୍ତାନ୍ତର କରିବେ ବୋଲି କହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବଡସହରା ଗ୍ରାମ୍ୟ କମିଟି ତରଫରୁ ଏକ ବୈଠକ ଡକାଯିବା ସହ ସମସ୍ତ ଗ୍ରାମବାସୀ ଓ ବଡସହରା ଆଦର୍ଶ ଫାଉଣ୍ଡେଶନର ସଦସ୍ୟ ଜିଲାପାଳଙ୍କ ନିକଟରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ଏହି କଲ୍ୟାଣ ମଣ୍ଡପ ଖୋଲିବାକୁ ଦାବି ହୋଇଛି । ନଚେତ୍ ଗ୍ରାମବାସୀ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଜିଲାପାଳଙ୍କୁ ଗ୍ରାମବାସୀ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/Tender Publication/08/2023/03 ତା.17.08.2023ରିଖ

ଟେଣ୍ଡର ସଂ.40235597

ସାମଗ୍ରୀଗୁଡ଼ିକର ବିବରଣୀ : ସଂଶୋଧନ ସଂ.1 କିମ୍ବା ସର୍ବୋତ୍ତମ ସହିତ RDSO ବିନିର୍ଦ୍ଦେଶ ସଂ.RDSO/PE/SPEC/TL/0040-2003(REV-0) ଅନୁଯାୟୀ ଡ୍ରାଇ ଅନ୍‌ଗ୍ରାଉଣ୍ଡ ସ୍ଥିତିରେ ଇନର ସେଲ, ଇନର ଟିଅର (Tier) କନେକ୍ଟର, ଇନର ରୋ (Row) କନେକ୍ଟର, ଷ୍ଟେନଲେସ୍ ଷ୍ଟିଲ ଫାଷ୍ଟେନର, ମାଇକ୍ରୋ ପୋରୋସ୍ (Porous) ସେରାମିକ୍ ଭେଣ୍ଟ ତଥା ଲେଭେଲ ଇଣ୍ଡିକେଟର ଦ୍ୱାରା PPCP କଣ୍ଟେନରରେ 10 ଘଣ୍ଟା ଡିସ୍‌ଚାର୍ଜ ଦରରେ ଆସେସ୍‌ଲୁ କ୍ଷମତା ବିଶିଷ୍ଟ ଲିଡ୍ ଏସିଡ୍ ଟ୍ୟୁବୁଲାର ପଜିଟିଭ୍ (Tubular Positive) ଏବଂ ପେଷ୍ଟେଡ୍ ନେଗେଟିଭ୍ ପ୍ଲେଟ୍ ଷ୍ଟେସନାରୀ ବ୍ୟାଟେରୀ ସେଟ୍ 110V/40AH (ପ୍ରତ୍ୟେକ 2 ଭୋଲ୍ଟର 55 ସେଲ୍‌ଗୁଡ଼ିକୁ ନେଇ ଗଠିତ)ସହିତ ବ୍ୟାଟେରୀ ଉପକରଣ ସମୂହ । ହାଇଡ୍ରୋମିଟର-01 ଗୋଟି, ମର୍କୁରୀ ଥର୍ମୋମିଟର-01 ଗୋଟି, ଉବର ସିରିଞ୍ଜ-01 ଗୋଟି, ସେଲ୍ ଟେଷ୍ଟିଙ୍ଗ୍ ଭୋଲ୍ଟମିଟର (3-0-3)-01 ଗୋଟି, ଷ୍ଟାଣ୍ଡ ନିମନ୍ତେ PVC ସିଟ୍-01 ଗୋଟି, ସେଲ୍ ନଂ. ପ୍ଲେଟ୍, ପୋର୍ସେଲେନ୍ ଷ୍ଟାଣ୍ଡ ଇନ୍‌ସୁଲେଟର ସହିତ କମ୍ପୁଟ୍ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଏସିଡ୍ ପ୍ରୁଫ ବ୍ଲକ ପେଣ୍ଟ ଦ୍ୱାରା କୋଟେଡ୍ ଷ୍ଟାଣ୍ଡ ମେଡ୍ ମାଇଲ୍ଡ ଷ୍ଟିଲ ଡବଲ ଟିୟର । ନନ୍-ରିଟର୍ଣ୍ଣେବଲ ଜେରି କ୍ରେନ୍‌ରେ 27 ଡିଗ୍ରୀ ସେଲ୍‌ସିସସ ଠାରେ 1.205 sp.gr. ର ଇଲେକ୍ଟ୍ରୋଲାଇଟ୍ (440 ଲିଟର) ।

ଟେଣ୍ଡର ମୂଲ୍ୟ (₹) : 27,62,496/-, EMD @ 2% (₹) : 55,250/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.09.2023ରିଖ 1500 ଘଟିକାରେ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର

PR-482/O/23-24

GOVERNMENT OF ODISHA No.A-456
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER
SUBARNAREKHA & BUDHABALANGA BASIN
AT/P.O.: LAXMIPOSI, DIST.: MAYURBHANJ
Mail Id: cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 18/23-24 of CEBM, SBB, Laxmiposi

1	Name of work	Rising and Strengthering of Chargochia to Balaramgodi TR Saline Embankment
2	Estimated cost	Rs.40,51.37 Lakh
3	Bid Security / E.M.D.	Rs.40,51,400/-
4	Period of completion	24 (Twenty Four) calendar months
5	Class of contractor	'Special' Class and 'Super' Class
6	Date & time of availability of bid document in the portal	29.08.2023 at 10.00 A.M.
7	Last date / time for receipt of bid in the portal	25.09.2023 upto 5.00 P.M.
8	Date & time for pre-bid conference	11.09.2023, Office of the CE & BM, S&B Basin, Laxmiposi in physical / virtual mode through Google Meet. The interested bidder should ask to link giving their email id to cebmsbb2019@gmail.com (Joining time in Google Meet 11.30 A.M. to 12.00 Noon)
9	Date of opening of bid	26.09.23 at 11.00 A.M.
10	Name & address of the O.I.T	Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj

Further details can be seen from the e-Procurement Portal 'https://tendersodisha.gov.in'.
Sd./- Chief Engineer & Basin Manager
OIPR-32074/11/0031/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
2nd Corrigendum Notice
No.1743, Dated: 21.08.2023
No.O-712:The 2nd Corrigendum to the Bid Identification No.BLGR-Online-14/2023-24, the revised date and time are as follows.

Procurement Officer	Bid Identification No.	Availability of Tender online for bidding		Last Date & Time of seeking tender clarification	Date & Time of opening of tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Bolangir	BLGR-Online-14/2023-24	22.08.2022 at 11.00 A.M.	05.09.2023 upto 5.00 P.M.	04.09.2023 upto 5.00 P.M.	07.09.2023 at 11.00 A.M.	Will be intimated separately

N.B. All other terms and conditions remain unchanged.
Sd./- D.K. Seth
OIPR-25118/11/0025/2324
Chief Construction Engineer, R.W.Circle, Bolangir

ODISHA CONSTRUCTION CORPORATION LIMITED
BHUBANESWAR, ODISHA, PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
"e"-Procurement Notice No.32/OCCL/2023-24 (online)
No.CAD-1788: Online percentage rate tenders are invited for the following works.

Sl. No.	Name of Work	Bid Identification No.	Approx value of work (Rs. in crores)	Bid Security (through on-line transfer) (in Rs.)	Period of Completion	Availability of Tender (online)	Submission of tender (online)/as per procedure mentioned in DTCN)
02	Improvement & Black topping of Canal Service Road of Jeypore Main Canal within RD 0.00 Km to 17.845 Km and Branch Canal from RD 00 to 5.136 Km and off-taking distributaries under UKHW Division, Kolabnagar.	OC-CL-TSP/13/2023-24	Rs.20.31 Crores	Rs.20,31,000/-	15 (Fifteen) Calendar Months	From 23.08.2023, 03.30 PM to 07.09.2023, 5.30 PM	From 23.08.2023, 03.30 PM to 07.09.2023, 5.30 PM

Procurement Officer : Managing Director, OCCL.
Date of Opening of the Technical Bid: 08.09.2023, 12.00 Noon onwards
Further details can be seen from the : e-Procurement portal:https://www.tendersodisha.gov.in.
OIPR-34120/11/0044/2324
Sd./- Managing Director

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଆଶୁତୋଷ

@ ବିଶ୍ୱଜିତ୍

@ ସତ୍ୟସିଂ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

HIGH COURT OF ORISSA, CUTTACK
TENDER NOTICE
No. 13384 Dt.22.08.2023
High Court of Orissa, Cuttack invites sealed tenders from the reputed agencies for providing Security Guard (Watch and Ward) (Without Arms) at Museum of Justice, Killa Fort, Cantonment Road, Cuttack on contract basis. For detail terms and conditions of the Tender, intersted agencies are requested to visit the High Court of Orissa website: https://orissahighcourt.nic.in.
Sd./- Registrar (Judicial)
High Court of Orissa, Cuttack

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
Tender Notice No. TPWODL/AK/O/SER/ 039
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
Rate Contract for New 33 KV & 11 KV line, Augmentation of 33KV & 11 KV line, Conversion of LT Old conductor, and AB Cable to new and Augmentation of Transformers from 63 KVA TO 500 KVA 11/0.433 KV under Govt Funded scheme CMPDP at TPWODL.
Interested bidders to submit Tender Participation Fee and Authorization Letter through email on or before 31st Aug. 2023, 19:00Hrs, after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.
Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE
ZILLA SWASTHYA SAMITI, BALASORE
TENDER CALL NOTICE
Advt.No...../2884 Date:22.08.23
No.E-346:Sealed Short Tender notice in exigency of public service are invited from Manufacturers/wholesalers/retailers having valid license, GST No, PAN No for supply of NS1 Dengue Kits to DHH Balasore. The details regarding the tender may be downloaded from district website www.baleswar.nic.in. Interested bidders are requested to submit tenders (under two bid systems) along with necessary documents (Technical and Financial bid in separate envelopes). The bids in sealed envelope should reach the office of the undersigned by 31.08.2023 till 5.30 P.M along with all relevant documents through Registered Post / Speed Post only. Tenders received after due date & time will be rejected and the undersigned will not be responsible for postal delay. The tender will be opened at 11.00 A.M on 01.09.2023 at O/O the CDM&PHO, Balasore,

ସଂକ୍ଷେପରେ

କୁମ୍ଭୀରକୁ ନେଇ ନଦୀକୂଳବାସୀ ଆତଙ୍କିତ

ଚଣ୍ଡିଖୋଲ,୨୨।୮ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବରୀ ବ୍ଲକ୍ ଅନ୍ତର୍ଗତ ପାଲଟପୁରଠାରେ ବିରୂପା ନଦୀରେ ଗତ ବୁଧବାର ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେଇ ଖାଇଯିବା ପରେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହି ପାଲଟପୁର ଗ୍ରାମଠାରୁ ମାତ୍ର ୪ କି.ମି. ଦୂର ଖଡ଼ଗପୁରଠାରେ ବିରୂପା, ଗେଣ୍ଡୁଟି ଓ କେଲୁଅ ନଦୀ ସଂଯୋଗ ହୋଇଛି। ତେଣୁ ଏହି ୩ ନଦୀକୂଳରେ ବସବାସ କରୁଥିବା ଲୋକମାନେ ଭୟଭିତ ହୋଇ ପଡ଼ିଛନ୍ତି। ବିଭିନ୍ନ ସ୍ଥାନରେ କୁମ୍ଭୀର ବାହାରୁଥିବା ନେଇ ହୋହଲ୍ଲା ହେଉଛି। ରବିବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ରାଧାଦେଇପୁର ଓ ବଡ଼ବାଲିକୁଦାଠାରେ କୁମ୍ଭୀର ଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ସେହିପରି ୪ ଦିନ ତଳେ ବିରୂପାନଦୀର ଚାରିନଙ୍ଗଲଠାରେ କୁମ୍ଭୀର ଦେଖା ଯାଇଥିବା କୁହାଯାଉଥିଲା। ସେଥିପାଇଁ ବନ ବିଭାଗ ପକ୍ଷରୁ ନଦୀକୁ ନ ଯିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ସତର୍କତା ଅବଲମ୍ବନ କରିବାକୁ ମାଇକ ଯୋଗେ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ କେହି କୁମ୍ଭୀରକୁ ନେଇ ଗୁଜବ ପ୍ରଚାର ନ କରିବାକୁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

ଟୋଲ୍ ଗେଟ୍‌ରେ ମାରପିଟ, ଜଣେ ଗିରଫ

କଳିଙ୍ଗନଗର,୨୨।୮ (ଶୁଭାଶିଷ ରାଉତ):

ଚୋରଦା-ଡୁବୁରୀ ରାସ୍ତାର ବାରଗାଡ଼ିଆ ଛକ ନିକଟ ଟୋଲ୍ ଗେଟ୍‌ରେ ସୋମବାର ରାତିରେ ଟୋଲ୍ ଫିଁ ଆଦାୟକୁ ନେଇ ଟୋଲ୍‌ଗେଟ କର୍ମଚାରୀ ଓ ଜଣେ ସ୍କର୍ପିଓ ଡ୍ରାଇଭରଙ୍କ ମଧ୍ୟରେ ମାରପିଟ ହୋଇଥିବେଳେ ମଙ୍ଗଳବାର ଡ୍ରାଇଭର ସଂଘ ପକ୍ଷରୁ ଟୋଲ ଗେଟ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। କଳିଙ୍ଗନଗର ପୋଲିସ ପହଞ୍ଚି ଡ୍ରାଇଭର ସଂଘକୁ ବୁଝାଇଥିଲା। ପରେ ଚାଳକ ଦୀପକ ପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୫୭/୨୩ରେ ମାମଲା ରୁଜୁ କରି ଟୋଲ ଗେଟ କର୍ମଚାରୀ ଆଲୋକ ମଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଟୋଲ୍ ଫିଁ ଆଦାୟକୁ ନେଇ ଦୀପକଙ୍କୁ ଆଲୋକ ମାଡ଼ ମାରିଥିଲେ।

୨ କଳାପଥର ବୋଝେଇ ହାଇୱା ଜବତ

ଧର୍ମଶାଳା,୨୨।୮ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ତହସିଲ ଅଞ୍ଚରା କଳାପଥର ଖାଦାନରେ ବେଆଇନଭାବେ ପରିବହନ କରୁଥିବା ୨ ହାଇୱାକୁ ତହସିଲ ପକ୍ଷରୁ ଜବତ କରାଯାଇଛି। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବଳରାମପୁର ୧ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ ଚଢ଼ାଉ କରି(ଓଡି-୦୪-ଜେ-୦୨୬୬ ଓ ଓଡି-୧୪-ଏଚ-୬୮୯୧) ହାଇୱାକୁ ଜବତ କରିଛନ୍ତି। ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ି ୨ଟିକୁ ଚଢ଼େଇଧରା ଫାଣ୍ଡିରେ ରଖାଯାଇ ତହସିଲଦାରଙ୍କୁ ଅବଗତ କରାଯାଇଥିବା ରାଜସ୍ୱ ନିରୀକ୍ଷକ ସାହୁ ସୂଚନା ଦେଇଛନ୍ତି।

ବିରଜା ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ରକ୍ତଦାନ ଶିବିର

ଯାଜପୁର ଟାଉନ,୨୨।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ସହରସ୍ଥିତ ବିରଜା ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିରଜା ସ୍କୁଲ ଅଫ୍ ନର୍ସିଂର ପ୍ରତିଷ୍ଠାତା ପରେଶ ମଲ୍ଲିକଙ୍କ ନେତୃତ୍ୱରେ ଓ ନିର୍ଦ୍ଦେଶକ ଶ୍ୟାମସୁନ୍ଦର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଯାଜପୁର ଜିଲା ମୁଖ୍ୟଚିକିତ୍ସାଳୟର ଏଡିଟିଏଚ୍‌ଓ ଡା. ରମେଶ ମଲ୍ଲିକ, ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ସୁଜିତ ମନୋହର ସ୍ୱାଇଁ, ସାମାଜିକ କର୍ମୀ ସନ୍ତୋଷ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରୁ ମୋଟ୍ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୁବାସ ଆଚାର୍ଯ୍ୟ, କେଶବ ରାଉତ, ବିଜୟ ସାମଲ, ରମେଶ ସାମଲ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲା ରକ୍ତଭଣ୍ଡାର ପକ୍ଷରୁ ମହେଶ୍ୱର ବେହେରା, ଦେବବ୍ରତ ବେହେରା, ଜ୍ୟୋତିରଞ୍ଜନ ବେହେରା, ତରୁଣ କୁମାର ନାୟକ ଓ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ବିରଜା ସ୍କୁଲ ଅଫ୍ ନର୍ସିଂର ଅଧ୍ୟକ୍ଷା ବିଶାଖା ମଞ୍ଜରୀ ପରିଡ଼ା, ଅନିଲ କୁମାର ସାହୁ, ଲିଜା ଦାଶ, ସୁଶ୍ରୀ ସଂଗୀତା ମହାରଣା, ଶୁଭଲକ୍ଷ୍ମୀ ମୁଖୀ, ରାମକୃଷ୍ଣ ସାହୁ, ତପନ ଦାସ, ସୁରେଶ ଜେନା, ଅଭୟ ଜେନା ଓ ମନୋରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୫ ଏକର ଦରକାର, ମିଳିଛି ୬୦ ଡେସିମିଲ

ଚଣ୍ଡିଖୋଲରେ ମିନି ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠାରେ ବିଳମ୍ବ

ଯାଜପୁର,୨୨।୮ (ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲାରେ ସରକାରୀ ମେଡିକାଲ କଲେଜ ଏବଂ ପାଣିକୋଇଲିଠାରେ ଟ୍ରମା କେୟାର ସେଣ୍ଟର ପାଇଁ ଗୃହ ନିର୍ମାଣାଧୀନ ରହିଛି। କିନ୍ତୁ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ଚଣ୍ଡିଖୋଲଠାରେ ପ୍ରସ୍ତାବିତ ମିନି ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା କିମ୍ବା ଆକ୍ସିଡେଣ୍ଟାଲ ୟୁନିଟର ଅପଗ୍ରେଡେଶନ ପାଇଁ ଆବଶ୍ୟକ ଜମି ମିଳୁ ନାହିଁ। ଏଥିପାଇଁ ଆବଶ୍ୟକ ଥିବା ୫ ଏକର ପରିବର୍ତ୍ତେ ଏଯାଏ ମାତ୍ର ୬୦ ଡେସିମିଲ ଜମି ମିଳିଥିବା ସୂଚନା ମିଳିଛି। ଫଳରେ ଏହି ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ନେଇ ସଂଶୟ ସୃଷ୍ଟି ହୋଇଛି। ଏହି କ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ମମତା ବାରିକ ତୁରନ୍ତ ଆବଶ୍ୟକ ଥିବା ୫ ଏକର ଜମି ଚିହ୍ନଟ କରି ବିହିତ ପଦକ୍ଷେପ ନେବାକୁ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଚଣ୍ଡିଖୋଲ ସହର ୫୩ ଏବଂ ୧୬ନଂ. ଜାତୀୟ ରାଜପଥର ସଙ୍ଗମ ସ୍ଥଳ। ୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱ ଚଣ୍ଡିଖୋଲ ଆଖପାଖରେ ପାହାଡ଼ ପର୍ବତ ରହିଥିବାବେଳେ ୧୬ନଂ. ଜାତୀୟ ରାଜପଥ କଡରେ ଆବଶ୍ୟକ ପରିମାଣର ସରକାରୀ ଜମି ନ ଥିବା ଅନୁମାନ କରାଯାଉଛି। ତେଣୁ ଏହି ଲୋକହିତକର ପ୍ରକଳ୍ପ ପାଇଁ ବେସରକାରୀ ଜମି ଅଧିଗ୍ରହଣ ହେବାର ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଇଛି। ଗତ ଏପ୍ରିଲରେ ସାରା ରାଜ୍ୟରେ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ଅଭିଯାନ ଚାଲିଥିଲା। ଏହାବାଦ୍ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଜିରୋ ଟଲୋରେନ୍ସ ଡେ ପାଳନ କରାଯାଇଥିଲା। ତଥାପି ଏଯାଏ ୧୬ନଂ. ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି। ସୋମବାର ୧୬ନଂ. ଜାତୀୟ ରାଜପଥରେ ଏକ ଟ୍ରକ ଧକ୍କାରେ ଗାଡ଼ି ମରାମତି କରୁଥିବା ୨ ମେକାନିକଙ୍କ ମୃତ୍ୟୁ ହୋଇଛି। ଏହାବାଦ୍ ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ରିପୋର୍ଟ ଅନୁସାରେ ୨୦୨୨ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ଯାଜପୁର ଜିଲାରେ ୫୨୮ଟି ଦୁର୍ଘଟଣା ହୋଇଥିଲା। ଏଥିରେ ୨୦୦ ଲୋକଙ୍କ ଜୀବନ ଯାଇଥିବାବେଳେ ୩୧୫ ଜଣ ଆହତ ହୋଇଥିଲେ। ୧୬ନଂ. ଜାତୀୟ ରାଜପଥରେ ବେଆଇନ ପାର୍କିଂ ଏବଂ ତ୍ରୁଟିପୂର୍ଣ୍ଣ ଏନ୍‌ଏଚ୍ ନିର୍ମାଣ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହୋଇଛି। ରାସ୍ତା କଡରେ ପଡି ରହିଥିବା ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ତୁରନ୍ତ ହଟାଇବା ଏବଂ ବେଆଇନ ପାର୍କିଂ ଗାଡ଼ିରୁ ଜରିମାନା ଆଦାୟ ଠିକ ଭାବେ ହୋଇ ପାରୁନାହିଁ। ବିପୁଳ କୋଟି ଟଙ୍କା ବ୍ୟୟରେ ରାଜପଥରେ କ୍ଷୀପ୍ର ଗତିରେ ଗାଡ଼ି ଚଳାଇବା ନିୟନ୍ତ୍ରଣ ଲକ୍ଷ୍ୟରେ ଲାଗିଥିବା କ୍ୟାମେରାଗୁଡିକ ସେତେଟା ଦୁର୍ଘଟଣା ହ୍ରାସ କରିବାରେ ସଫଳ ହୋଇ ପାରିନାହିଁ। ଏବେ ବି ଜିଲାର ୧୬, ୫୩ ଏବଂ ୨୦ନଂ.ଜାତୀୟ ରାଜପଥ କଡରେ ରାତି ଏବଂ ଦିନରେ ଶତାଧିକ ଗାଡ଼ି ରାସ୍ତାକଡରେ ପାର୍କିଂ ହେଉଥିବା ଦେଖିବାକୁ ମିଳିଥାଏ। ଏପରି କି କଳିଙ୍ଗନଗର ଶିଳ୍ପାଞ୍ଚଳର ଯାଜପୁର ରୋଡଠାରୁ ଡୁବୁରୀ ପର୍ଯ୍ୟନ୍ତ ପରିବହନ ଗାଡ଼ିଗୁଡିକ ରାସ୍ତା କଡରେ ଠିଆ ହୋଇଥାଏ। ଜିଲା ପରିବହନ ବିଭାଗ ଏବଂ ପୋଲିସ ପ୍ରାୟ ପାଟ୍ରୋଲିଂ କରୁଥିଲେ ହେଁ ଏହି ବେଆଇନ ପାର୍କିଂ ଉପରେ ନଜର ପଡି ନ ଥାଏ। ଫଳରେ ଜିଲାରେ ଦୁର୍ଘଟଣା କମିବା ପରିବର୍ତ୍ତେ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି। ଏହି କ୍ରମରେ ସରକାର ଦୁର୍ଘଟଣାରେ ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ୧୬ନଂ. ଜାତୀୟ ରାଜପଥର ପାଣିକୋଇଲି ଏବଂ ଚଣ୍ଡିଖୋଲଠାରେ ଟ୍ରମା କେୟାର ସେଣ୍ଟରର ପରିକଳ୍ପନା କରାଯାଇଛି। ଜିଲାରେ ଶିଳ୍ପ ଏବଂ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣରେ ଯେଭଳି ତତ୍ପରତା ପ୍ରକାଶ ପାଉଛି, ସେଭଳି ଭାବେ ଟ୍ରମା କେୟାର ସେଣ୍ଟର ପାଇଁ ଆନ୍ତରିକତା ନ ଥିବା ମତପ୍ରକାଶ ପାଉଛି। ଏହି ପ୍ରକଳ୍ପ ପାଇଁ ଆବଶ୍ୟକତା ୫ ଏକର ଜମିରୁ ମାତ୍ର ୬୦ ଡେସିମିଲ ଜମି ଅଧିଗ୍ରହଣ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ସିଡିଏମ୍‌ଓ ଶିବାଶିଷ ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ଚଣ୍ଡିଖୋଲଠାରେ ପୂର୍ବରୁ ଏକ ଆକ୍ସିଡେଣ୍ଟାଲ ୟୁନିଟ ରହିଛି। ଉକ୍ତ ୟୁନିଟର ସଂପ୍ରସାରଣ କିମ୍ବା ଏକ ମିନି ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା କରିବାକୁ ଯୋଜନା ଅଛି। ଜାତୀୟ ରାଜପଥର ୫୫ କିମି ଦୂର ବ୍ୟବଧାନରେ ଗୋଟିଏ ଟ୍ରମା କେୟାର ସେଣ୍ଟର ନିର୍ମାଣ ନିୟମ ରହିଛି। ପାଣିକୋଇଲିଠାରୁ ଚଣ୍ଡିଖୋଲର ଦୂରତା ୪୦ କିମି। ତେଣୁ ଚଣ୍ଡିଖୋଲରେ ଏକ ମିନି ଟ୍ରମା କେୟାର ସେଣ୍ଟର ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିପାଇଁ ଜମି ଅଧିଗ୍ରହଣ ବ୍ୟବସ୍ଥା କରାଯାଉଛି।

ଚନ୍ଦ୍ରୟାନ-୩ର ସଫଳ ଅବତରଣ ପାଇଁ ପୂଜାର୍ଚ୍ଚନା

ଛାତ୍ରୀଛାତ୍ର ବିଦ୍ୟା ମନ୍ଦିରରେ ଚନ୍ଦ୍ରାୟନର ଏକ ଫଟୋଚିତ୍ର ପ୍ରସ୍ତୁତ କରି ପୂଜାର୍ଚ୍ଚନା କରୁଛନ୍ତି।

ଧର୍ମଶାଳା/କାଏମା,୨୨।୮ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚନ୍ଦ୍ରୟାନ-୩ର ଚନ୍ଦ୍ର ପୃଷ୍ଠରେ ସଫଳ ଅବତରଣ ପାଇଁ ପୂଜାର୍ଚ୍ଚନା କରାଯାଇଛି। ଛାତ୍ରୀଛାତ୍ର ବିଦ୍ୟା ମନ୍ଦିରରେ ଚନ୍ଦ୍ରାୟନର ଏକ ଫଟୋଚିତ୍ର ପ୍ରସ୍ତୁତ କରି ଏହାର ପୂଜାର୍ଚ୍ଚନା କରିବା ସହ ଜାତୀୟ ପତାକା ଧରି ଭାରତମାତାକୀ ଜୟ ଓ ବନ୍ଦେମାତରମ ଆଦି ସ୍ଲୋଗାନ ଦେଇଛନ୍ତି। ଚନ୍ଦ୍ରାୟନ କିଭଳି ନିରାପଦରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ସେଥିଲାଗି ଛାତ୍ରୀଛାତ୍ର ଗୁରୁଜୀଗୁରୁମାନଙ୍କ ସହ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରୀତାରାଣୀ ସ୍ୱାଇଁ ଓ ଅନ୍ୟ ସମସ୍ତ ଗୁରୁମାଗୁରୁଜୀଙ୍କ ଉପସ୍ଥିତିରେ ପିଲାମାନେ ପ୍ରାର୍ଥନା କରିଥିଲେ। ଜୁଲାଇ ୧୪ରେ ଶତିସ ଧାୱନ ଉତ୍କ୍ଷେପଣ କେନ୍ଦ୍ରରୁ ଚନ୍ଦ୍ରାୟନ ୩ ପଠାଯାଇଥିଲା। ଏହା ବୁଧବାର ସନ୍ଧ୍ୟା ୬ଟା୪ ମିନିଟରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ବୋଲି ଇସ୍ରୋର ବୈଜ୍ଞାନିକମାନେ ସମୟ ନିର୍ଘଣ୍ଟ କରିଛନ୍ତି। ଏହାକୁ ନେଇ ପିଲାଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ମଧ୍ୟ ଦେଖିବାକୁ ମିଳିଛି। କିଛି ବିଦ୍ୟାର୍ଥୀ କହିଛନ୍ତି, ଆଉମାତ୍ର କିଛି ଘଣ୍ଟା ପରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ ଅବତରଣ କରିବ। ଯଦ୍ୱାରା ଆମ ଦେଶ ଭାରତ ଇତିହାସ ରଚିବ। ବିଶ୍ୱରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ଅଧିକାର କରିବ।

ସମକାଳୀନ ଓଡ଼ିଆ କଥା ସାହିତ୍ୟରେ ଦଳିତ ଚେତନା ପୁସ୍ତକକୁ ଅତିଥି ଲୋକାର୍ପଣ କରୁଛନ୍ତି।

'ସାହିତ୍ୟ ସମାଜକୁ ମାର୍ଗଦର୍ଶନ କରିଥାଏ'

ସମକାଳୀନ ଓଡ଼ିଆ କଥା ସାହିତ୍ୟରେ ଦଳିତ ଚେତନା ପୁସ୍ତକ ଲୋକାର୍ପଣ

ସିଂହପୁର,୨୨।୮ (ଅନଙ୍ଗ ଉଦୟ ବେଉରିଆ):

ସମକାଳୀନ ଓଡ଼ିଆ କଥା ସାହିତ୍ୟରେ ଦଳିତ ଚେତନା ରହିଛି, ତାହା ପରିବର୍ତ୍ତିତ ରୂପରେ। ବର୍ତ୍ତମାନ ରାଜନୀତି ସମାଜକୁ ନିୟନ୍ତ୍ରଣ କରୁଥିବାବେଳେ ଦଳିତ ଚେତନା ସେତେ ପ୍ରକାଶ ପାଇ ପାରୁନାହିଁ। କିନ୍ତୁ ସାହିତ୍ୟରେ ତାହା ପ୍ରକାଶିତ ହୋଇ ସମାଜକୁ ମାର୍ଗଦର୍ଶନ କରୁଛି। ବିଷ୍ଣୁପୁର ବ୍ଲକ ଅନ୍ତର୍ଗତ ନଛିପୁରଠାରେ ଥିବା ଏକ ମଣ୍ଡପରେ ସାରସ୍ୱତ ସମାରୋହ ଓ ପୁସ୍ତକ ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏକଥା ପ୍ରକାଶ କରିଛନ୍ତି।

ଓଡ଼ିଶାର ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ସଂଗ୍ରାମ କେଶରୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଦେବପ୍ରସାଦ ସାମଲଙ୍କ ଗବେଷଣାତ୍ମକ ପୁସ୍ତକ ସମକାଳୀନ ଓଡ଼ିଆ କଥା ସାହିତ୍ୟରେ ଦଳିତ ଚେତନା ପୁସ୍ତକକୁ ଲୋକାର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ଅକ୍ଷରର ମୁଖ୍ୟ ସମ୍ପାଦକ ଅମିୟ ପାଣ୍ଡବ ଯୋଗ ଦେଇଥିଲେ। ଆଲୋଚକ ଡ. ଶ୍ରୀହରି ଧଳ ପୁସ୍ତକ ଉପରେ ସମୀକ୍ଷା କରିଥିଲେ। ଅଧ୍ୟାପକ ଅଜୟ ଓଝା ଯୋଗଦେଇ କହିଥିଲେ, ୨୫ ବର୍ଷ ଭିତରେ ଦଳିତଙ୍କ କିଛି ଗୁଣାତ୍ମକ ପରିବର୍ତ୍ତନ ଘଟିନାହିଁ। ତେଣୁ ଦଳିତ ସାହିତ୍ୟ ସେହିପରି ରହିଯାଇଛି। ବ୍ୟାସକବି ଫକୀରମୋହନ ମଧ୍ୟ ଦଳିତ ସାହିତ୍ୟ ରଚନା କରିଥିଲେ ବୋଲି ସେ କହିଥିଲେ। ଲେଖକ ଡ. ସାମଲ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, ଦଳିତ ଚେତନା ସାହିତ୍ୟରେ ରହିଛି। ସେ ସମ୍ପର୍କରେ ଅନେକ ଗାଳ୍ପିକ ତାଙ୍କ କଥା ସାହିତ୍ୟରେ ତାହା ଫୁଟାଇ ପାରିଛନ୍ତି। ଅଧ୍ୟାପକ ମଣ୍ଟୁ ବଳିୟାରସିଂହ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଅସନ୍ତୋଷ ବଢ଼ାଉଛି ଅଘୋଷିତ ବିଦ୍ୟୁତ୍ କାଟ୍

ଧର୍ମଶାଳା,୨୨।୮ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଏଥିଯୋଗୁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଣ ପାଇଁ ରାଜ୍ୟ ସରକାର ଟାଟା ପାୱାରକୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ହେଲେ ଟାଟା ପାୱାର ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ନେବା ପରଠାରୁ ବିଦ୍ୟୁତ୍ ବିଭ୍ରାଟ କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଦିନ ଓ ରାତି ମିଶାଇ ପ୍ରତ୍ୟେକ ଦିନ ହାରାହାରୀ ୭ରୁ୮ ଘଣ୍ଟା ଅଘୋଷିତ ଭାବେ ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ବିଦ୍ୟୁତ୍ ଉପରେ ନିର୍ଭର କରୁଥିବା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଯାହାକୁ ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ଯାଜପୁର ଜିଲାର ଧର୍ମଶାଳା ଉପଖଣ୍ଡରେ ଅଧିକ ବିଦ୍ୟୁତ୍ କାଟ ହେଉଥିବା ଦେଖାଯାଉଛି। ଏନେଇ ଉପଭୋକ୍ତାମାନେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ ସେମାନେ ଖାତିର କରୁ ନ ଥିବା ଅଭିଯୋଗ ହୋଇଛି। ଟାଟା ପାୱାର ପକ୍ଷରୁ ବିଦ୍ୟୁତ୍ ବିଲ ଆଦାୟ ପାଇଁ ସ୍ୱତନ୍ତ୍ର କର୍ମଚରୀଙ୍କୁ ନିଯୁକ୍ତି ଦିଆଯାଇଥିଲାବେଳେ ଏହି ଟିମ୍‌ରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ସାମିଲ ହୋଇ ବିଲ ଆଦାୟରେ ବ୍ୟସ୍ତ ରହୁଛନ୍ତି। ହେଲେ ଉପଭୋକ୍ତା କିଭଳି ଉଚିତ୍ ସେବା ପାଇପାରିବେ ସେଥିପ୍ରତି ସେମାନେ ଯତ୍ନବାନ ହେଉନାହାନ୍ତି। ଏପରିକି ଉପଭୋକ୍ତାମାନଙ୍କ ଘରେ ପସି ଅଧିକ ଜରିମାନା କରୁଛନ୍ତି। ବାରମ୍ବାର ବିଦ୍ୟୁତ୍ କାଟ୍ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ କଲେ କୌଣସି ଉତ୍ତର ମିଳୁ ନ ଥିବା ଉପଭୋକ୍ତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଧର୍ମଶାଳା ବିଦ୍ୟୁତ୍ ଉପଖଣ୍ଡ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

ରାଜ୍ୟପାଳଙ୍କୁ 'କଳି ଭାଗବତ' ପୁସ୍ତକ ପ୍ରଦାନ

ରସୁଲପୁର,୨୨।୮ (ରଞ୍ଜିତ ରାଉତ):

ଯାଜପୁର ଜିଲାର ବିନୋରୀ ସାମାଜିକ ସଂଗଠନ ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ 'କଳି ଭାଗବତ' ପୁସ୍ତକ ପ୍ରଦାନ କରାଯାଇଛି। ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ଏକମାତ୍ର ସନ୍ନ୍ୟାସୀ ଜଗଦ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଙ

ଆମ ବସ୍‌ଷ୍ଟାଣ୍ଡ ଯୋଜନା କାର୍ଯ୍ୟକାରିତା ନେଇ ସନ୍ଦେହ

ଜଗତ୍‌ସିଂହପୁର, ୨୨।୮ (ପ୍ରମୋଦ କୁମାର ନାୟକ)

- ୧୨ ବର୍ଷ ପୂର୍ବର ବସ୍‌ଷ୍ଟାଣ୍ଡ ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ
- ଜିଲାର ୩ଟି ବ୍ଲକ ଅଞ୍ଚଳରେ ଘୋଷଣା ହୋଇପାରେ

ରାଜ୍ୟ ସରକାର ଲୋକଙ୍କ ଗମନାଗମନ ସୁବିଧା ପାଇଁ ନୂଆକରି ମୋ ବସଷ୍ଟାଣ୍ଡ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ଜଗତ୍‌ସିଂହପୁର ଜିଲାର ୩ଟି ବ୍ଲକ ଅଞ୍ଚଳରେ ନୂଆ 'ଆମ ବସ ଷ୍ଟାଣ୍ଡ' ନିର୍ମାଣ ହେବା ନେଇ ଏକପ୍ରକାର ବୃତ୍ତାନ୍ତ ହୋଇଯାଇଛି । କେଉଁ ସ୍ଥାନରେ ଏହା କଲେ ଭଲ ହେବ ସେନେଇ ଜମି ଚିହ୍ନଟ ମଧ୍ୟ ହୋଇସାରିଛି । ବୁଧବାର ଏହାର ରୂପରେଖ ଉପରେ ଘୋଷଣା ହେବାକୁ ଯାଉଛି । ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ କେତେଦୂର ଲୋକଙ୍କ ଅସୁବିଧା ଦୂର କରିବ ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ ତାହା ସମୟ କହିବ।

୧୧ ବର୍ଷ ପୂର୍ବରୁ ଜିଲା ମୁଖ୍ୟାଳୟ ନିକଟ ଯୋଗଧାରୀଠାରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ସ୍ଥାନ ଚିହ୍ନଟ ହୋଇଥିଲା। ଏଥିପାଇଁ ପାଖାପାଖି ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା । କିନ୍ତୁ ଏହି ବସ୍‌ଷ୍ଟାଣ୍ଡ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ସେବେଠାରୁ ଏହ ପରିସର ବେସରକାରୀ ଭାବେ ଅର୍ଥାତ ଟ୍ରକ୍ ରହଣି ସ୍ଥାନ ପାଲଟିଛି । ଦୀର୍ଘ ଦିନ ପରେ ସରକାର ଏହି ସ୍ଥାନରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ବାବଦରେ ୧୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୫ ମାସ ପୂର୍ବରୁ ଜଗତ୍‌ସିଂହପୁର ପୌର ପରିଷଦକୁ ୭ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ପରିଷଦ କାମ କରିବା ପାଇଁ ଏହି ରାଶି ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଦେଇଛି। କିନ୍ତୁ ଏହି କାମ ଏ ପର୍ଯ୍ୟନ୍ତ ଆରମ୍ଭ ହେଲାନାହିଁ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଉଦ୍ୟମ ହେଉଥିବା ଅନେକ ଅଭିଯୋଗରେ କହିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୨୦ଟି ସ୍ଥାନରେ 'ଆମ ବସ୍‌ଷ୍ଟାଣ୍ଡ' ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଯୋଜନାର ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳ ଲୋକଙ୍କୁ ଗମନାଗମନ ପାଇଁ ସୁଯୋଗ ଦେବା। ଆମ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଯେପରି ରାତ୍ରୀ ରହଣି କରିପାରିବ ସେନେଇ ସୁବିଧା କରାଯିବ। ଏହି ମୁତାବକ ଜଗତ୍‌ସିଂହପୁର ଜିଲାର ବିରିଡ଼ି, ଏରସମା ଓ ବାଲିକୁଦା ବ୍ଲକ ଅଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟରେ ୩ଟି ଆମ ବସ୍‌ଷ୍ଟାଣ୍ଡ କରାଯିବାକୁ ନିଷ୍ପତ୍ତି ହୋଇଛି । ବିରିଡ଼ି ବ୍ଲକର ଦଣ୍ଡିଲୋଠାରେ ପାଖାପାଖି ଦେଢ ଏକର ଜମି ଚିହ୍ନଟ ହୋଇଛି। ସେହିପରି ଏରସମା ବ୍ଲକ ଆଦର୍ଶ ବିଦ୍ୟାଳୟ ନିକଟ ମଣିକୁଣ୍ଡର ଓ ବାଲିକୁଦା ବ୍ଲକ ଆମ୍ବଶାଳା ନିକଟ ନୂଆଗାଁଠାରେ ଜମି ଚିହ୍ନଟ ସରିଛି । ଏହି ପରିସର ପୂର୍ଣ୍ଣଭାବେ କଂକ୍ରିଟ କରାଯିବ। ଫାଟକ ରହିବ। ସେଠାରେ ଭିନ୍ନକ୍ଷମ ଓ ସାଧାରଣ ଯାତ୍ରୀଙ୍କ ବସିବା ପାଇଁ ସୁବ୍ୟବସ୍ଥା କରାଯିବ। ଏଥିସହ ପରିସ୍ରାଗାର, ପାଇଖାନା ଓ ପିଇବା ପାଣି ସୁବିଧା ହେବ। ବୁଧବାର ଯୋଜନାର ରୂପରେଖ ସମ୍ପର୍କରେ ଘୋଷଣା, କାର୍ଯ୍ୟ ଆରମ୍ଭ ଓ ଶେଷ ସମ୍ପର୍କରେ ସୂଚନା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କହଛନ୍ତି, ଆମ ବସ୍‌ଷ୍ଟାଣ୍ଡ ୧ ବର୍ଷ ଭିତରେ ସାରିବାକୁ ଯୋଜନା ରହିଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ୮।୩।୨୦୦୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଧାରୀ ନିକଟରେ ଏକ ବସ ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏନେଇ ପ୍ରାଥମିକ ପର୍ଯ୍ୟାୟରେ ୭୭,୭୬,୭୪୯ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ପାଖାପାଖି ୩୦,୦୦,୦୦୦ ଖର୍ଚ୍ଚ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଆସିଥିବା ଅନୁଦାନ ମଧ୍ୟରେ ଲୋକସଭା ଏମ୍‌ପି ପାଣ୍ଠିରୁ ୨୦,୮୯,୪୦୧, ରାଜ୍ୟସଭା ଏମ୍‌ପି ୧୧,୯୯,୦୦୦, ବିଧାୟକ ପାଣ୍ଠିରୁ ୯ ଲକ୍ଷ, ଜଗତସିଂହପୁର ପୌର ପରିଷଦ ୫,୮୮,୧୩୮ ଏବଂ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ୩୦,୦୦,୦୦୦ ଟଙ୍କା ଥିଲା। ଏଥିରେ ଫାଟକ, ପୋଲିସ ସହାୟତା କେନ୍ଦ୍ର, ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ, ପରିସ୍ରାଗାର (ମହିଳା ଓ ପୁରୁଷ), ବିଶ୍ରାମାଗାର, ଶୌଚାଳୟ, ସ୍ନାନାଗାର, ଆଲୋକ, ପିଇବା ପାଣି ଓ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ୯।୧୨।୨୦୧୨ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ଏବଂ ସମବାୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାର ଉଦ୍‌ଘାଟନ କରିଥିଲେ। କିନ୍ତୁ ବସ୍‌ଷ୍ଟାଣ୍ଡଟି ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଏହାର ଦୀର୍ଘ ବର୍ଷ ପରେ ସରକାର ଉକ୍ତ ସ୍ଥାନରେ ମଡେଲ ବସ୍‌ଷ୍ଟାଣ୍ଡ କରିବାକୁ ଘୋଷଣା କରିଛନ୍ତି।

ବଳଦେବଜୀଉଙ୍କ ପାଇଁ ପାଟରାଖୀ ପ୍ରସ୍ତୁତ

କେନ୍ଦ୍ରାପଡ଼ା ଇଚ୍ଛାପୁର ବଳଦେବଜୀଉଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ପାଟରାଖୀ।

କଟକ,୨୨।୮ (କାର୍ତ୍ତିକ ସାହୁ)

ଗହ୍ମାପର୍ବ ଉପଲକ୍ଷେ କଟକ ନୂଆ ବଜାରସ୍ଥିତ ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦ ପକ୍ଷରୁ ୨୦୦୮ ମସିହାରୁ ପ୍ରତିବର୍ଷ ପୃଥିବୀର ୩,୮୦୦ ଶ୍ରୀଜଗନ୍ନାଥ, ପତିତପାବନ, ମଦନମୋହନ ଓ ଦଧିବାମନ ମନ୍ଦିରକୁ ନିଃଶୁଳ୍କ ପାଟରାଖୀ ପ୍ରେରଣ କରାଯାଇ ଆସୁଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ପାଇଁ କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ଉଦ୍ଦେଶ୍ୟରେ ଦେବୀ ସୁଭଦ୍ରାଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପାଟରାଖୀ ପ୍ରସ୍ତୁତି ଶେଷ ହୋଇଛି। ପାଟସେବକମାନେ ୩ ଦିନ ଧରି ଏହି ରାଖୀ ପ୍ରସ୍ତୁତ କରିଛନ୍ତି। ଏହାବାଦ୍ ଅନ୍ୟାନ୍ୟ ମନ୍ଦିର ପାଇଁ ରାଖୀ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ସେଗୁଡ଼ିକୁ ପର୍ଯ୍ୟାୟକ୍ରମେ ପ୍ରେରଣ କରାଯିବ। ପରିଷଦର ସର୍ବଭାରତୀୟ ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର, ସଦସ୍ୟ ବିଭୁପ୍ରସାଦ ପୁଷ୍ଟି ଓ ଶୁଭେନ୍ଦୁ ସ୍ୱାଇଁ ପ୍ରମୁଖ ରାଖୀ ପ୍ରେରଣ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି।

୩୧ ପଞ୍ଚାୟତର ୨୧୨୫ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ପଟ୍ଟାମୁଣ୍ଡାଇ,୨୨।୮
(ଅକ୍ଷୟ ବିଶ୍ୱାଳ/କଳ୍ପତରୁ ନାୟକ)

ବିଧାୟକ ଧ୍ରୁବ ସାହୁ ହିତାଧିକାରୀଙ୍କୁ ମଧୁବାବୁ ପେନସନ ପ୍ରଦାନ କରୁଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ ସାମାଜିକ ସୁରକ୍ଷା ଯୋଜନାରେ ମଧୁ ପେନସନ ବଣ୍ଟନ କାର୍ଯ୍ୟକ୍ରମ ୭ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଶୁଭାଂଶୁ ସାହୁଙ୍କ ପୌରୋହିତ୍ୟରେ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଭତ୍ତା ବଣ୍ଟନ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ଅବହେଳିତ ଅବସ୍ଥାରେ ଥିବା ଅସହାୟ ବୃଦ୍ଧାବୃଦ୍ଧ, ବିଧବା, ଭିନ୍ନକ୍ଷମମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ନବୀନ ସରକାର ନୂତନ ଭାବେ ୪ ଲକ୍ଷ ୫୦ହଜାର ଭତ୍ତା ମଧୁ ପେନସନ ଯୋଜନାକୁ ମଞ୍ଜୁର କରିଛନ୍ତି। ବ୍ଲକ ଓ ପୌର ପ୍ରଶାସନ ନିଷ୍ଠାର ସହ କାର୍ଯ୍ୟ କରି ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସପ୍ତାହ ବ୍ୟାପୀ ଆୟୋଜିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଟରା, ଅମୃତମଣୋହି, ବଲୁରିଆ, ପେଣ୍ଡପାଳ, ତରଡ଼ିପାଳ, ଅଳପୁଆ, ସିଂହଗାଁ, ନୀଳକଣ୍ଠପୁର, ବାଲିପାଟଣା, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଶାସନ, ସଂସାରଫଳ, ଚନ୍ଦନନଗର, ଦୋଷିଆ, ବିଲିକଣା, ଖଣତା, ଓଉପଦା, ବଡ଼ପଡା, ବଡ଼ମୋହନପୁର, ଦିହୁଡିପୁର, ସାନଜରିଆ, ଅରଡ଼ପଙ୍କା, ଗଙ୍ଗାରାମପୁର, କଖାରୁଣୀ, ଖଡ଼ିଅଣ୍ଟା, ବଡ଼ମୂଳବସନ୍ତ, ଡିହାପଡା, ନରସିଂହପୁର ଆଦି ୩୧ ପଞ୍ଚାୟତର ୨୧୨୫ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦର ସୁନ୍ଦର ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାମାଜିକ ସମୀକ୍ଷକ ନଳିନୀକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମଧୁ ପେନସନ ଯୋଜନା ହିତାଧିକାରୀ, ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଡ଼ିଟୋରିୟମରେ ମଧୁ ପେନସନ ଯୋଜନାରେ ପୌରାଞ୍ଚଳର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ଭତ୍ତା ବଣ୍ଟନ ଉତ୍ସବରେ ରାଜନଗର ବିଧାୟକ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଓ ବ୍ଲକ ଅଧକ୍ଷ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌରାଞ୍ଚଳର ବିଭିନ୍ନ ୱାର୍ଡର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଉତ୍ସବରେ ବିଭିନ୍ନ ୱାର୍ଡ କାଉନସିଲର ଓ ହିତାଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଏମ୍‌ଏମ୍ ମାମିନୀ ପଣ୍ଡା, ସିଓ ଇତିଶ୍ରୀ ଦାଶ, ସରୋଜ ପଣ୍ଡା, ସତ୍ୟାନନ୍ଦ ସାହୁ, ହୃଷୀକେଶ ନାଥ ପ୍ରମୁଖ ପରିଚାଳନା କରିଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ, ପୌରାଞ୍ଚଳରେ ମଧୁ ପେନସନ

ନାବାଳିକା ଅପହରଣ ଅଭିଯୋଗକୁ ନେଇ ରାଜନୈତିକ ଚର୍ଚ୍ଚା

ପାରାଦୀପ,୨୨।୮ (ଶରତ ରାଉତ)

ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅପହରଣ ଘଟଣାକୁ ନେଇ ୨ଟି ଥାନାରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇଛି। ପାରାଦୀପ ଆଦର୍ଶ ଥାନା ପୋଲିସ ନଂ. ୩୩୨/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ରାତି ୯ଟାରେ ଲକ ଥାନାରେ ଆଉ ଏକ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଲକ୍ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ପାରାଦୀପ ଆଦର୍ଶ ଥାନା ଅଧୀନ ମୂଷାଡିଆ ବସ୍ତିର ଜଣେ ବଙ୍ଗୀୟ ଯୁବକ ଅପହରଣର ୨ଦିନ ତଳେ କରିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କ ପରିବାର ଲୋକେ ପୋଲିସକୁ ନ ଜଣାଇ ଝିଅକୁ ଉଦ୍ଧାର କରିବାକୁ ପ୍ରୟାସ ଚଳାଇଛନ୍ତି। ଏହି କ୍ରମରେ ସୋମବାର ରାତିରେ ଅପହରଣକାରୀ ଯୁବକଙ୍କ ଘରେ ୩୦ରୁ ଅଧିକ ଲୋକ ଯାଇ ପାଟିତୁଣ୍ଡ କରିଥିଲେ। ଏହି ଘଟଣାରେ ଅପହରଣକାରୀ ଯୁବକଙ୍କ ମା' କାଜଲ ବିଶ୍ୱାସ ମଙ୍ଗଳବାର ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ସେଥିରେ ସେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ପ୍ରତିନିଧି ସୁଢଳ ସ୍ୱାଇଁଙ୍କ ପ୍ରରୋଚନାରେ ୩୦ରୁ ଅଧିକ ଲୋକ ଆସି ମୋ ପୁଅକୁ ଅପହରଣ କରି ନେଇଛନ୍ତି ବୋଲି ଦର୍ଶାଇଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ମଙ୍ଗଳବାର ରାତିରେ ନାବାଳିକାଙ୍କ ପରିବାର ଲୋକେ ଲକ ଥାନାରେ ଝିଅ ଅପହରଣ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସୁଢଳଙ୍କୁ ପଚାରିବାରେ କହିଥିଲେ, ପୁଅ ଘର ଲୋକ ଓ ସ୍ଥାନୀୟ ୱାର୍ଡମେମ୍ବର ଅନୁରୋଧକ୍ରମେ ସେଠାରେ ପହଞ୍ଚି ଗଣ୍ଡଗୋଳ ବନ୍ଦ କରିଥିଲି। ଜଣେ ବାହାର ଅଞ୍ଚଳର ମହିଳାଙ୍କ ପରାମର୍ଶକ୍ରମେ ମୋ ନାମରେ ମିଥ୍ୟା ଅଭିଯୋଗ ହୋଇଛି। ପୋଲିସ ତଦନ୍ତରେ ସତ୍ୟାସତ୍ୟ ଜଣାପଡ଼ିବ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଅଭିଯୋଗର ତଦନ୍ତ

ଅମ୍ବୁଦ୍ସମ୍ୟାନ ରମେଶ ଚନ୍ଦ୍ର ବେହେରା ଦୁର୍ନୀତି ଅଭିଯୋଗର ତଦନ୍ତ କରୁଛନ୍ତି।

ତିର୍ତ୍ତୋଲ, ୨୨।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ବିଶନପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ) ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏହି ଯୋଜନାର ଅମ୍ବୁଦ୍ସମ୍ୟାନ ରମେଶ ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରିଛନ୍ତି। ଏହି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନ ଅର୍ଥକୁ ଚଞ୍ଚକତା କରାଯାଇ ଆତ୍ମସାତ କରାଯାଇଥିବା ନେଇ ଜିଲା ଗ୍ରାମ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସମେତ ବିଡିଓ ଏବଂ ଅନ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ରମେଶ ପଞ୍ଚାୟତର ବିଭିନ୍ନ ବର୍ଗର ଲୋକଙ୍କ ସହ ହିତାଧିକାରୀ ଏବଂ ଅଭିଯୋଗକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସରକାରୀ ନୀତିନିୟମ ଉଲ୍ଲଂଘନ ଅଭିଯୋଗ ହୋଇଥିବା ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ସେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ବିଶ୍ରାମାଗାର ଓ ଅଙ୍ଗନୱାଡି ଗୃହ ଚତୁଃପାର୍ଶ୍ୱ ମାଟି ପୋତାଇ, ମୋ ପୋଖରୀ ଖୋଳା ନାମରେ ଅର୍ଥ ହରିଲୁଟ, ମାନା ସାହୁ ଛକରୁ ବଢ଼େଇସାହିକୁ ମାଟିରାସ୍ତା ନିର୍ମାଣ, ପାଞ୍ଚଲକ୍ଷ ଟଙ୍କାରେ ଚାଲୁରହିଥିବା ଏକ ପ୍ରକଳ୍ପ ଓ ବିଧାୟକଙ୍କ ଅନୁଦାନରେ ୪ ଲକ୍ଷ ଟଙ୍କାର କାର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ସମୟରେ ପଞ୍ଚାୟତର ଗ୍ରାମ୍ୟ ରୋଜଗାର ସେବକ (ଜିଆରଏସ) ଶିବ ବେହେରା, ସରପଞ୍ଚ ପ୍ରମୁଖ ଉପସ୍ଥିତ ରହିଥିଲେ।

ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ସାମ୍ବିଧାନିକ ପଦବୀ ମଣ୍ଡନ କରନ୍ତୁ

ପଟ୍ଟାମୁଣ୍ଡାଇ,୨୨।୮ (କଳ୍ପତରୁ ନାୟକ)

ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିମାନେ ସାମ୍ବିଧାନିକ ପଦବୀ ମଣ୍ଡନ କଲେ ଭାରତବର୍ଷର ଗୌରବ ଓ ଗାରିମା ଅକ୍ଷୁର୍ଣ୍ଣ ରହିବ ବୋଲି ବିଶିଷ୍ଟ ଶିକ୍ଷାବିତ୍ ସୁନାମଣି ଦାଶ ପ୍ରକାଶ କରିଛନ୍ତି। ଏକ ପ୍ରେସ୍ ବିବୃତିରେ ଦାଶ କହିଛନ୍ତି ବିଶ୍ୱ ଗଣତନ୍ତ୍ରର ଶ୍ରେଷ୍ଠ ନିଦର୍ଶନ ଭାରତବର୍ଷର ସାମ୍ବିଧାନିକ ବ୍ୟବସ୍ଥାରେ ଅଧୋଗତି ଦେଖାଦେଇଛି। ବହୁ ଅଯୋଗ୍ୟ ଲୋକ ଅର୍ଥବଳ ଓ ବାହୁବଳ ପ୍ରୟୋଗ କରି ସାଂସଦ, ବିଧାୟକ ଆଦି ବିଭିନ୍ନ ସାମ୍ବିଧାନିକ ପଦପଦବୀ ମଣ୍ଡନ କରିଛନ୍ତି। ସେମାନଙ୍କର ବିଭିନ୍ନ ଭାଷା ଉପରେ ଦଖଲ ନ ଥିବାରୁ ବିଦେଶ ପାର୍ଲିଆମେଣ୍ଟରେ ଭାଗ ନେବା କଷ୍ଟକର ହେଉଛି। କେବଳ ଯାହା ବିଦେଶ ପରିଭ୍ରମଣ କରି ଫେରିବା ସାର ହେଉଛି। ଉପଯୁକ୍ତ ଲୋକ ପଦବୀରେ ନ ରହିଲେ ଏହାର ଗାରିମା ନଷ୍ଟ ହେବା ସହ ସାମ୍ବିଧାନିକ ବ୍ୟବସ୍ଥା ଦୁର୍ବଳ ହୋଇ ସାମାଜିକ ନ୍ୟାୟ ମିଳିପାରୁନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ବ୍ୟାପକ ସଂସାର ଆଣିଲେ ସମ୍ବିଧାନ ସୁରକ୍ଷା ଦାୟିତ୍ୱରେ ଉପଯୁକ୍ତ ଲୋକ ପ୍ରତିନିଧିମାନେ ନିର୍ବାଚିତ ହୋଇ ଦେଶ ଓ ରାଜ୍ୟର ମଙ୍ଗଳ କରିବେ। ଏଥିସହ ସମାଜରେ ଅବହେଳିତ ଅବସ୍ଥାରେ ଥିବା ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବା ସଫଳ ହୋଇପାରିବେ ବୋଲି ମତପ୍ରକାଶ କରିଛନ୍ତି।

ସମୁଦ୍ରରେ ତ୍ରୁଟି ସଂଶୋଧନ ଜାଣିବା ଜରୁରୀ

ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ ।

ପାରାଦୀପ,୨୨।୮ (ଶରତ ରାଉତ)

ମତ୍ସ୍ୟଜୀବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରାବନ୍ଦର ପରିସରରେ ଥିବା ପରିଚାଳନା ସମିତି ଗୃହରେ ମଙ୍ଗଳବାରଠାରୁ ୩ ଦିନିଆ ମତ୍ସ୍ୟଜୀବୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ରୀୟ ମତ୍ସ୍ୟ ନୌଚାଳନା ଏବଂ ଇଞ୍ଜିନିୟରିଂ ସଂସ୍ଥାନ (ସିଫ୍‌ନେଟ) ଓ ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଏହା କରାଯାଉଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧିନରେ ଆୟୋଜିତ ଏହି ଶିବିରକୁ ଅତିରିକ୍ତ ଜିଲାପାଳ

ସଂକ୍ଷେପରେ

ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

ଗୁମ୍ଫା,୨୨।୮ (ପ୍ରବୀନ କୁମାର ଲିମ୍ପା):

ଗଜପତି ଜିଲା ଗୁମ୍ଫା ବ୍ଲକ ତରଙ୍ଗଡା ଠାରେ ଥିବା ବିଶ୍ୱବାଣୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଯୁବକ ହୋସିପାଲ ଶବର ପଶ୍ଚିମବଙ୍ଗର କିଶାନଗଞ୍ଜଠାରେ ଟ୍ରେନରେ କଟି ପ୍ରାଣ ହରାଇଛନ୍ତି। ହୋସିପାଲ ଗୁମ୍ଫା ବ୍ଲକର ଜଣେ ଜଣାଶୁଣା ସାମାଜିକ କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ । ସେ କୌଣସି କାମରେ ପଶ୍ଚିମବଙ୍ଗ ଏକ ଟିମ ନେଇ ଗସ୍ତ କରୁଥିବା ବେଳେ କିଶାନଗଞ୍ଜ ରେଳଷ୍ଟେଶନଠାରେ ଓହ୍ଲାଇ ନିଜେ ଏବଂ ତାଙ୍କ ଟିମ ନିମନ୍ତେ ଖାଦ୍ୟ ଆଣିବା ପାଇଁ ଯାଇଥିଲେ। ହେଲେ ଏହି ସମୟରେ ଟ୍ରେନ ଛାଡିଦେଇଥିବାରୁ ହୋସିପାଲ ଦୌଡି ଦୌଡି ଟ୍ରେନ ଚଢିବା ପାଇଁ ଚେଷ୍ଟା କରିବା ବେଳେ ଭାରସାମ୍ୟ ହରାଇ ପଡ଼ିଯିବାରୁ ସେହି ଟ୍ରେନରେ କଟିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ନିଜ ଘର ଏଙ୍ଗେରେଡା ଡୁମକର ଅଞ୍ଚଳ ବୋଲି ଜଣାପଡିଛି।

ସାପ କାମୁଡ଼ାରେ ବୃଦ୍ଧ ମୃତ

ଗୋପାଳପୁର,୨୨।୮ (ନବୀନ ରାଜ ଆଚାରୀ):

ଗୋପାଳପୁର ଥାନା ଅଧିନସ୍ଥ ବଡ଼ ଗୁମୁଳା ଗ୍ରାମରେ ସୋମବାର ରାତିରେ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ଅରକ୍ଷିତ ଦାସ (୯୫) ବୋଲି ପୋଲିସ କହିଛି। ସୋମବାର ଅପରାହ୍ନରେ ଅରକ୍ଷିତ ବିଲକୁ ଯାଇଥିଲେ। ସେଠାରେ ଏକ ସାପ କାମୁଡ଼ି ଥିଲା। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ସାଢ଼େ ୮ ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନାତି ହେମାନନ୍ଦ ଦାସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠେଇଥିଲା। ଥାନା କେସ ନମ୍ବର ୧୫/୨୩ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୨୨।୮ (ଗିରିଧାରୀ ପରିଛା):

ସ୍ଥାନୀୟ ଉତ୍କଳହିତୈଷିଣୀ ସମାଜ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମାଙ୍କ ୧୫୫ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏକାଡେମୀର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ପାରଳାଖେମୁଣ୍ଡି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନନ୍ଦଙ୍କୁ ଓଡିଆ ଭାଷାର ଶ୍ରେଷ୍ଠ ଅଭିଧାନକାର ତଥା ସମାଲୋଚନା ସାହିତ୍ୟର ଅଗ୍ର ପଥିକ ଭାବେ ଅଭିହିତ କରି ସେ ଓଡିଆ ପାଇଁ ସମ୍ଭାବ୍ୟ ମହାନ ବିପଦରୁ ରକ୍ଷା କରିଛନ୍ତି ବୋଲି ମତ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ସଭାପତି ଭାରତ ଭୂଷଣ ମହାନ୍ତି ଓ ଭାଗବତ ପାଢ଼ୀ ମଞ୍ଚସୀନ ଥିଲେ। ଡ଼ଃ ଚନ୍ଦ୍ରଶେଖର ଦାସ, ଡ଼ଃ କଲ୍ୟାଣୀ ମିଶ୍ର, ଅଧ୍ୟାପକ ଆର୍ତ୍ତତ୍ରାଣ ଚଇନି, ଗୌରହରି ପଟ୍ଟନାୟକ, ରାଜେନ୍ଦ୍ର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ମୂରଲୀଧର ପରିଛା, ଦ୍ରିପତି ପ୍ରସାଦ ପଣ୍ଡା, ଶରତ ଚନ୍ଦ୍ର ସାହୁ, ସ୍ନିଗ୍ଧା ମିଶ୍ର ପ୍ରମୁଖ।

ମୌଳିକ ସୁବିଧାରୁ ବଞ୍ଚିତ ସିମନବାଡ଼ି ଛାତ୍ରୀଛାତ୍ର

ଦାରିଙ୍ଗବାଡି,୨୨।୮ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗିରହିଥିବା ସହ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ମିଳିବା କଷ୍ଟ ହୋଇପଡିଛି। ବିଦ୍ୟାଳୟରେ ୨୦୦୩ରୁ କମ୍ପ୍ୟୁଟର ଶିକ୍ଷା ବ୍ୟବସ୍ଥା କରାଯାଇଥିଲା କିନ୍ତୁ ତାହା କିଛିଦିନ ପରେ ଅଚଳ ହୋଇ ଦୀର୍ଘ ୨୦ ବର୍ଷ ହେଲା ଆଉ କମ୍ପ୍ୟୁଟର ଶିକ୍ଷା ହେଉନି ଏବଂ ତା'ର ଆଉ ବିକାଶ କରାଯାଉନାହିଁ। ସେହିପରି ବିଦ୍ୟାଳୟରେ ପିଇବା ପାଣିର ବ୍ୟବସ୍ଥା ନାହିଁ, ଖେଳ ପଡିଆ ନ ଥିବାରୁ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ, ଶାରୀରିକ ଉନ୍ନତିରେ ବାଧକ ସୃଷ୍ଟି ହେଉଛି। ସେହିପରି ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ରହିଥିବା ବେଳେ ମୋଟ ୨୭୦ ଛାତ୍ରୀଛାତ୍ର ପଢୁଛନ୍ତି । ଆବଶ୍ୟକ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି ହେଲେ ୮ ଟି ଶ୍ରେଣୀ କୋଠାର ଆବଶ୍ୟକତା ରହିଥିବା ବେଳେ ରହିଛି ମାତ୍ର ୪ଟି। ତେଣୁ ବାଧ୍ୟ ହୋଇ ବିପଦ ସଂକୁଳ ଅବସ୍ଥାରେ

ସିମନବାଡ଼ି ବିଦ୍ୟାଳୟ।

ରହିଥିବା ଭଙ୍ଗା ଦଦରା ଘରେ ଶିକ୍ଷାଦାନ କରାଯାଉଛି। ବର୍ଷା ଦିନରେ ଘରେ ପାଣି ଗଳୁଥିବା ବେଳେ ଖରା ଦିନରେ ପଙ୍ଖା ନ ଥିବାରୁ ପିଲାଙ୍କ ପାଠପଢ଼ାରେ ବହୁ ସମସ୍ୟା ଦେଖାଯାଉଛି। ଏକ ଭଙ୍ଗା ଦଦରା ଘରେ ରୋଷେଇ କରାଯାଉଥିବା ବେଳେ ଅଧା କିଲୋମିଟର ଦୂର ଯାଇ ଅଙ୍ଗନୱାଡି କେନ୍ଦ୍ରରେ ରହିଥିବା ନଳକୂପରୁ ପାଣି ଆଣି ମଧ୍ୟାହ୍ନଭୋଜନ ରୋଷେଇ କରାଯାଉଥିବା ରୋଷେଇ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ସେମାନେ ଆହୁରି କହିଛନ୍ତି ଯେ ଡାଇନିଂ ହଲ ନ ଥିବାରୁ ଛାତ୍ରୀଛାତ୍ରମାନେ ଖରା, ବର୍ଷାରେ ବାହାରେ ଏଣେ ତେଣେ ବୁଲି ଖାଉଛନ୍ତି ତେଣୁ ଏହି ସବୁ ସମସ୍ୟାର ସମାଧାନ କରିବାକୁ ମହିଳାମାନେ କହିଛନ୍ତି। ବିଦ୍ୟାଳୟକୁ ରୂପାନ୍ତର କରାଗଲେ ଛାତ୍ରୀଛାତ୍ରଙ୍କୁ ଅତ୍ୟାଧୁନିକ ଶ୍ରେଣୀଗୃହ ମିଳିବ, ଯେଉଁଥିରେ ସ୍ମାର୍ଟ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ସହ ଲାଇବ୍ରେରୀ, ଖେଳପଡିଆ, ଶୁଦ୍ଧ ପାନୀୟ ଜଳ, କମ୍ପ୍ୟୁଟର ଶିକ୍ଷା,

- ଶୌଚାଳୟ, କମ୍ପ୍ୟୁଟର କକ୍ଷ, ଖେଳପଡ଼ିଆ ଅଭାବ
- ୧୩୭ ବର୍ଷର ବିଦ୍ୟାଳୟର ବିକାଶ ଶୂନ

ବିଜ୍ଞାନ କକ୍ଷ, ସ୍ଥାୟୀ ପାଚେରି ନିର୍ମାଣ, ଅତିରିକ୍ତ ଶ୍ରେଣୀ କୋଠା ନିର୍ମାଣ ଆଦି ସୁବିଧା ହୋଇପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ପୁରାତନ ବିଦ୍ୟାଳୟକୁ ଅନ୍ୟ ସ୍ମାର୍ଟ ସ୍କୁଲ ଭଳି ରୂପାନ୍ତର କରିବା ଆବଶ୍ୟକ ବୋଲି ପ୍ରଧାନ ଶିକ୍ଷକ ବିଦେଶୀ ନାୟକ କହିଛନ୍ତି। ଏ ନେଇ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପାଚେରି ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଏମ୍‌ସିଏଲ (ମହାନଦୀ କୋଲଫିଲ୍‌ଡ ଲିମିଟେଡ୍) ପକ୍ଷରୁ ଅନୁଦାନରେ ଉକ୍ତ ବିଦ୍ୟାଳୟର ରୂପାନ୍ତର କାର୍ଯ୍ୟ କରାଯିବାକୁ ଏକ ପ୍ରସ୍ତାବ ଦିଆଯାଇଛି ଏବଂ ଏବେ ବିଦ୍ୟାଳୟର ଶ୍ରେଣୀକୋଠା ମରାମତି କରାଯାଇଛି ବୋଲି ବିଡିଓ କହିଛନ୍ତି।

ବାଘ ଆତଙ୍କ, ଲୋକେ ଭୟଭୀତ

ପାରଳାଖେମୁଣ୍ଡି,୨୨।୮ (ଗିରିଧାରୀ ପରିଛା):

ଗଜପତି, ରାୟଗଡ଼ା ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଭାମିନି ମଣ୍ଡଳ ରେଞ୍ଜ ଅଞ୍ଚଳରେ ଗୋଟିଏ ମହାବଳ ବାଘ ବୁଲୁଥିବା କିଛି ଭିଡିଓ ଭାଇରାଲ ହେଉଛି। ଯାହାକୁ ନେଇ ସୀମାନ୍ତରେ ଉଭୟ ରାଜ୍ୟର ବନ କର୍ମଚାରୀ ପାଟ୍ରୋଲିଂ ଜାରି ରଖିଛନ୍ତି । ଏହି ଭିଡିଓ ଭାଇରାଲ ହେବାପରେ ସୀମାବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଏବେ ଆତଙ୍କ ଖେଳିଯାଇଛି । ଏନେଇ ଗଜପତି ବନବିଭାଗ କୌଣସି ସ୍ପଷ୍ଟ କରିନାହାନ୍ତି କିନ୍ତୁ କାଶୀନାଗର ରେଞ୍ଜ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ସୂଚନା ଦେଇଛି । ୩ଦିନ ତଳେ ଆନ୍ଧ୍ରପ୍ରଦେଶ ଭାମିନି ମଣ୍ଡଳ ଅଞ୍ଚଳର କିଛି ସ୍ଥାନରୁ ଆନ୍ଧ୍ର ବନବିଭାଗ ବାଘର ପାଦ ଚିହ୍ନ ସଂଗ୍ରହ କରିଥିବା କହିଛି । ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ସହ ରାତିରେ କୌଣସି ଲୋକ ବାହାରକୁ ନ ବାହାରିବା ପାଇଁ ଲୋକଙ୍କୁ ସଚେତନ କରୁଥିବା ସୂଚନା ଦେଇଛନ୍ତି।

ଜମି ଚିହ୍ନଟ ଦାବିରେ ତହସିଲ ଆଗରେ ଧାରଣା

ଧାରଣାରତ ଗ୍ରାମବାସୀ।

ଟିକାବାଲି, ୨୨।୮ (ଗଗନ ବିହାରୀ ପଟ୍ଟନାୟକ)

କନ୍ଧମାଳ ଜିଲା ଟିକାବାଲି ବ୍ଲକ ନିକଟସ୍ଥ ଟିପାରୀଗାଁ ବାସୀଙ୍କୁ ଜମି ଚିହ୍ନଟ ଦାବିରେ ଲୋକମାନେ ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ୨୦୧୩ରେ ୨୫ ଭୂମିହୀନ ପରିବାରକୁ ଟିପାରୀଗାଁରେ ସରକାର ୧୬ ଆର ଲେଖାଏ ଜମି ପଟା ପ୍ରଦାନ କରିଥିଲେ। ୨୦୧୬ରେ ସେହି ଜମିକୁ ଗ୍ରାମବାସୀ ନିଜ ଚିହ୍ନଟ କରିବାକୁ ଯିବା ସମୟରେ ତାହା ଜଣେ ବ୍ୟକ୍ତିଙ୍କ ଦଖଲରେ ଥିବା ଜଣା ପଡିଥିଲା। ଗ୍ରାମବାସୀ ଆଇନର ଆଶ୍ରୟ ନେଇ ତହସିଲଦାରଙ୍କୁ ନିଜ ପଟା ଅନୁସାରେ ଜମି ଚିହ୍ନଟ କରିବାକୁ କହିଥିଲେ। ଏବେ ଜମି ପଟା ପ୍ରଦାନ କରାଯାଇଥିବା ଲୋକଙ୍କ ମଧ୍ୟରୁ ୯ଜଣଙ୍କ ନାମରେ ଆବାସ ଗୃହ ଆସିଛି। ଜମି ଚିହ୍ନଟ ହୋଇ ପାରୁ ନ ଥିବାରୁ ହିତାଧିକାରୀ ଗୃହ ନିର୍ମାଣ ପାଇଁ ହଇରାଣ ହେଉଛନ୍ତି। ତେଣୁ ତୁରନ୍ତ ଜମି ଚିହ୍ନଟ କରିବା ଦାବିରେ ଗ୍ରାମବାସୀ ରମାକାନ୍ତ ଦିଗାଲ, ହେମନ୍ତ ଦିଗାଲ, ଶରତ ଦିଗାଲ, ଧ୍ରୁବ ଦିଗାଲ, ଲତା ଦିଗାଲ,ଚିଣ୍ଟୁ ଦିଗାଲ, ବାସୁଦେବ ଦିଗାଲ, ପ୍ରଦୀପ ଦିଗାଲ, ରଞ୍ଜିତ ମଲିକ, ସୁବାସ ଦିଗାଲ ପ୍ରମୁଖ ତହସିଲଦାର କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

ଜିଲାପାଳଙ୍କୁ ଗାଁ ସାଥୀଙ୍କ ସ୍ମାରକପତ୍ର

ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଗାଁ ସାଥୀ।

ପାରଳାଖେମୁଣ୍ଡି,୨୨।୮ (ଗିରିଧାରୀ ପରିଛା):

ବିଭିନ୍ନ ଦାବି ନେଇ ଗଜପତି ଜିଲା ଗାଁ ସାଥି (ମେଟ) ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାର ସମସ୍ତ ଗାଁ ସାଥିଙ୍କୁ ତାଲିମ ଦେବାକୁ ଅନୁରୋଧ କରାଯାଇଥିବା ବେଳେ ସରକାରଙ୍କ ନିର୍ଦ୍ଦେଶନାମାକୁ ବିଭିନ୍ନ ବ୍ଲକରେ ସଠିକ ଭାବେ ଲାଗୁ କରିବାକୁ ଅନୁରୋଧ କରାଯାଇଥିଲା। ୨୦୦୮ରେ ବିଭିନ୍ନ ବ୍ଲକରେ ନିଯୁକ୍ତି ପାଇଥିବା ଗାଁ ସାଥି ଓ ଖାଲିଥିବା ରାଜସ୍ୱ ଗ୍ରାମରେ ପଲ୍ଲୀସଭା ମାଧ୍ୟମରେ ଚୟନ ହୋଇଥିବା ମେଟ କାର୍ଯ୍ୟରତ ଅଛନ୍ତି। ଯାହା ସରକାରୀ ଡାଟାବେସରେ ରହିଛି। ହେଲେ ସରକାରୀ ଡାଟାବେସକୁ ଅଣଦେଖା କରି କିଛି ବ୍ଲକ ଓ ପଞ୍ଚାୟତରେ ଅଣ ମେଟଙ୍କୁ ନିଯୁକ୍ତି କରାଯାଇଛି। ସେହି ଅଣମେଟଙ୍କୁ ଉଚ୍ଛେଦ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସେହିପରି ମନରେଗା କାର୍ଯ୍ୟରେ ନିୟୋଜିତ ମେଟ୍‌ମାନଙ୍କୁ ଦୈନିକ ମଜୁରୀ ନିମନ୍ତେ ମଷ୍ଟର ରୋଲ ବ୍ୟବହାର କରାଯାଉନଥିବାରୁ ମେଟମାନେ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। ମେଟ୍‌ଙ୍କ ଡାଟାବେସ ତାଲିକା ପ୍ରଦାନ ନିମନ୍ତେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରାଯାଇଥିଲା। ମେଟଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ମାଷ୍ଟର ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘ ସଭାପତି ପଞ୍ଚୁ ନାୟକ, ସମ୍ପାଦକ ମନୋଜ ଭୂୟାଁଙ୍କ ସମେତ ବିଭିନ୍ନ ବ୍ଲକର ଗାଁ ସାଥି ଉପସ୍ଥିତ ଥିଲେ।

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ପ୍ରଶାସନ ଏକାଦଶ ସହ ପ୍ରେସ୍ ଏକାଦଶ ଟ୍ୱେଣ୍ଟି ଟ୍ୱେଣ୍ଟି

ଗଞ୍ଜାମ,୨୨।୮ (ବିଦ୍ୟାଧର ସାହୁ):

ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆସନ୍ତା ୨୭ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଟ୍ୱେଣ୍ଟି ଟ୍ୱେଣ୍ଟି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଶାସନ ଏକାଦଶ ସହ ପ୍ରେସ ଏକାଦଶ ମଧ୍ୟରେ ମ୍ୟାଚ ହେବ। ଏନଏସି ପ୍ରଶାସନ ଏହାକୁ ଆୟୋଜନ କରୁଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଏନଏସି ଇଓ ଅବିନାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଏନଏସି ତହସିଲ ବ୍ଲକ ଓ ପୋଲିସ ପ୍ରଶାସନ ଅଂଶଗ୍ରହଣ କରିବେ। ଗଞ୍ଜାମ ପ୍ରେସକ୍ଲବ ଓ ମିଡ଼ିଆ ହାଉସ ମିଳିତ ଭାବେ ପ୍ରଶାସନକୁ ମୁକାବିଲା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ୨୦-୨୦ କ୍ରିକେଟ ମ୍ୟାଚ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ

ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି।

ତହସିଲଦାର ଅରୁଣ କୁମାର ନାୟକ ଓ ବ୍ଲକ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ସହମତି ପ୍ରକାଶ କରିଛନ୍ତି। ଉଭୟ ପ୍ରଶାସନ ଓ ମିଡ଼ିଆ ଗୋଟିଏ ଦିନ ମଧ୍ୟରେ ୧୫ଜଣିଆ ଟିମ ଚୟନ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତୁତି ବୈଠକରେ ଶବର କୁମାର ତରାଇ, କୃଷ୍ଣଚନ୍ଦ୍ର ପ୍ରଧାନ, ଉମାକାନ୍ତ ବେହେରା, ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା, ଶିବାନନ୍ଦ ପଲାଇ, କୃଷ୍ଣଚନ୍ଦ୍ର ଦାଶ ଉପସ୍ଥିତ ଥିଲେ ଏବଂ କ୍ରିକେଟ ମ୍ୟାଚକୁ ଆକର୍ଷଣୀୟ କରିବା ନେଇ ନିଜ ନିଜ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ।

ମେଡିକାଲରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଘଟଣା

ଉଭୟ ପକ୍ଷଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୨୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏକ ଟିମ ଉକ୍ତ ଘଟଣାର ତଦନ୍ତ କରିଛି। ମେଡ଼ିକାଲର ଏଫଏମଟି କୋଠାରେ ଯୌନ ଉତ୍ପୀଡନ କମିଟିର ଅଧ୍ୟକ୍ଷ ପ୍ରଫେସର ଡ଼ା. ସୁଦୀପା ଦାସ, କମ୍ୟୁନିଟି ମେଡିସିନ ବିଭାଗର ଆସୋସିଏଟ ପ୍ରଫେସର ଡ଼ା. ଡି ଶୋଭା ମାଳିନୀ, ଏମକେସିଜି ମେଡିକାଲ ଓ କଲେଜର ରେଜିଷ୍ଟ୍ରାର ସଂଗ୍ରାମ କେଶର ପଣ୍ଡା ଓ ସେବା ସଂଗଠନର ସମ୍ପାଦକ ଅଳକା ସାହୁଙ୍କ ଉପସ୍ଥିତିରେ ତଦନ୍ତ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଏମକେସିଜି ମେଡିକାଲର ଜଣେ ବରିଷ୍ଠ କିରାଣି ଓ ପୀଡ଼ିତାଙ୍କୁ ଟିମ ପଚାରାଉଚରା କରିଥିଲା। ଉଭୟଙ୍କୁ ଆଗାମୀ ଦିନରେ ପୁଣି ପଚରାଉଚାରା କରାଯିବ ବୋଲି ମେଡ଼ିକାଲ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ବରିଷ୍ଠ କିରାଣି ଜଣଙ୍କ ଜଣେ ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିବା ମେଡ଼ିକାଲ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ନେଇ ମେଡ଼ିକାଲ ଅଧୀକ୍ଷକ ଯୌନ ଉତ୍ପୀଡନ କମିଟି ଗଠନ କରିବା ସହ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଅଗ୍ନିଶମ ବାହିନୀର ଅଗ୍ନି ସୁରକ୍ଷା, ମକ୍‌ଡ୍ରିଲ

ଜି.ଉଦୟଗିରି,୨୨।୮ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୋମବାର ସ୍ଥାନୀୟ ଅଗ୍ନିଶମ ବାହିନୀ ଅଧିକାରୀ ମନୋରଞ୍ଜନ ପାଢୀଙ୍କ ନେତୃତ୍ୱରେ ଅଗ୍ନି ସୁରକ୍ଷା ତାଲିମ ଓ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀମାନେ ନିଆଁଠାରୁ ନିଜକୁ କିପରି ସୁରକ୍ଷା କରିବା ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଏହି ଶିବିରରେ ଯୋଗ ଦେଇଥିଲେ ଓ ଉତ୍ସାହ ସହିତ ତାଲିମ ନେଇଥିଲେ।

ମହୁମାଛି ଚାଷ ପ୍ରଶିକ୍ଷଣ ଶିବିର

ଜଗନ୍ନାଥପ୍ରସାଦ,୨୨।୮ (ବିଭୁ ପ୍ରସାଦ ପଟ୍ଟନାୟକ)

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ଜଗନ୍ନାଥପ୍ରସାଦ ବନାଞ୍ଚଳର ମିଳିତ ସହଯୋଗରେ ମହୁମାଛି ଚାଷ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଆୟୋଜିତ ହୋଇଥିଲା। ଏହି ଶିବିରରେ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ବିଷୟବସ୍ତୁ ବିଶେଷଜ୍ଞ ଶାନ୍ତନୁ କୁମାର ସାହୁ ମୁଖ୍ୟ ଅତିଥିଭାବେ ଅନ୍ୟାନ୍ୟ ସମ୍ମାନିତ ଅତିଥିଭାବେ ମାର୍କେଟିଂ କଣ୍ଟ୍ରାକର ରାଜେଶ ପ୍ରଧାନ, ଜୀବନ ଜୀବିକା ସଂଯୋଜକ ପ୍ରଶାନ୍ତ କୁମାର ସାହୁ, ଆଇନଜୀବୀ ନିରାକାର ସାହୁ, ବେଲଗ

ସଂକ୍ଷେପରେ

ଅସହାୟଙ୍କୁ ଛତା ବଣ୍ଟନ

ଯାଜପୁରଟାଉନ,୨୨।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଇନରହ୍ୱିଲ କ୍ଲବ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସ୍ଥାନୀୟ ମହାବୀର ଛକ କମ୍ୟୁନିଟି ସେଣ୍ଟରଠାରେ ଅଭାବୀ ଏବଂ ଅସହାୟ ଲୋକଙ୍କୁ ଛତା ବଣ୍ଟନ କରାଯାଇଛି। ବର୍ତ୍ତମାନ ବର୍ଷାଋତୁ ଚାଲିଛି। ଅନେକ ଲୋକ ଅର୍ଥାଭାବ ଯୋଗୁ ଛତା କିଣିବାକୁ ସକ୍ଷମ ହୋଇପାରୁ ନ ଥିବା କ୍ଲବର କେତେକ ସଦସ୍ୟାଙ୍କ ଦୃଷ୍ଟିକୁ ଆସିଥିବାରୁ ସଭାପତି ପ୍ରେମଲତା ପଣ୍ଡା ଏବଂ ଅନ୍ୟମାନେ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଆଗେଇ ଆସିଥିଲେ। କ୍ଲବ ସଦସ୍ୟାମାନେ ନିଜନିଜ ମଧ୍ୟରେ ଅର୍ଥ ସଂଗ୍ରହ କରି ନିକଟସ୍ଥ ଭାଗବତପୁର, ଭୀମକରପୁର ଓ ନୂଆଗାଁ ଅଞ୍ଚଳର କିଛି ଅସହାୟମାନଙ୍କୁ ଛତା ବଣ୍ଟନ କରିଛନ୍ତି। କେବଳ ସେତିକି ନୁହେଁ, ସ୍ଥାନୀୟ ଅଞ୍ଚଳର ଅସହାୟଙ୍କୁ କ୍ଲବ ପକ୍ଷରୁ ଖାଦ୍ୟ ପୁଡିଆମାନ ପ୍ରଦାନ କରାଯାଇଛି। କ୍ଲବର ସଦସ୍ୟା ଆଶାଲତା ପତି, ଅନ୍ନପୂର୍ଣ୍ଣା ଶତପଥୀ, ସୁରୁଚି ପାଣି, ଦୁଷାରିକାନ୍ତି ନାୟକ, ତିଲୋତ୍ତମା ଦାଶ, ଚିତ୍ରଲେଖା ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ସାମାଜିକକର୍ମୀ ମଳୟ କୁମାର ମିତ୍ର, ରବି ନାରାୟଣ ପଣ୍ଡା, ପୀତବାସ ମୁଦୁଲୀ, ଦୀପ୍ତିରଞ୍ଜନ ପୁଷ୍ଟି ଓ ଇନ୍ଦ୍ରମଣି ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

ନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହ ମିଳିଲା

ରାଜକନିକା,୨୨।୮ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଖରସ୍ରୋତା ଗଡ଼ଗଡି ସେତୁ ଉପରୁ ରବିବାର ସନ୍ଧ୍ୟାରେ ଡେଇଁ ବରୁଣାଡିହା ଗ୍ରାମର ଶରତ କରଙ୍କ ପୁଅ ଚନ୍ଦନ(୩୦) ନିଖୋଜ ହୋଇ ଯାଇଥିଲେ। ରାଜକନିକା ଅଗ୍ନିଶମ ବାହିନୀଙ୍କ ଦ୍ୱାରା ବୋଟ ସହାୟରେ ଦିନତମାମ ଖୋଜା ଖେଶଜି କରାଯାଇଥିଲେ ମଧ୍ୟ ଚନ୍ଦନଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ସକାଳେ ପାଣ୍ଡରକୋଲି କୂଳ ନିକଟରେ କେହି ଦେଖି ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଖବରପାଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ଚନ୍ଦନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଛି। ହେଲେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ସଙ୍ଗୀତ ସଦନର ରୂପାନ୍ତର ପାଇଁ ପରିଷଦ ବୈଠକ

କେନ୍ଦ୍ରାପଡ଼ା, ୨୨।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ମଧ୍ୟସ୍ଥଳରେ ଅବସ୍ଥିତ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ସାଧାରଣ ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଅମ୍ବିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଙ୍ଗୀତ ସଦନର କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ରୂପାନ୍ତର କରାଯାଇ ସୁଦୂର ପ୍ରସାରୀ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ଏଥିରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, କାଉନସିଲର ପୁଷ୍ପାଞ୍ଜଳୀ ବସ୍ତିଆ, ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ, ଗୌତମ ସାହୁ, ଚନ୍ଦ୍ରଭାନୁ ମେକାପ, ମୋହନୀ ଲକ୍ଷ୍ମୀମୁଦ୍ରା ଶତପଥୀ, ହେମନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ଦାସ କହିଥିଲେ, ଗୋକୁଳ ଶ୍ରୀଚନ୍ଦନ ସଙ୍ଗୀତ ଜଗତରେ ଏକ ଉଜ୍ଜଳମୟ ତାରକା। ଜଳ ତରଙ୍ଗ ପରି ବାଦ୍ୟ ଯନ୍ତ୍ର ସର୍ବ ଭାରତୀୟ ସ୍ତରରେ ଉଦ୍‌ଭାବନ କରିଥିଲେ। କାଶ୍ମୀର, ଲକ୍ଷ୍ନୌ, ବନାରସ, କୋଲକତା ଆଦି ସହରରେ ତାଙ୍କର ସଙ୍ଗୀତ ମୂର୍ଚ୍ଛନାକୁ ପ୍ରଦର୍ଶିତ କରି ବାହାବା ପାଇଥିଲେ। ତାଙ୍କରି ସ୍ମୃତିରେ ଏହି ସଙ୍ଗୀତ ସଦନ ୧୯୫୫ ମସିହାରେ ସ୍ଥାପିତ ହୋଇଥିଲା। ସମ୍ପ୍ରତି ଏହା ଜରାଜୀର୍ଣ୍ଣ ହୋଇପଡ଼ିଛି। ସଦନ ଗୃହର ମରାମତି, ରକ୍ଷଣାବେକ୍ଷଣ, ଶିକ୍ଷାଦାନ, ଉପକରଣ ଆଦିକୁ ସୁସଙ୍ଗତ କରିବା ସହ ଜିଲାର ଉତ୍ତରପିଢ଼ିଙ୍କୁ ସଙ୍ଗୀତ ଓ ସଂସ୍କୃତି ପ୍ରତି ଆକର୍ଷିତ କରାଯିବ। ସେପ୍ଟେମ୍ବର ୩ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ପ୍ରସଂଶିତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ଜେନା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟାସଲୋନୀ ବେହେରା, ବିଶ୍ୱ ପ୍ରକାଶ ନାୟକ, ଉମାକାନ୍ତ ସିଂହ, ଯଯାତି କେଶରୀ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଡିଏମ୍‌ଏଫ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟକୁ ଅଣଦେଖା

- ପୂର୍ତ୍ତ, ନିର୍ମାଣ, ଜଳସେଚନକୁ ଗୁରୁତ୍ୱ
- ବୁନ୍ଦାଏ ପାଣି ପାଇଲେ ନାହିଁ ଖଣି ପ୍ରଭାବିତବାସୀ

ଯାଜପୁର,୨୨।୮ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ଖଣି ଖାଦାନ ଭରା ଅଞ୍ଚଳର ବିକାଶ ପାଇଁ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ଗଠିତ ହୋଇଛି। ଖଣି ଓ ଖଣିଜ ପଦାର୍ଥ ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭ କୁ ୨୦୧୫ ମସିହାରେ ସଂଶୋଧନ କରାଯାଇଛି। ଏହି ଆଇନର ସବସେକ୍ସନ ୧ ଧାରା ୯(ବି)ରେ ଜିଲାସ୍ତରରେ ଡିଏମ୍‌ଏଫ୍ ରହିଛି। ହେଲେ ଏହି ଆଇନ ଯାଜପୁର ଜିଲାରେ ଦିଗହରା ହୋଇ ପଡିଛି। ଡିଏମ୍‌ଏଫ୍‌ରେ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦେବାକୁ ଦାବି ହେଉଥିଲେ ହେଁ ଠିକାଦାରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ, ଜଳସେଚନ, ନିର୍ମାଣ ଆଦି ବିଭାଗକୁ ଅଧିକ ଅନୁଦାନ ଦିଆଯାଉଛି। ଗତ ୨୯।୭।୨୦୨୧ରେ ହୋଇଥିବା ପାଣ୍ଠି ବିନିଯୋଗ ରିପୋର୍ଟକୁ ଅବଲୋକନ କଲେ ଏହା ଜଳଜଳ ହୋଇ ଦିଶୁଛି। ଫଳରେ ଆଜି ବି ନଗଡ଼ା ସମେତ ଏହାର ଡାହାଣ ଓ ବାମପାର୍ଶ୍ୱ ଅଞ୍ଚଳ ଏବଂ ଖଣି ଖାଦାନ ଭରା କାଳିଆପାଣି ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେତେଟା ବିକାଶ ହୋଇ ପାରି ନ ଥିବା ମତପ୍ରକାଶ ପାଇଛି।

ଯାଜପୁର ଜିଲା ଗଠନ ହେବା ପରେ ଏହାର ପାରିପାର୍ଶ୍ୱିକ, ଭୌଗୋଳିକ ବିକାଶ ଯେପରି ହେବା କଥା ତାହା ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ । ଆଜି ବି ଲୋକେ ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ବିନା ସରକାରୀ ଯୋଜନାରେ ବଞ୍ଚି ରହୁଛନ୍ତି । ସ୍ୱାଧୀନତା ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ଖଣି ଉତ୍ତୋଳନ ଆରମ୍ଭ ହୋଇଥିଲା । ପ୍ରାକୃତିକ ସମ୍ପଦକୁ ଲୁଟ କରି ଶିଳ୍ପପତିମାନେ ମାଲାମାଳ ହୋଇଥିବାବେଳେ ଆଜି ବି ନଗଡ଼ା ଓ ଏହାର ଆଖପାଖ ଗ୍ରାମଗୁଡିକୁ ବିକାଶର ଆଲୁଅ ପହଞ୍ଚି ପାରିନାହିଁ। ପ୍ରତ୍ୟେକ ଖଣି ପ୍ରଭାବିତ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଡିଏମ୍‌ଏଫ୍ ଗଠିତ ହୋଇଛି। ଏହିକ୍ରମରେ ୨୦୨୧ ଜୁଲାଇ ସୁଦ୍ଧା ଡିଏମ୍‌ଏଫ୍ ପାଣ୍ଠିରୁ ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇଁ ୯୪ କୋଟି ୧୭ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ୨ ବର୍ଷ ମଧ୍ୟରେ ଆହୁରି ଅଧିକ ବିନିଯୋଗ ହୋଇଥିବ। ହେଲେ କାଳିଆପାଣି ଖଣି ଅଞ୍ଚଳବାସୀ ଏହି ପ୍ରକଳ୍ପରୁ ବୁନ୍ଦାଏ ପାଣି ତାଙ୍କ ଜମିକୁ ଏଯାଏ ମାଡ଼ି ନାହିଁ ବୋଲି ଅଭିଯୋଗ ହେଉଛି। ସେହିପରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ୭ କୋଟି ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ କୌଣସି ଜମିରେ ଦୁଇଫସଲି ଚାଷ ଏଯାଏ ହୋଇ ପାରିନାହିଁ। ପୂର୍ତ୍ତ ବିଭାଗକୁ ସର୍ବାଧିକ ୨୩୭ କୋଟି ୩୨ ଲକ୍ଷ ୧୨ ହଜାର ଟଙ୍କା ସମେତ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନକୁ ୩୯ କୋଟି ୩ ଲକ୍ଷ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ୪୩ କୋଟି ୧୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହାବାଦ୍ ଅନ୍ୟାନ୍ୟ ବିଭାଗ ସମେତ ସମୁଦାୟ ୭୨୪ କୋଟି ୨୬ ଲକ୍ଷ ଟଙ୍କା କେବଳ ଡିଏମ୍‌ଏଫ୍‌ରୁ ଅର୍ଥ ମଞ୍ଜୁର ହୋଇଛି। ହେଲେ ଶିକ୍ଷା କ୍ଷେତ୍ରକୁ ଅବଲୋକନ କଲେ ଜିଲା ସମଗ୍ର ଅଭିଯାନକୁ ୩୦ କୋଟି ୧୫ ଲକ୍ଷ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ୩ କୋଟି ୬୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହାବାଦ୍ ସ୍ୱାସ୍ଥ୍ୟ କ୍ଷେତ୍ରରେ ସିଡିଏମ୍‌ଓଙ୍କୁ ୬୪ କୋଟି ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଶିକ୍ଷା କ୍ଷେତ୍ରକୁ ଅବଲୋକନ କଲେ ଏଯାଏ କାଳିଆପାଣି ଖଣି ଅଞ୍ଚଳରେ ଏକ ଯୁକ୍ତଦୁଇ କଲେଜ ପ୍ରତିଷ୍ଠା ହୋଇ ପାରିନାହିଁ। କୁହିକାରେ ଯୁକ୍ତଦୁଇ କଲେଜ ନିର୍ମାଣାଧୀନ ରହିଛି। ସେହିପରି କାଳିଆପାଣି ଅଞ୍ଚଳରେ ନିକଟରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲେ ହେଁ ଆବଶ୍ୟକ ଡାକ୍ତର ନାହାନ୍ତି। ଖଣି କର୍ତ୍ତୃପକ୍ଷ ଓ ଲୋକ ପ୍ରତିନିଧି ଯାହା ଚାହିଁଛନ୍ତି ତାହା ହିଁ ହୋଇଛି ବୋଲି ମତପ୍ରକାଶ ପାଇଛି।

ଖଣିଖାଦାନ ଭରା ସୁକିନ୍ଦା ବ୍ଲକର ଗୁମୁନି ଗାଁର ଲୋକଙ୍କ ସହ ଅନ୍ୟମାନେ ।

ପାରମ୍ପରିକ କଳା ମାଧ୍ୟମରେ ଜନସଚେତନତା

ରସୁଲପୁର,୨୨।୮ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ମିହଳା ଓ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଆୟୋଜନ ହେଉଥିବା ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ ଜନସେଚତନା ସୃଷ୍ଟି କରାଯାଉଛି। ଉକ୍ତ କାର୍ଯ୍ୟକ୍ରମଗୁଡିକୁ ସେକ୍ଟର ୱାରି ଆୟୋଜନ କରାଯାଉଛି। ରସୁଲପୁର ସେକ୍ଟର ଅଧୀନ ବ୍ରାହ୍ମଣ ସାହି ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାଲା ଜରିଆରେ ଜନସଚେତନତା କରାଯାଇଛି। ମଙ୍ଗଳବାର ପ୍ରକଳ୍ପ ପକ୍ଷରୁ ରସୁଲପୁର ସେକ୍ଟର ଅଧୀନରେ ୩୦ ଅଙ୍ଗନୱାଡି କେନ୍ଦ୍ରର ମା' ଓ ଶିଶୁଙ୍କୁ ନେଇ ପୋଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସେଚତନତା ପାଇଁ ପାଲା ପରିବେଷଣ କରାଯାଇଥିଲା। କେନ୍ଦ୍ରଗୁଡିକରେ ମହିଳା ଓ ଶିଶୁଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ; ଗୋଦ ଭରାଇ, ଅନ୍ନ ପ୍ରଶନ୍ନ ଦିବସ(ମାସର ଦ୍ୱିତୀୟ ଗୁରୁବାର), ଅଙ୍କୁର ଦିବସ(ୟାର୍ଲି ଚାଇଲ୍ଡ କେୟାର ଏଜୁକେସନ-ଇସିସିଇ) ମାସର ୧୯ତାରିଖରେ, ହାତଧୁଆ ଦିବସ, ଅଦ୍ୱିକା, ପୁଷ୍ଟିକର ଖାଦ୍ୟ, ସ୍ତନ୍ୟପାନ ଦିବସ, ସୁ-ପୋଷଣ ଦିବସ (୩ମାସରେ ଥରେ), ଶିଶୁ ଦିବସ, ଜେମା ଜେଜେ ଦିବସ ଭଳି ବହୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମଗୁଡିକ ଜରିଆରେ ମହିଳା ଓ ଶିଶୁମାନଙ୍କର କ'ଣ ଲାଭ ହୋଇପାରିବ ସେ ଦିଗରେ ମା'ମାନେ ସଚେତନତା ହୋଇ ପାରିଲେ ମହିଳା ଓ ଶିଶୁଙ୍କ ବିକାଶ ହୋଇପାରିବ ବୋଲି ପାଲା ଗାୟକ ଗୀତ ଜରିଆରେ ଲୋକଙ୍କୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ସେକ୍ଟର ସୁପରଭାଇଜର ବିଷ୍ଣୁପ୍ରିୟା ଦାସ, ମିନାକ୍ଷୀ ଦାଶ, ସତ୍ୟଭାମା ବେହେରା ଓ ମଞ୍ଜୁଲତା ସାହୁଙ୍କ ସମେତ ୩୦ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଯୋଗଦେଇ ପରିଚାଳନା କରିଥିଲେ।

ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି ।

ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ସୁଚେତା ମିଶ୍ରଙ୍କୁ ସମ୍ବର୍ଦ୍ଧନା

ଇନ୍ଦିରା ଗାନ୍ଧୀ ମହିଳା(ଜୁନିୟର) ମହାବିଦ୍ୟାଳୟ ପକ୍ଷରୁ ସୁଚେତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଯାଜପୁରରୋଡ୍,୨୨।୮ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା(ଜୁନିୟର) ମହାବିଦ୍ୟାଳୟ ପକ୍ଷରୁ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏହି ମହାବିଦ୍ୟାଳୟର ପୁରାତନ ଛାତ୍ରୀ ସୁଶ୍ରୀ ସୁଚେତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଅଧ୍ୟକ୍ଷା ପଙ୍କଜିନୀ ପାଣିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ସୁଚେତାଙ୍କୁ ଜଣେ ଭଲ ପ୍ରଶାସନିକ ଅଧିକାରୀ ହେବା ପାଇଁ ଆଶୀର୍ବଚନ ପ୍ରଦାନ କରିଥିଲେ। ସଭାରେ ପ୍ରାଧ୍ୟାପିକା ଲଳିତା ସାହୁ, ହିରଣ୍ୟମୟୀ ମିଶ୍ର, ଦୀପ୍ତିମୟୀ ରାଉତ, ଇପାଞ୍ଜଳି ନାୟକ, ଦେବଜାନୀ ଦାସ, ରାଜଲକ୍ଷ୍ମୀ ଦାସ, ଅନିମା ପ୍ରଧାନ, ମମତାମୟୀ ଦାଶ, ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ, ଜ୍ୟୋତିପ୍ରକାଶ ରାଉତ, ଗୋବର୍ଦ୍ଧନ ନାୟକ, ହୃଷୀକେଶ ତ୍ରିପାଠୀ, କଲ୍ୟାଣୀ ପରିଡ଼ା, କ୍ଷୀରୋଦ ରାଉତ, ଶିବପ୍ରସାଦ ଦାସ ଓ ଅଶୋକ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇ ସୁଚେତାଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପିକା ସମ୍ମିତା ଆଚାର୍ଯ୍ୟ, ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତ, ଅରୁଣ କୁମାର ମିଶ୍ର, ସନ୍ତୋଷ କୁମାର ଜେନା, ମଳୟ କୁମାର ମଲ୍ଲିକ, ପଦ୍ମଭୂଷଣ ରାଉତରାୟ, ପ୍ରଦୀପ କୁମାର ପରିଡ଼ା, ଅଧ୍ୟାପିକା ତାରିଣୀ ତନୟା ସର, ଲିପ୍ସା ମିଶ୍ର, ସୁଚିସ୍ମିତା ବେହେରା ଓ ଦୁର୍ଗାବତୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ସୁଚେତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

୫-ଟି ସଚିବଙ୍କ ଗସ୍ତ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ।

ଯାଜପୁର ଟାଉନ,୨୨।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଆସନ୍ତା ୩୧ ତାରିଖରେ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ଯାଜପୁରଗସ୍ତରେ ଆସୁଥିବା ପରିପ୍ରେକ୍ଷୀରେ ମଙ୍ଗଳବାର ଯାଜପୁର ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଯାଜପୁରରେ ରାପିଡ୍ ଆକ୍ସନ ଫୋର୍ସକୁ ନେଇ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆଗକୁ ପାର୍ବଣ ଋତୁ ଏବଂ ସାଂପ୍ରଦାୟିକ ସଦ୍‌ଭାବନା ରକ୍ଷା କରିବା ଉଦ୍ଦେଶ୍ୟରେ ଫ୍ଲାଗମାର୍ଚ୍ଚ କରାଯାଉଛି ବୋଲି ଯାଜପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ପ୍ରକାଶ କରିଛନ୍ତି। ଏଥିରେ ୨ ପ୍ଲାଟୁନ୍ ଫୋର୍ସ ଯାଜପୁର ଥାନାରୁ ବାହାରି ଗାନ୍ଧୀ ଛକ, ମେଡିକାଲ ଛକ, ଗରିଆପୁର ଓ ବଡ଼ବଜାର ଦେଇ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଆଗକୁ ଫ୍ଲାଗମାର୍ଚ୍ଚ ପ୍ରତି ଗଳିକନ୍ଦିରେ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ନର୍ସଙ୍କୁ ଅସଦାଚରଣ, ଅଭିଯୁକ୍ତ କୋର୍ଟଚାଲାଣ

ପାଣିକୋଇଲି,୨୨।୮ (ବିକାଶ ମଲ୍ଲିକ):

ପାଣିକୋଇଲି ବଜାରରେ ଥିବା ଏକ ଘରୋଇ ଚିକିତ୍ସାଳୟର ଜଣେ ନର୍ସଙ୍କୁ ସେଠାରେ ଥିବା ଔଷଧ ଦୋକାନ କର୍ମଚାରୀ ଅସଦାଚରଣ କରିବା କରିବା ସହ ହତ୍ୟା ଧମକ ଦେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଟାଉନ ଲଳିତେଶ୍ୱର ନଗରର ସୌମ୍ୟରଞ୍ଜନ ସାହୁ(୩୨)। ଅଭିଯୋଗ ମୁତାବକ, ଚିକିତ୍ସାଳୟରେ ନର୍ସଭାବେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀ ୩ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ସେହି ଚିକିତ୍ସାଳୟର ଔଷଧ ଦୋକାନରେ ସୌମ୍ୟରଞ୍ଜନ କାର୍ଯ୍ୟ କରୁଥିଲେ। ତେଣୁ ସେ ନର୍ସଙ୍କୁ ବାରମ୍ବାର ଅଶ୍ଳୀଳ ମ୍ୟାସେଜ କରିବା ସହ ରାତିରେ ଯାଇ ସେ ରହୁଥିବା ଘର କବାଟ ବାଡେଇ ଗାଳିଗୁଲଜ କରୁଥିଲେ। ଏନେଇ ନର୍ସ ଜଣକ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଏହାର ଆପୋସ ସମାଧାନ କରାଯାଇଥିଲା। ମାତ୍ର ପୁନର୍ବାର ସୋମବାର ରାତିରେ ସୌମ୍ୟ ଯାଇ ତାଙ୍କ କବାଟ ବାଡ଼େଇ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ

ସଂକ୍ଷେପରେ

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ଆଳି,୨୨।୮ (ବନମାଳୀ ସେନାପତି)

ଆଳି ବ୍ଲକ ନିଆଳ ପଞ୍ଚାୟତ ତେଲିପାଟଣା ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତୁଳସୀ ସାହୁ(୭୦)ଙ୍କ ସୋମବାର ରାତିରେ ପରଲୋକ ଘଟିଛି। ସ୍ୱର୍ଗତା ସାହୁ ଛୋଟନାଥପୁର ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅବସର ଗ୍ରହଣ କରିବା ପରେ ଭୁବନେଶ୍ୱରରେ ରହୁଥିଲେ। ଶାରୀରିକ ଅସୁସ୍ଥତା ଯୋଗୁ ୧୫ ଦିନ ହେବ ଭୁବନେଶ୍ୱର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସକାଳେ ତେଲିପାଟଣାସ୍ଥିତ ତାଙ୍କ ବାସଭବନକୁ ମୃତଦେହ ଅଣାଯିବା ପରେ ଗ୍ରାମବାସୀ, ଶିକ୍ଷୟିତ୍ରୀଶିକ୍ଷକମାନେ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ବଡ଼ପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ତୁଳସୀ ଜଣେ ଧର୍ମପରାୟଣା, ଛାତ୍ରବତ୍ସଳା, ପରୋପକାରୀ ହୋଇଥିବାରୁ ତାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକର ବାତାବରଣ ଖେଳିଯାଇଛି।

ଓଳାଭର ଯୁବକ ସଂଘର ପ୍ରତିଷ୍ଠାତା ସଭାପତିଙ୍କ ପରଲୋକ

ରାଜକନିକା,୨୨।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ଯୁବକ ସଂଘର ପ୍ରତିଷ୍ଠାତା ସଭାପତି ଅନିରୁଦ୍ଧ ମହଲା (୮୪)ଙ୍କ ମଙ୍ଗଳବାର ଇଚ୍ଛାପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତଃ ମହଲା ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ, ନିଷ୍କପଟ ବ୍ୟକ୍ତି ଥିଲେ। ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଗଠନରେ ତାଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଭାରତ ସରକାରଙ୍କ ଡାକସେବାରେ ସେ ପୋଷ୍ଟ ମାଷ୍ଟର ଭାବେ ଦୀର୍ଘବର୍ଷ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ପରେ ଓଳାଭର ଯୁବକ ସଂଘର ସଭାପତି ଭାବେ ଦାୟିତ୍ୱ ତୁଲାଇ ଅଞ୍ଚଳରେ ସବୁରୀ ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କ ପରଲୋକ ଖବରପାଇ ଯୁବକସଂଘର ଉପଦେଷ୍ଟା, ସଭାପତି, ସମ୍ପାଦକଙ୍କ ସମେତ କର୍ମକର୍ତ୍ତା ଓ ସଭ୍ୟମାନେ ତଥା ଅଞ୍ଚଳର ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ୪ ବୋହୂପୁଅ, ୩ ଝିଅକ୍ୱାଇଁ ଓ ନାତୁଣୀନାତି ଉପସ୍ଥିତ ଥିଲେ। ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ହୋଇଥିବାବେଳେ ମଧ୍ୟମ ପୁତ୍ର ଅମିତାଭ ମୁଖାଗ୍ନୀ ଦେଇଥିଲେ।

ସଙ୍ଗୀତ ସଦନର ରୂପାନ୍ତର ପାଇଁ ପରିଷଦ ବୈଠକ

କେନ୍ଦ୍ରାପଡ଼ା, ୨୨।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ମଧ୍ୟସ୍ଥଳରେ ଅବସ୍ଥିତ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ସାଧାରଣ ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଅମ୍ବିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଙ୍ଗୀତ ସଦନର କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ରୂପାନ୍ତର କରାଯାଇ ସୁଦୂର ପ୍ରସାରୀ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ଏଥିରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, କାଉନସିଲର ପୁଷ୍ପାଞ୍ଜଳୀ ବହିଆ, ନୃତ୍ୟଗୁରୁ ଭାନୁପ୍ରିୟା ଖଗୁଆ, ଗୌତମ ସାହୁ, ଚନ୍ଦ୍ରଭାନୁ ମେକାପ, ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ, ହେମନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ଦାସ କହିଥିଲେ, ଗୋକୁଳ ଶ୍ରୀଚନ୍ଦନ ସଙ୍ଗୀତ ଜଗତରେ ଏକ ଉଜ୍ଜଳମୟ ତାରକା। ଜଳ ତରଙ୍ଗ ପରି ବାଦ୍ୟ ଯନ୍ତ୍ର ସର୍ବ ଭାରତୀୟ ସ୍ତରରେ ଉଦ୍‌ଭାବନ କରିଥିଲେ। କାଶ୍ମୀର, ଲକ୍ଷ୍ନୌ, ବନାରସ, କୋଲକତା ଆଦି ସହରରେ ତାଙ୍କର ସଙ୍ଗୀତ ମୂର୍ଚ୍ଛନାକୁ ପ୍ରଦର୍ଶିତ କରି ବାହାବା ପାଇଥିଲେ। ତାଙ୍କରି ସ୍ମୃତିରେ ଏହି ସଙ୍ଗୀତ ସଦନ ୧୯୫୫ ମସିହାରେ ସ୍ଥାପିତ ହୋଇଥିଲା। ସମ୍ପ୍ରତି ଏହା ଜରାଜୀର୍ଣ୍ଣ ହୋଇପଡ଼ିଛି। ସଦନ ଗୃହର ମରାମତି, ରକ୍ଷଣାବେକ୍ଷଣ, ଶିକ୍ଷାଦାନ, ଉପକରଣ ଆଦିକୁ ସୁସଜ୍ଜିତ କରିବା ସହ ଜିଲାର ଉତ୍ତରପିଢ଼ିଙ୍କୁ ସଙ୍ଗୀତ ଓ ସଂସ୍କୃତି ପ୍ରତି ଆକର୍ଷିତ କରାଯିବ। ସେପ୍ଟେମ୍ବର ୩ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ପ୍ରସଂଶିତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ଜେନା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟାସଲୋନୀ ବେହେରା, ବିଶ୍ୱ ପ୍ରକାଶ ନାୟକ, ଉମାକାନ୍ତ ସିଂହ, ଯଯାତି କେଶରୀ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

୪ ବର୍ଷ ବିତିଲା, ଫଳକରେ ଅଟକିଛି ପ୍ରକଳ୍ପ

ପଙ୍ଗାମୁଣ୍ଡାଇ,୨୨।୮ (କଳ୍ପତରୁ ନାୟକ)

ଅଧାପନ୍ତରିଆ ଅବସ୍ଥାରେ ପଙ୍ଗାମୁଣ୍ଡାଇ କଚେରି ପୋଖରୀ କାମ।

ଯଜ୍ଞ ପଡିଆରେ ଅଳିଆ ଗଦାହୋଇ ରହିଛି।

ଦୋକାନ ଗୃହ ନିର୍ମାଣ କାମ ଆରମ୍ଭ ହୋଇନାହିଁ।

କେନ୍ଦ୍ରାପଡ଼ା ଜିଲା ପଙ୍ଗାମୁଣ୍ଡାଇ ପୌର ପରିଷଦ ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ ପାଳିବ। ଏହିଦିବସକୁ ଦୃଷ୍ଟିରେ ରଖି ବିଧାୟକ, ପ୍ରଶାସନିକ ଅଧିକାରୀ ପଙ୍ଗାମୁଣ୍ଡାଇ ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏ ନେଇ ପୌର ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ହେଲେ ୪ ବର୍ଷ ତଳେ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପରୁ ୨ରୁ ୩ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ କେତେଗୋଟି ଅଧାପଡିଛି ତ ଆଉ ଅନ୍ୟ ସବୁ ଆରମ୍ଭ ହୋଇନାହିଁ। ବିଭିନ୍ନ ସ୍ଥାନରେ କେବଳ ଫଳକଗୁଡ଼ିକ ଶୋଭା ମଣ୍ଡନ କରୁଛି। ଏହାକୁ ନେଇ ପୌରାଞ୍ଚଳର ଅଧିବାସୀ ଓ ବୁଦ୍ଧିଜୀବୀମାନେ ନାପସନ୍ଦ କରି କହୁଛନ୍ତି, କାମ ହେବାର ନାଁ ଗନ୍ଧ ନାହିଁ କି କେହି ଲୋକ ଉପକୃତ ହେଉନାହାନ୍ତି, ଶିଳାନ୍ୟାସ ନାମରେ ପ୍ରଶାସନ ଲୋକଙ୍କୁ ଭୁଆଁ ବୁଲାଇଛି।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ପଙ୍ଗାମୁଣ୍ଡାଇ ପୌର ପରିଷଦ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ପାଳିବ। ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହେବ। ପରବର୍ତ୍ତୀ ସମୟରେ ଶିଳାନ୍ୟାସ କେଉଁଠି ଫଳକରେ ଦୀର୍ଘବର୍ଷ ହେବ ଝୁଲି ରହିବ ତ ଆଉ କେଉଁଠାରେ ଅଧାପନ୍ତରିଆ ଭାବେ କାମ ପରିଷଦର ନାଲିଫିତା ତଳେ ଚାପି ହୋଇ ରହିଯିବ। ପରିତାପର ବିଷୟ, ୨୦୧୯ରେ ପଙ୍ଗାମୁଣ୍ଡାଇ ପୌର ପରିଷଦରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଯେଉଁସବୁ ପ୍ରକଳ୍ପର ଶିଳାନ୍ୟାସ କରାଯାଇ ସହରବାସୀଙ୍କୁ ପୌର ପରିଷଦ ସ୍ୱପ୍ନ ଦେଖାଇଥିଲା, ସେଥିମଧ୍ୟରୁ ଅନେକ ପ୍ରକଳ୍ପ କେବଳ ଫଳକ ପୋତାରେ ରହିଯାଇଛି। ଯେଉଁ ହାତଗଣତି କେତେଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ସେସବୁ ବ୍ୟବହାର ଉପଯୋଗୀ ହୋଇନାହିଁ। ତେଣୁ ସ୍ୱାୟତ୍ତ ଶାସନ ଦିବସ ପାଳନକୁ ନେଇ ପଙ୍ଗାମୁଣ୍ଡାଇ ପୌରାଞ୍ଚଳର ଲୋକଙ୍କ ଆଗ୍ରହ ନାହିଁ ବୋଲି ଚର୍ଚ୍ଚା ହେଉଛି। ସାମାଜିକ କର୍ମୀ ସତ୍ୟପ୍ରିୟ ସାମଲ କହିଛନ୍ତି, ୨୦୧୯ ସ୍ୱାୟତ୍ତ ଶାସନ ଦିବସ ଅବସରରେ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଚେରି ପୋଖରୀ ପୁନରୁଦ୍ଧାର କାର୍ଯ୍ୟର ଶୁଭ ଦିଆଯାଇଥିବାବେଳେ ତାହାର ଅଗ୍ରଗତି ହେଉନାହିଁ। ପଙ୍ଗାମୁଣ୍ଡାଇ ସହରର ଉଠାଦୋକାନୀମାନଙ୍କୁ ଉପଯୁକ୍ତ ଥଇଥାନ କରିବାକୁ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ମହାବୀର ବଜାରଠାରେ ଭେଣ୍ଡିଂ ଜୋନ୍‌ର ଶୁଭ ପଡ଼ିଥିଲା। ସେହିପରି ପୌରାଞ୍ଚଳର ଲୋକମାନଙ୍କୁ ଅତ୍ୟାଧୁନିକ ସେବା ଯୋଗାଇ ଦେବାକୁ ୧ କୋଟି ଟଙ୍କା ବ୍ୟୟରେ ବାଲିପଡ଼ାଠାରେ ସ୍ମାର୍ଟ ଶ୍ମଶାନ ଗୃହର ଶିଳାନ୍ୟାସ କରାଯାଇଥିଲା। ୧ କୋଟି ଟଙ୍କା ବ୍ୟୟରେ ମଲ୍ଟି ଷ୍ଟୋରେଡ ମାର୍କେଟ କମ୍ପ୍ଲେକ୍ସ ଓ ଯଜ୍ଞ ପଡ଼ିଆର ଉନ୍ନତୀକରଣ କାର୍ଯ୍ୟର ଶୁଭ ଦିଆଯାଇଥିଲା। ଭିତ୍ତିପ୍ରସ୍ତର ଫଳକରେ ବିଧାୟକଙ୍କ ସମେତ ଅନ୍ୟ ବ୍ୟକ୍ତି ବିଶେଷଙ୍କ ନାମ ଏବେ ବି ଝୁଲୁଛି। ଦୋକାନୀମାନେ ଉପକୃତ ହେବା ଲାଗି ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ପଡ଼ିଥିଲା। କିନ୍ତୁ ୪ବର୍ଷ ପରେ ଉକ୍ତ ଫଳକ ଭାଙ୍ଗିରୁଜି ଗଲାଣି ପଛେ ଇଟା ଖଣ୍ଡେ ପଡ଼ିପାରିଲା ନାହିଁ। ଯଜ୍ଞ ପଡ଼ିଆ ଅଳିଆଆବର୍ଜନାରେ ପରିପୂର୍ଣ୍ଣ ହୋଇରହିଛି। ପ୍ରତିବର୍ଷ ସ୍ୱାୟତ୍ତ ଶାସନ ଦିବସ ଆସୁଛି ଓ ବ୍ୟବସାୟୀମାନେ ଏହି ପ୍ରକଳ୍ପ କଥା ମନେ ପକାଉଛନ୍ତି। ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ଗତ ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିରନ୍ତର ପ୍ରୟାସ ଏବଂ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥିବାରୁ ପଙ୍ଗାମୁଣ୍ଡାଇ ପୌରାଞ୍ଚଳରେ ସ୍ମାର୍ଟ ପାର୍କ, ସ୍ମାର୍ଟ ଶ୍ମଶାନ, ପ୍ରେକ୍ଷାଳୟ ଗୃହ, ଭେଣ୍ଡିଂ ଜୋନ, ଇନ୍‌ଡୋର ଷ୍ଟାଡିୟମ, କଚେରି ପୋଖରୀ ପୁନରୁଦ୍ଧାର, ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ସହ ଉଜ୍ଜ୍ୱଳ ଆଲୋକୀକରଣ ଓ ପରିମଳ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସବ୍‌ଡିଭିଜନ ହସ୍ପିଟାଲରେ ଆବଶ୍ୟକ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି। ରାସ୍ତାଘାଟ ଉନ୍ନତୀକରଣ ଓ ବିଶୁଦ୍ଧ ପିଇବା ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ସ୍ମାର୍ଟ ପାର୍କ, ପ୍ରେକ୍ଷାଳୟ ଗୃହ, ଇନ୍‌ଡୋର ଷ୍ଟାଡିୟମକୁ ଛାଡି ଦେଲେ ଆଉ ସବୁ ଅଧାରେ ଅଟକିଛି। ଏ ସମ୍ପର୍କରେ ପଙ୍ଗାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରେ କେତେଗୋଟି କାମ ବିଳମ୍ବ ହୋଇଛି। ଯେଉଁ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରାଯାଇଥିଲା ସେଗୁଡ଼ିକର ଖୁବ୍‌ଶୀଘ୍ର କାମ ଶେଷ କରାଯିବ ବୋଲି ସେ କହିଛନ୍ତି।

ପଙ୍ଗାମୁଣ୍ଡାଇ ପୌରପରିଷଦ

- ୩୧ରେ ସ୍ୱାୟତ୍ତ ଶାସନ ଦିବସ
- ଶିଳାନ୍ୟାସ ନାମରେ ଲୋକଙ୍କୁ ଭୁଆଁ ବୁଲାଇଛି ପ୍ରଶାସନ

ଠକ ଖବରଦାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଖବରଦାତାମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଭେଟି ଠକ ଖବରଦାତାଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଉଛନ୍ତି।

କେନ୍ଦ୍ରାପଡା, ୨୨।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଓଳିଆ ଗ୍ରାମର ଭୀମସେନ ସେଠୀ ଜଣେ ଠକ ବ୍ୟକ୍ତି। ଖବରଦାତା ଭାବେ ନିଜକୁ ପରିଚୟ ଦେଇ ସାଧାରଣ ଲୋକଙ୍କୁ ଶୋଷଣ କରୁଛନ୍ତି। ଏପରିକି ଖବରଦାତା ଭାବେ କର୍ତ୍ତବ୍ୟ କରୁଥିବା ବ୍ୟକ୍ତିଙ୍କୁ ମାନହାନୀ ସୂଚକ ବ୍ୟବହାର ଦେଖାଉଛନ୍ତି। ଏପରି ଅଭିଯୋଗ ଆଣି କେନ୍ଦ୍ରାପଡ଼ା ଜିଲାର ଖବରଦାତା ସମୂହଙ୍କ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଖବରଦାତା ଅସିତ ପଣ୍ଡା କହିଛନ୍ତି, ଭୀମସେନ ନିଜକୁ ଇଂରାଜି ଖବରକାଗଜ ଜିଲାସ୍ତରୀୟ ଖବରଦାତା ଭାବେ କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କୁ ପରିଚୟ ଦେଇ ହଟହଟା ହୋଇଛନ୍ତି। ସେହିପରି ଜଣେ ଗରିବ ଶ୍ରେଣୀର ମହିଳାଙ୍କୁ ଶୋଷଣ କରିଥିବା ଭିଡିଓ ଭାଇରାଲ ହୋଇଛି। ସେହିପରି ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଚାନ୍ଦା ମାଗିବା ଘଟଣା ଲୋକଲୋଚନକୁ ଆସିବା ପରେ ସାର୍ବଜନିନ ଭାବେ ଖବରଦାତାଙ୍କୁ ଅପମାନିତ କରୁଛନ୍ତି। ଏପରି କି ଖବରଦାତାଙ୍କୁ ଅଶାଳୀନ ଭାଷା କହିଥିବା ନେଇ ଖବରଦାତାମାନେ ଅସନ୍ତୁଷ୍ଟ ହୋଇଥିବା ଖବରଦାତା ପଣ୍ଡା ସୂଚନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଖବରଦାତା ମାତୃଦତ୍ତ ମହାନ୍ତି, ଲକ୍ଷ୍ମୀକାନ୍ତ ନାୟକ, ମହେଶ କୁମାର ପାଢ଼ୀ, ଦିଲୀପ ମହାନ୍ତି, ଜୀବନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହ ମିଳିଲା

ରାଜକନିକା,୨୨।୮ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଖରସ୍ରୋତା ଗଡ଼ଗଡି ସେତୁ ଉପରୁ ରବିବାର ସନ୍ଧ୍ୟାରେ ଡେଇଁ ବରୁଣାଡିହା ଗ୍ରାମର ଶରତ କରଙ୍କ ପୁଅ ଚନ୍ଦନ(୩୦) ନିଖୋଜ ହୋଇ ଯାଇଥିଲେ। ରାଜକନିକା ଅଗ୍ନିଶମ ବାହିନୀଙ୍କ ଦ୍ୱାରା ବୋଟ ସହାଯ୍ୟରେ ଦିନତମାମ ଖୋଜା ଖେଶଜି କରାଯାଇଥିଲେ ମଧ୍ୟ ଚନ୍ଦନଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ସକାଳେ ପାଣ୍ଡରକୋଲି କୂଳ ନିକଟରେ କେହି ଦେଖି ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଖବରପାଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ଚନ୍ଦନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଛି। ହେଲେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ପାଠପଢ଼ାବେଳେ ୪ ବିଦ୍ୟାର୍ଥୀ ବେହୋସ

ପାଟକୁରା,୨୨।୮ (ରବୀନ୍ଦ୍ରନାଥ ବାରିକ)

କୁଦାନଗରୀ ଉଚ୍ଚ ବିଦ୍ୟାଳୟ

- ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଲେ

ଗରଦପୁର ବ୍ଲକ ଅଧୀନ କୁଦାନଗରୀ ଉଚ୍ଚ ବିଦ୍ୟାଳୟରେ ପୂର୍ବାହ୍ନ ୧୦ଟା୨୦ମିନିଟ ସମୟରେ ପାଠପଢା ଚାଲିଥିବା ବେଳେ ହଠାତ ୪ଜଣ ବିଦ୍ୟାର୍ଥୀ ବେହୋସ ହୋଇ ପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ୨ଜଣ ସୁସ୍ଥ ହୋଇ ପଡିଥିଲେ। ଅନ୍ୟ ଦୁଇ ଜଣ ସ୍ୱୟଂଶ୍ରୀ ପାଣି, ଜିଂଜ୍ଞାସା ମିଶ୍ର ଷଷ୍ଠ ଶ୍ରେଣୀର ପିଲା ପ୍ରାଥମିକ ଚିକିତ୍ସା ପରେ ଶିକ୍ଷକ ଭବେଶ ରଥ, ଭାଗବତ ସାମନ୍ତରାୟଙ୍କ ସହିତ ବିଦ୍ୟାଳୟକୁ ଫେରିଥିଲେ। ସୂଚନାଯୋଗ୍ୟ ୧୨ତାରିଖରେ ଏହି ବିଦ୍ୟାଳୟରେ ବଜ୍ରପାତ ଯୋଗୁ ବିଦ୍ୟୁତ ସଂଯୋଗ ଆଜି ପର୍ଯ୍ୟନ୍ତ କାଟି ଦିଆଯାଇଛି। ଫଳରେ ପଙ୍ଖା ଚାଲୁ ନ ଥିବା କାରଣରୁ ଏପରି ଘଟିଥିବା କୁହାଯାଉଛି। ତୁରନ୍ତ ବିଦ୍ୟାଳୟକୁ ବିଦ୍ୟୁତ ସଂଯୋଗ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

ଜିଲା ସଂସ୍କୃତ ଶିକ୍ଷକ ମହାସଂଘ ବୈଠକ

ବୈଠକରେ ଯୋଗଦେଇଥିବା ସଂସ୍କୃତ ଶିକ୍ଷୟିତ୍ରୀଶିକ୍ଷକମାନେ।

ପଙ୍ଗାମୁଣ୍ଡାଇ,୨୨।୮ (କଳ୍ପତରୁ ନାୟକ)

ପଙ୍ଗାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ହାଇସ୍କୁଲଠାରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଜିଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଅକ୍ଷୟ ପତ୍ରୀ, ପ୍ୟାରୀମୋହନ ସ୍ୱାଇଁ, ଭାଗବତ ପତ୍ରୀ, ଜୟନ୍ତ କୁମାର ପଣ୍ଡା, ଅମିୟ କର, ପ୍ରଶାନ୍ତ ଦାଶ, ଶିବପ୍ରସାଦ ରଥ, ଗୋଲେଖ ନାୟକ, ସନ୍ତୋଷ ମଲ୍ଲିକ, ସରୋଜ ସାହୁ, କମଳାକାନ୍ତ ମିଶ୍ର, ଗୀତାଞ୍ଜଳୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ଭଗବାନ ସାହୁ ବୈଠକ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେପ୍ଟେମ୍ବର ୩ରେ କଷଣଅଣ୍ଟା ହାଇସ୍କୁଲରେ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପଣ୍ଡିତ ହାତିବନ୍ଧୁ ଭୂୟାଁ ବେଦପାଠ କରିଥିବା ବେଳେ ଶିକ୍ଷକ ଜଗନ୍ନାଥ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ। ବୈଠକ କେନ୍ଦ୍ରାପଡ଼ା ଜିଲାର ୯ଟି ବ୍ଲକର ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ।

୪ଜଣଙ୍କ ନାଁରେ ରାଜନଗର ତହସିଲଦାରଙ୍କ ଏତଲା

ରାଜନଗର, ୨୨।୮ (ଭାସ୍କାର ରାଉତରାୟ)

ଭୂତ ଜମି ବିକିବା ଘଟଣା

ରାଜନଗର ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଭୂତ ଜମି ବିକିବା ଘଟଣାରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ନକଲି ବ

ସଂକ୍ଷେପରେ

ଜେଲ ଗଲେ ଗଞ୍ଜେଇ ବ୍ୟବସାୟୀ

ବାଇକ୍ ସହ ୧୨ କେଜି ଗଞ୍ଜେଇ ଜବତ

ନୟାଗଡ଼/ଦଶପଲ୍ଲା(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି),୨୨।୮:

ବାଣିଗୋଛା ଥାନା ପୋଲିସ ଏକ ବାଇକ୍ ସହ ୧୨ କେଜି ଗଞ୍ଜେଇ ଜବତ କରିଛି । ଅନ୍ୟପକ୍ଷେ କଟକ ଜିଲା କିଶୋରନଗର ଥାନା କିଶୋରନଗର ଗାଁର ଗଞ୍ଜେଇ ବ୍ୟବସାୟୀ ଉଲ୍ଲାସ ସାହୁ (୪୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଉଲ୍ଲାସଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଉଲ୍ଲାସ ଏକ ବାଇକ୍(ନଂ. ଓଆର୨୧ ବି ୧୫୦୧)ରେ ଗଞ୍ଜେଇ ନେଇ ଆସୁଥିଲେ । ପୋଲିସ ପାଟ୍ରୋଲିଂ ବେଳେ ଗଞ୍ଜେଇ ଚାଲାଣ ନଜରକୁ ଆସିଥିଲା । ଏ ନେଇ ପୋଲିସ ଏକ ମାମଲା(ନଂ.୭୪/୨୩) ରୁଜୁ କରି ତଦନ୍ତ କରୁଛି ।

ଜିଲାପାଳ, ଏଡିଏମ୍ ଓ ଉପଜିଲାପାଳଙ୍କ ଚୌକି ଖାଲି

ନୟାଗଡ଼,୨୨।୮(ଲୋକନାଥ ମିଶ୍ର):

ନୟାଗଡ଼ ଜିଲାପାଳ, ଅତିରିକ୍ତ ଜିଲାପାଳ (ଏଡିଏମ) ଓ ଉପଜିଲାପାଳଙ୍କ ଚୌକି ମଙ୍ଗଳବାର ଖାଲି ପଡିଥିବା ଦେଖିବାକୁ ମିଳିଥିଲା । ସରକାରୀ କାର୍ଯ୍ୟ ଦିବସରେ ୩ ଜଣ ପ୍ରମୁଖ ପଦଧିକାରୀଙ୍କ ଚୌକି ଖାଲି ପଡ଼ିଥିବାରୁ ଅଧିକାଂଶ ଅଭିଯୋଗକାରୀ ଅପେକ୍ଷା କରି ଫେରିଥିବା ଲକ୍ଷ୍ୟ କରାଯାଇଛି । ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନେଇ ଗଣିଆ ଗସ୍ତରେ ଯାଇଥିବାବେଳେ ଅତିରିକ୍ତ ଜିଲାପାଳ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିଲେ । ଉପଜିଲାପାଳ କେଉଁ ସରକାରୀ କାର୍ଯ୍ୟକ୍ରମରେ ଯାଇଥିଲେ ଜଣାପଡିନି ।

କଲେଜ ଛାତ୍ରଙ୍କୁ ବଞ୍ଚାଇବାକୁ ଯାଇ ଓଲଟିଲା ଟ୍ରାକ୍ଟର

ଡ୍ରାଇଭର,ସହଯୋଗୀ ଗୁରୁତର

ନୟାଗଡ଼,୨୨।୮(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ଲାଡିପଡା କୃଷ୍ଣପ୍ରସାଦ ରାସ୍ତାରେ ଟ୍ରକ୍ଟର ବିଲ ଭିତରକୁ ଓଲଟି ପଡିବାରୁ ଲାଠିପଡା ଗାଁର ଡ୍ରାଇଭର କାହ୍ନୁ ଚରଣ ନାୟକ(୨୮), କୃଷ୍ଣପ୍ରସାଦ ଗାଁର ସହଯୋଗୀ ବିଷ୍ଣୁ ପ୍ରସାଦ ଲେଙ୍କା(୨୪) ଗୁରୁତର ହୋଇଛନ୍ତି । ଉଭୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଟ୍ରାକ୍ଟର ଡ୍ରାଇଭର କାହ୍ନୁ ଚରଣ ହଳ କରି ଟ୍ରାକ୍ଟରକୁ ଧୋଇବାକୁ ନେଉଥିବାବେଳେ କେତେଜଣ କଲେଜ ଛାତ୍ର ସେହି ରାସ୍ତାରେ ଯାଉଥିଲେ । ସେହି ସମୟରେ କଲେଜ ଛାତ୍ରମାନେ ସାଇଟ୍ ମାରିଥିଲେ । ଏଭଳିସ୍ଥଳେ ଡ୍ରାଇଭର କଲେଜ ଛାତ୍ରଙ୍କୁ ସୁରକ୍ଷା ଦେବାକୁ ଯାଇ ଟ୍ରାକ୍ଟରକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରିଥିଲେ । ହେଲେ ଟ୍ରାକ୍ଟର ବିଲ ଭିତରକୁ ଓଲଟି ପଡିଥିଲା । ଉଭୟ ଡ୍ରାଇଭର ଓ ସହଯୋଗୀ ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବାରେ ଅସମର୍ଥ ହେବାରୁ ନୟାଗଡ଼ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରିଥିଲେ ।

ଏଲ୍‌ଆଇସି କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ନୟାଗଡ଼,୨୨।୮(ଲୋକନାଥ ମିଶ୍ର):

ନୟାଗଡ଼ ସହର ଖଣ୍ଡପଡ଼ା ରୋଡରେ ଥିବା ଏଲଆଇସି କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଏଲଆଇସିର ପୂର୍ବ କେନ୍ଦ୍ରୀୟ ଜୋନ ପାଟଣାର ଜୋନାଲ ମ୍ୟାନେଜର ଶ୍ରବଣ କୁମାର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଡିଭିଜିନାଲ ମ୍ୟାନେଜର ମନୋରଞ୍ଜନ ଦାସ, ପ୍ରମୋଦ କୁମାର ପ୍ରଧାନ, ବ୍ରାଞ୍ଚ ମ୍ୟାନେଜର ଲଳିତ କୁମାର ପରିଡା ଯୋଗ ଦେଇଥିଲେ । ମୁଖ୍ୟଅତିଥିଙ୍କୁ ପ୍ରଥମେ ଏକ ବାଇକ ରାଲିରେ ସ୍ୱାଗତ କରାଯାଇଥିଲା । ପରେ ମୁଖ୍ୟ ଅତିଥିଙ୍କୁ ଦୁର୍ଗାପ୍ରସାଦଠାରୁ ଶୋଭାଯାତ୍ରା ମାଧ୍ୟମରେ ନୟାଗଡ ଶାଖା ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା । ଏହି ଅବସରରେ ଲୋକଙ୍କ ମଧ୍ୟରେ ବୀମା ସଚେତନତା ବିସ୍ତାର କରିଥିବା ଏଜେଣ୍ଟ ଓ ଅନ୍ୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତ ନାୟକ ମଞ୍ଚ ପରିଚାଳନା କରିଥିଲେ ।

ଛାତ୍ରୀଛାତ୍ର ପିଉଛନ୍ତି ଫ୍ଲୋରାଇଡ୍‌ଯୁକ୍ତ ପାଣି

ସରପୋଖରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

ଖଣ୍ଡପଡ଼ା,୨୨।୮(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ନୂଆଗଡିଆସାହି ପଞ୍ଚାୟତର ଦୁଇଟି ରାଜସ୍ୱ ଗ୍ରାମ ରାକେଶିଆ ଓ ସରପୋଖରୀ ଗାଁ । ଏହି ଦୁଇ ଗାଁରେ ରହିଛି ରାକେଶିଆ ପ୍ରାଥମିକ ବିଦ୍ୟାଳୟ ଓ ସରପୋଖରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ୧୯୮୦ରୁ ପ୍ରତିଷ୍ଠିତ ସରପୋଖରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ଶିକ୍ଷାନୁଷ୍ଠାନରେ ୭୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ପ୍ରଥମରୁ ୮ ମ ଶ୍ରେଣୀ ପାଇଁ ୫ଟି ଶ୍ରେଣୀ ଗୃହ ରହିଛି । ହେଲେ ଉକ୍ତ ବିଦ୍ୟାଳୟଟି ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ଅଭିଭାବକଙ୍କ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଉକ୍ତ ବିଦ୍ୟାଳୟକୁ ସରପୋଖରୀ, ରାମଚଣ୍ଡୀ ପ୍ରସାଦ, କୁଞ୍ଜବେଲୀ ଓ ରାକେଶିଆ ଗ୍ରାମରୁ ଛାତ୍ରୀଛାତ୍ରମାନେ ଅଧ୍ୟୟନ ପାଇଁ ଆସିଥାନ୍ତି । ୮ଟି ଶ୍ରେଣୀ ପାଇଁ ୮ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବା ବେଳେ ୪ଜଣ ଶିକ୍ଷକ ଅଛନ୍ତି। ସ୍ଥାୟୀ ପ୍ରଧାନଶିକ୍ଷକଙ୍କ ଅଭାବ ରହିଛି । ୮ ଶ୍ରେଣୀ ପାଇଁ ୫ ଶ୍ରେଣୀଗୃହ ରହିଥିବା ବେଳେ ସେଥିମଧ୍ୟରୁ ୨ଟି କୋଠରୀ ଭଗ୍ନ ଅବସ୍ଥାରେ ରହିଛି। ଗୋଟିଏ କୋଠରୀରେ

ସରପୋଖରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ।

ଆସବାବପତ୍ର ରଖାଯାଇ ଅନ୍ୟ ଦୁଇଟି କୋଠରୀ ମଧ୍ୟରୁ ଗୋଟିଏ କୋଠରୀରେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ପିଲାଙ୍କୁ ଏକାଠି ବସାଇ ପାଠ ପଢ଼ାଯାଉଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୂଦନ ମୋହନ ସିଂ ଓ ସହକାରୀ ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ର ସୂଚନା ଦେଇଥିଲେ । ଆବଶ୍ୟକ ଶ୍ରେଣୀ ଗୃହ ଅଭାବ ସାଙ୍ଗକୁ ଗୋଟିଏ ଛାତ ଘରର ଛାତରୁ ପ୍ଲାଷ୍ଟର ଖସିବା ସହ କାନ୍ଥ ଦୁର୍ବଳ ଅବସ୍ଥାରେ ରହିଛି । ସେଥିପାଇଁ ଅଧିକାଂଶ ସମୟରେ ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି । ପାହାଡ଼ ଉପରେ ଥିବା ସଂପୃକ୍ତ ବିଦ୍ୟାଳୟରେ ପାନୀୟ ଜଳ ଯୋଗାଣର କୌଣସି ସୁବିଧା ନାହିଁ । ଛାତ୍ରୀଛାତ୍ରମାନଙ୍କ ପାନୀୟ ଜଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସର ତଥା ନିକଟରେ ଦୁଇଟି ନଳ କୂପ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଦୀର୍ଘ ବର୍ଷ ହେଲା ଖନନ କରାଯାଇଛି । ମାତ୍ର ଏଠାରେ ଗୋଟିଏ ନଳକୂପ ଅକାମୀ ହୋଇ ପଡିଥିବା ବେଳେ ଅନ୍ୟ ଏକ ନଳକୂପ ଚାରିପାଖରେ ଅନାବନା ଗଛଲତାରେ ପୂର୍ଣ୍ଣ ରହିଛି । ସେହି ନଳକୂପରୁ ଫ୍ଲୋରାଇଡ଼ ଯୁକ୍ତ(ଲୌହ ଗୁଣ୍ଡ ମିଶ୍ରିତ) ଜଳ ବାହାରୁଛି । ଏହା ପାନୀୟ ଉପଯୋଗୀ ହେଉନାହିଁ । ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟ ପରିଚାଳନା କରିବାରେ ପାଣିର ଘୋର ସମସ୍ୟା ସୃଷ୍ଟି କରିଥାଏ । ତେବେ ବାରଣ ସତ୍ତ୍ୱେ ପିଲାମାନେ ସେହି ନଳକୂପର ପାଣି ବ୍ୟବହାର କରୁଥିବାରୁ ଅଧିକାଂଶ ସମୟରେ ପିଲାମାନେ ନାନା ରୋଗରେ ଆକ୍ରାନ୍ତ ହେଉଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ତେବେ ଗତ ୩ ବର୍ଷ ପୂର୍ବରୁ ପଞ୍ଚାୟତ ପକ୍ଷରୁ ସ୍କୁଲ ପରିସରରେ ପାଣି ଟାଙ୍କି ନିର୍ମାଣ କରାଯାଇ ଏକ ବିଦ୍ୟୁତ୍ ଚାଳିତ ମୋଟର ପମ୍ପର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପାଇପ ସଂଯୋଗ ହୋଇ ନ ଥିବାରୁ ଜଳ ଯୋଗାଣର ଯୋଜନା କାର୍ଯ୍ୟକାରୀ ହୋଇପାରିନି । ଅପରପକ୍ଷେ ପାହାଡ଼ ଉପରେ ଥିବା ଏହି ବିଦ୍ୟାଳୟର ସୁରକ୍ଷା ପ୍ରାଚୀର ନ ଥିବା ଏବଂ ଶୌଚାଳୟ ନ ଥିବାରୁ ପିଲାମାନେ ଗଛଲତା ପରିପୂର୍ଣ୍ଣ ପାହାଡ଼ ଉପରୁ ଯାଉଛନ୍ତି । ଉପରୋକ୍ତ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରିଥିଲେ ମଧ୍ୟ ଏଦିଗରେ କେହି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସରରେ ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା କରାଯାଇଥିଲା । ବୋରୱେଲ ମାଧ୍ୟମରେ ଏକ ପାଣିଟାଙ୍କି ଦ୍ୱାରା ପାଣି ଯୋଗାଇବାର ବ୍ୟବସ୍ଥା ହୋଇଥିଲା । ହେଲେ ସେହି କାମ ଶେଷ ହୋଇଥିଲେ ମଧ୍ୟ କୌଣସି କାରଣରୁ ଅକାମୀ ହୋଇପଡିଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ପୁଣି ଏକାଠି ହେବେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ

ନୟାଗଡ଼,୨୨।୮(ଲୋକନାଥ ମିଶ୍ର): ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ପୁଣି ଥରେ ନୟାଗଡ଼ରେ ଏକାଠି ହେବା ପାଇଁ ନିଷ୍ପତ୍ତି ହୋଇଛି। ସୁପ୍ରିମକୋର୍ଟରେ ବିଚାରାଧୀନ ମକଦ୍ଦମାରେ ଅଗ୍ରଗତି ଓ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭୂମିକା ସମ୍ପର୍କରେ ଆଲୋଚନା ପାଇଁ ନୟାଗଡ଼ ଇଟାମାଟିସ୍ଥିତ ପ୍ରତାପପ୍ରସାଦ ଭୈରବୀ ମନ୍ଦିର ନିକଟରେ ୨ସେପ୍ଟେମ୍ବର ପୂର୍ବାହ୍ନ ୧୦ଘଟିକା ସମୟରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି । ସେଠାରେ ନୟାଗଡ଼ ଜିଲାସ୍ତରୀୟ ଜମାକାରଙ୍କେ ସାଧାରଣ ସଭା ଅନୁଷ୍ଠିତ ହେବ। ସାଧାରଣ ସଭାରେ ଜମାକାରୀ ମିଳିତ ମଞ୍ଚର ସଭାପତି ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ମଞ୍ଚ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ,ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ଭଞ୍ଜ କିଶୋର ପ୍ରଧାନ ଓ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗ ଦେଇ ମକଦ୍ଦମାର ସ୍ଥିତି ଓ ଜମାକାରୀ ଏବଂ ଏଜେଣ୍ଟମାନେ ଟଙ୍କା ଫେରସ୍ତ ପାଇଁ କି କି ପଦକ୍ଷେପ ନେଲେ ସେ ସମ୍ପର୍କରେ ସବିଶେଷ ସୂଚନା ଦେବେ ବୋଲି ଜମାକାରୀ ମିଳିତ ମଞ୍ଚର ଜିଲା ସଭାପତି ଚଣ୍ଡାଳ ପ୍ରଧାନ କହିଛନ୍ତି ।

୧୨୦ ଗୋଷ୍ଠୀଙ୍କୁ ୬ କୋଟି ଟଙ୍କା ଋଣ ପ୍ରଦାନ

ସ୍ୱୟଂସହାୟକ ଗୋଷ୍ଠୀ ଋଣ ଶିବିର

ଓଡ଼ଗାଁ,୨୨।୮(ଆଦର୍ଶ କୁମାର ପଟ୍ଟନାୟକ)

ଭାରତୀୟ ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟିକ କାର୍ଯ୍ୟାଳୟ ଖୋର୍ଦ୍ଧା ଆନୁକୂଲ୍ୟରେ ମଙ୍ଗଳବାର ବୃହତ୍ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରକାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଶିବିରରେ ଭୁବନେଶ୍ୱରସ୍ଥିତ ପ୍ରଶାସନିକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ମୁଖ୍ୟଅତିଥି, ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଶଶୀଶେଖର ପଟ୍ଟନାୟକ ମୁଖ୍ୟବକ୍ତା ଓ ଖୋର୍ଦ୍ଧା ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟର କ୍ଷେତ୍ରୀୟ ପ୍ରବନ୍ଧକ ନରେନ୍ଦ୍ର କୁମାର ଜେନା, ଖୋର୍ଦ୍ଧା ଆରବିଓ ମୁଖ୍ୟ ପ୍ରବନ୍ଧକ ରଶ୍ମୀରଞ୍ଜନ ମିଶ୍ର, ନୟାଗଡ଼ କୃଷି ବାଣିଜ୍ୟିକ ପ୍ରବନ୍ଧକ

ଋଣପ୍ରଦାନ ଶିବିରରେ ମଞ୍ଚାସୀନ ଅତିଥି ।

କମଳାକାନ୍ତ ସେଠୀ, ଶରଣକୁଳ ପ୍ରବନ୍ଧକ ଜିତେନ୍ଦ୍ର ମହାପାତ୍ର, ଜିଲା ପ୍ରକଳ୍ପ ପରିଚାଳକ ସଞ୍ଜୟ ମହାପାତ୍ର, ଜିଲା ପ୍ରକଳ୍ପ ସଂଯୋଜିକା ସମିଧା ପାଢୀ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ସ୍ଥାନୀୟ ଓ ଶରଣକୁଳ କୃଷି ବାଣିଜ୍ୟିକ (ଏସବିଆଇ) ଶାଖାର ୧୨୦ ଏସ୍‌ଏଚଜି ମହିଳା ଗୋଷ୍ଠୀଙ୍କୁ ମୁଖ୍ୟ ଅତିଥି ଝା ୬ କୋଟି ଟଙ୍କାର ଋଣ ପ୍ରଦାନ କରିଥିଲେ । ଏଥିରେ ଗୋଷ୍ଠି ପିଛା ୨ ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଛି । ଏସଏଚଜି ପରିଚାଳନା ସମୟରେ ସଭା ବହିରେ ଆଦୌ ବ୍ଲାଙ୍କ ଦସ୍ତଖତ ନ କରିବାକୁ ସମବେତ ମହିଳାମାନଙ୍କୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ । ସେମାନଙ୍କୁ ପ୍ରଦାନ କରାଯାଉଥିବା ଋଣକୁ ବ୍ୟବସାୟିକ ଓ କୃଷି କ୍ଷେତ୍ରରେ ବିନିଯୋଗ କରିବା ସହିତ ୯୦ ପ୍ରତିଶତ ସରକାରୀ ସବ୍‌ସିଡି ହାସଲ କରିବାକୁ ସଚେତନ କରିଥିଲେ । ଏତଦ୍ବ୍ୟତୀତ ନିଜ ପରିବାର ସଦସ୍ୟଙ୍କ ସହିତ ଆଖ ପାଖରେ ରହୁଥିବା ଲୋକଙ୍କୁ ବାର୍ଷିକ ମାତ୍ର ୨୦ ଟଙ୍କାରେ ମାଇକ୍ରୋ ଇନ୍ସୁରାନ୍ସରେ ସାମିଲ ହେବାକୁ କହିଥିଲେ । ଏହାଦ୍ୱାରା ଲୋକେ ଦୁର୍ଘଟଣାଜନିତ ସୁବିଧା ହାସଲ କରିପାରିବେ । ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରକଳ୍ପ ପରିଚାଳକ ଆରତୀ ମହାପାତ୍ର ଉପସ୍ଥିତ ଥିବା ବେଳେ ସ୍ଥାନୀୟ କୃଷି ବାଣିଜ୍ୟିକ (ଏସବିଆଇ) ପ୍ରବନ୍ଧକ ରବି ନାରାୟଣ ସେଠ ପ୍ରାକ୍ ସୂଚନା ଦେଇଥିଲେ ।

ମା'କଳାପାଟ ଠାକୁରାଣୀଙ୍କ ବାର୍ଷିକ୍ ପୂଜୋତ୍ସବ

ମା'କଳାପାଟ ଠାକୁରାଣୀ ।

ଗଣିଆ,୨୨।୮(ସନ୍ତୋଷ କୁମାର ପ୍ରଧାନ) ଗଣିଆ ବ୍ଲକ ମଣିଭଦ୍ରା ପାଦଦେଶରେ ଥିବା ମା'କଳାପାଟ ଠାକୁରାଣୀଙ୍କ ବାର୍ଷିକ ପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ପ୍ରତିବର୍ଷ ଶ୍ରାବଣ ମଙ୍ଗଳବାରରେ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଚଞ୍ଚଳ ଈଶ୍ୱରପୁର ଓ ମସ୍କାଖୋଲା ଗ୍ରାମବାସୀଙ୍କ ଦ୍ୱାରା ଏହି ଉତ୍ସବର ଆୟୋଜନ କରାଯାଇଥିଲା । ପୂଜକ ସୁରେନ୍ଦ୍ର ନାଥ ନାୟକଙ୍କ ଦ୍ୱାରା ମଧ୍ୟାହ୍ନରେ ମା'ଙ୍କୁ ରୀତିନୀତି ଅନୁଯାୟୀ ମାଜଣା ପରେ ଅପରାହ୍ନ ୨ଟା ପରେ ବଡପୂଜା ଆରମ୍ଭ ହୋଇଥିଲା । ପୂଜା ଶେଷ ପରେ ୩ ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ରାସ୍ତାରେ ବସି ଏକତ୍ର ପ୍ରସାଦ ସେବନ କରିଥିଲେ । ଏହି ଉତ୍ସବରେ ଛାମୁଣ୍ଡିଆ, ଗଣିଆ, ନୟାଗଡ଼ ଓ କଟକ ଜିଲାର ମାନସିକଧାରୀମାନେ ପୂଜାର୍ଚ୍ଚନା କରିଥିଲେ । ଆସନ୍ତା ବର୍ଷ ଛାମୁଣ୍ଡିଆ, ବେଣ୍ଟପଡା,ଗୋପୀନାଥପୁର ଓ ମାଳିସାହି ଗ୍ରାମବାସୀଙ୍କ ଦ୍ୱାରା ଏହି ଉତ୍ସବର ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ମିଳିଛି ।

କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

- ମୃତଦେହ ଆଣିବା ଓ ସହାୟତା ରାଶି ପାଇଁ ନିବେଦନ
- ଜିଲାଶ୍ରମ ଅଧିକାରୀଙ୍କୁ ଭେଟିଲେ ପରିବାର ଲୋକ

ନୟାଗଡ଼,୨୨।୮(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ନୂଆ ରାଇପୁର ଗାଁର ବୈକୁଣ୍ଠ ସେଠୀ(୫୬) କେରଳ ନୁମୁରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ଗତ ସୋମବାର ତାଙ୍କର ମୃତ୍ୟୁ ଘଟିଛି । କମ୍ପାନୀ ପକ୍ଷରୁ ଶ୍ରମିକଙ୍କ ମୃତଦେହ ଘରକୁ ପଠାଇବାର ବ୍ୟବସ୍ଥା କରାଯାଉନାହିଁ । ଏଭଳି ସ୍ଥଳେ ପରିବାର ଲୋକେ ମଙ୍ଗଳବାର ଜିଲାପାଳଙ୍କୁ ଭେଟିବାକୁ ନୟାଗଡ଼ ଆସିଥିଲେ । ହେଲେ ଜିଲାପାଳ ନ ଥିବାରୁ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ । ହେଲେ ଉଭୟ ଅନୁପସ୍ଥିତ ଥିବା ଦେଖି ଫେରିଥିଲେ । ଶେଷରେ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ମୃତଦେହ ଫେରାଇ ଆଣିବା ଓ ସହାୟତା ଯୋଗାଇବାର ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ନୂଆ ରାଇପୁର ଗାଁର ବୈକୁଣ୍ଠ ସେଠୀଙ୍କ ପୁଅ ଓ ଝିଅକୁ ନେଇ ଛୋଟ ସଂସାର । ପୁଅର ବୟସ ୨୪ ବର୍ଷ ହୋଇଥିବା ବେଳେ ସେ ଭିନ୍ନକ୍ଷମ । ଝିଅଟି ବିବାହ ବୟସ ହୋଇଥିଲେ ହେଁ ମା'ବାପା ବିବାହ କରାଇ ପାରି ନାହାନ୍ତି । ଏଭଳିସ୍ଥଳେ ୩ ବର୍ଷ ହେଲା ବୈକୁଣ୍ଠ କାମ କରିବାକୁ କେରଳ ଯାଇ ଥିଲେ । ମଝିରେ ମଝିରେ ଗାଁକୁ ଆସି ରୋଜଗାର ଟଙ୍କା ଦେଇ ପୁଣି ଫେରି ଥାଆନ୍ତି । ପ୍ରାୟ ୩ ମାସ ତଳେ ବୈକୁଣ୍ଠ ଘରକୁ ଆସି ପୁଣି ଥରେ କେରଳ ଫେରିଥିଲେ ବୋଲି ପରିବାର ଲୋକେ କହିଛନ୍ତି। ତେବେ କେଉଁ କାରଣରୁ ବୈକୁଣ୍ଠଙ୍କ ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ ।

ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବୈକୁଣ୍ଠଙ୍କ ପରିବାର ସଦସ୍ୟ ।

ମୃତ ଶ୍ରମିକ ବୈକୁଣ୍ଠ ସେଠୀ

ବଢ଼ିଲା ଆଉଟସୋର୍ସିଂ ସଂସ୍ଥାର ଜୁଲମ

୩ମାସ ହେଲା ଦରମା ପାଇ ନାହାନ୍ତି କର୍ମଚାରୀ

ନ

ଭାରତ ଏନ୍‌ସିଏପିର ଶୁଭାରମ୍ଭ କଲେ ଗଡ୍‌କରୀ

ଭୁବନେଶ୍ୱର,୨୨।୮ (ଅଭୟ ଦାଶ)

ସାରା ଦେଶରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାବେଳେ ସଡକ ଦୁର୍ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଯାଇଛି। ଉକ୍ତ ଘଟଣାର ହ୍ରାସ ସହିତ ସୁରକ୍ଷା ମାନ ବୃଦ୍ଧି ସହ ସଡ଼କ ନିରାପତ୍ତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ନୂତନ ଯୋଜନା 'ଭାରତ ନୂତନ କାର୍ ମୂଲ୍ୟାୟନ କାର୍ଯ୍ୟକ୍ରମ(ଭାରତ ଏନ୍‌ସିଏପି)ର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ୍‌କରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତ ଏନ୍‌ସିଏପିର ଶୁଭାରମ୍ଭ କରିଛନ୍ତି। ବିଶେଷକରି ଭାରତରେ ୩.୫ଟନ୍ ଓଜନ ବିଶିଷ୍ଟ ଯାନର ସୁରକ୍ଷା ମାନ ବୃଦ୍ଧ ସହତ ସଡ଼କ ନିରାପତ୍ତା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଉକ୍ତ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି।

ନୂଆଦିଲ୍ଲୀଠାରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂ ଆନୁଷ୍ଠାନିକ ଭାବେ ଭାରତ ଏନ୍‌ସିଏପିର ଶୁଭାରମ୍ଭ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗୀୟ ସଚିବ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏ ସମ୍ପର୍କରେ ଗଡ୍‌କରୀ କହିଥିଲେ, ସୁରକ୍ଷିତ କାର୍ କିଣିବା ପାଇଁ ଶ୍ରେଷ୍ଠ ବାହନ ଚୟନ କରିବାରେ ସକ୍ଷମ ହେବା ପାଇଁ ଗ୍ରାହକମାନଙ୍କୁ ସଶକ୍ତ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ୨୦୨୩ ଅକ୍ଟୋବର ୧ରୁ ଆରମ୍ଭ ହେବ ଏବଂ ଅଟୋମୋଟିଭ୍ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ (ଏଆଇଏସ୍)୧୯୭ ଉପରେ ଆଧାରିତ ହେବ। ବିଶେଷକରି ପ୍ରତିଯୋଗିତାମୂଳକ ନିରାପତ୍ତା ବୃଦ୍ଧିର ଇକୋସିଷ୍ଟମ ସୃଷ୍ଟି କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଆଶା କରାଯାଉଛି, ଯାହାକ ଉପଭୋକ୍ତାଙ୍କ ମଧ୍ୟରେ ବାହନ ସୁରକ୍ଷାକୁ ନେଇ ସଚେତନତା ବୃଦ୍ଧି କରିବ। ଉକ୍ତ କାର୍ଯ୍ୟକ୍ରମ ବିଶ୍ୱସ୍ତରୀୟ ନିରାପତ୍ତା ମାନ ଥିବା ଯାନ ନିର୍ମାଣ ସହ ଓଇଏମ୍‌ମାନଙ୍କ ପାଇଁ ସୁଯୋଗ ଆଣିଛି। ଉଲ୍ଲେଖଯୋଗ୍ୟ, ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ (ସିଆଇଆର୍‌ଟି) ଦ୍ୱାରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରାଯିବ। ଏପରକ ଭାରତ ଏନ୍‌ସଏପ କାର୍ଯ୍ୟକ୍ରମ ଅଂଶୀଦାରଙ୍କ ପରାମର୍ଶକୁ ଆଧାରକରି ଏହା ବିକଶିତ ହୋଇଛି।

ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୨।୮

କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ମଙ୍ଗଳବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୪ (୩.୯୪) ପଏଣ୍ଟ ବଢ଼ି ୬୫,୨୨୦(୬୫,୨୨୦.୦୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩ (୨.୮୫) ପଏଣ୍ଟ ବୃଦ୍ଧି ଘଟି ୧୯,୩୯୬ (୧୯,୩୯୬.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କଛଦିନ ହେଲା କ୍ରମାଗତ ଭାବେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି।

ଟାଟା ଷ୍ଟିଲ୍ ମାଇନିଂକୁ ଏକ୍ସଲେନ୍ସ ପୁରସ୍କାର

ଭୁବନେଶ୍ୱର,୨୨।୮

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ ତଥା ପୁରସ୍କାର ଦିଆଯାଇଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ପୂର୍ବାଞ୍ଚଳ ୟୁନିଟ୍ ପକ୍ଷରୁ କୋଲକାତାଠାରେ ଆୟୋଜିତ ୧୭ତମ ସୁରକ୍ଷା ସିମ୍ପୋଜିୟମ୍ ଓ ଏକ୍ସପୋଜିସନ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ମାଇନିଂର ସୁକନ୍ଦା କ୍ରୋମାଇଟ୍ ଖଣିକୁ ସମ୍ମାନଜନକ ସିଆଇଆଇ ଏସ୍‌ଏଚ୍‌ଇ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ଏକ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଲାଗି ରହିଥିବା ପ୍ରତିବଦ୍ଧତା ପାଇଁ କମ୍ପାନୀ ଉପରୋକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଖଣି କ୍ଷେତ୍ରରେ ଟାଟା ଷ୍ଟିଲ୍ ମାଇନିଂକୁ ଆଞ୍ଚଳିକସ୍ତରର ବିଜେତା ଭାବେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ କମ୍ପାନୀର ସହକାରୀ ମହାପ୍ରବନ୍ଧକ (ଏସ୍‌ଏଚ୍‌ଇ) ଠାକୁର ଅଜୟ କୁମାର, ବିଶ୍ୱମ୍ଭର ନାଥ, ଡିଭିଜନାଲ ମ୍ୟାନେଜର (ପ୍ଲାଣ୍ଟ) ଶୁଭେନ୍ଦୁ ନସ୍କର ଓ ପ୍ରବନ୍ଧକ (ଖଣି) ମହମ୍ମଦ ମୁଜାହିଦ ଉକ୍ତ ପୁରସ୍କାର ଗ୍ରହଣ କରଛନ୍ତି। ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଆମ ଶ୍ରମଶକ୍ତିର ଉନ୍ନତି ସହିତ ପରିବେଶ ଉପରେ ପ୍ରଭାବ କମ୍ କରିବା ଲାଗି ଆମେ ସର୍ବଦା ପ୍ରତିବଦ୍ଧ ରହିଛୁ।

ଡାଇ-ଇଚି ଲାଇଫ୍ ସହ ରିନ୍ୟୁବାଇର ସହଭାଗିତା

ଭୁବନେଶ୍ୱର,୨୨।୮

ଦେଶର ପ୍ରମୁଖ ବୀମା କମ୍ପାନୀ ରିନ୍ୟୁବାଇ ଏବଂ ଡାଇ-ଇଚି ଲାଇଫ୍ ହୋଲ୍ଡିଂସ ଇଙ୍କ୍ ମଧ୍ୟରେ ଏକ ବାଣିଜ୍ୟିକ ସହଭାଗିତା ନିକଟରେ ହୋଇଯାଇଛି। ଉଭୟ ସଂସ୍ଥାର ମିଳିତ ସହଯୋଗରେ ପାଣ୍ଠି ସଂଗ୍ରହ ସହ କାରବାର ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଏପରିକି ଉଭୟ କମ୍ପାନୀ ଡି ଶୃଙ୍ଖଳା ପାଣ୍ଠି ରାଉଣ୍ଡରେ ୪୦ ମିଲିୟନ ଆମେରିକୀୟ ଡଲାର ପାଣ୍ଠି ସଂଗ୍ରହ ମଧ୍ୟ ପୂରା କରିଛି। ସେହିଭଳି ଅନେକ ମାର୍କୀ ନିବେଶକଙ୍କ ଆଗ୍ରହକୁ ଆକର୍ଷିତ କରୁଥିବା ଏବଂ ଖୁବ୍‌ଶୀଘ୍ର ବନ୍ଦ ହେବାକୁ ଆଶା କରାଯାଉଥିବା ଏହି ରାଉଣ୍ଡ ଉଭୟ କମ୍ପାନୀ ଜରିଆରେ ଚାଲୁଥିବା ଡି ଶୃଙ୍ଖଳା ପାଣ୍ଠି ସଂଗ୍ରହର ଏକ ଅଂଶ ବୋଲି କୁହାଯାଉଛି। ସେହିପରି ଏକ ସୁଗମ ଡିଜିଟାଲ ଅଭିଜ୍ଞତା ପ୍ରଦାନ କରିବାକୁ କମ୍ପାନୀ ୪୦ରୁ ଅଧିକ ବୀମା କମ୍ପାନୀଙ୍କ ସହ କାର୍ଯ୍ୟ କରିଥାଏ ଏବଂ ବର୍ତ୍ତମାନ କମ୍ପାନୀରେ ୫ମିଲିୟନରୁ ଅଧିକ ଗ୍ରାହକ ଅଛନ୍ତି। ଏପରିକି ୧୫୦୦ସହରରେ କମ୍ପାନୀର ବ୍ୟାପକ-ବିସ୍ତାରିତ ଫ୍ରାଞ୍ଚାଇଜ ରହିଛି। ଏ ସମ୍ପର୍କରେ ରିନ୍ୟୁବାଇର ସିଇଓ ବାଲାଚନ୍ଦର ଶେଖର କହିଥିଲେ, ବିଗତ ୭ ବର୍ଷ ମଧ୍ୟରେ କମ୍ପାନୀ ତା'ର ବୀମା ପ୍ରଦାନ କରିବାକୁ ପରାମର୍ଶଦାତାମାନଙ୍କୁ ଡିଜିଟାଲ କ୍ଷମତା ସହିତ ଅଭିଜ୍ଞ କରାଇଛି। ଏପରିକି କମ୍ପାନୀର ୭୦% ବ୍ୟବସାୟ ୩୦ରୁ ଅଧିକ ସହରରୁ ଆସୁଛି, ଅଧିକାଂଶ ବୀମା କମ୍ପାନୀ କେବଳ ଦେଶର ଶ୍ରେଷ୍ଠ ୩୦ଟି ସହର ଉପରେ ଧ୍ୟାନଦେବା ଜାରି ରଖିଛନ୍ତି। ସେହିଭଳି ଡାଇ-ଇଚି ଲାଇ ହୋଲ୍ଡିଂସ ଇଙ୍କ୍‌ର ପ୍ରତିନିଧି ନିର୍ଦ୍ଦେଶକ, ପରିଚାଳନା କାର୍ଯ୍ୟନିର୍ବାହୀ ଅଫିସର ହିତୋସି ୟାମାଗୁଚି କହିଥିଲେ, କମ୍ପାନୀର ନିରନ୍ତର ଉନ୍ନତି କରିବା ଏବଂ ଆମର ଗ୍ରାହକଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାର ନୂତନ ଉପାୟ ଖୋଜିବା ପାଇଁ ଆମେ ଆମର ଇଚ୍ଛାକୁ ରିନ୍ୟୁବାଇ ଜରିଆରେ ବିନିଯୋଗ କରି ଦର୍ଶାଉଛୁ। ଏପରିକି ଏକଦା ଅପହଞ୍ଚ ବୋଲି ଚିନ୍ତା କରାଯାଉଥିବା ସେ ଆଲୋକପାତ କରିଥିଲେ।

ବଜାରରେ ହୋଣ୍ଡାର ନ୍ୟୁ ଲିଭୋ

ଭୁବନେଶ୍ୱର,୨୨।୮

ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହୋଣ୍ଡା ନ୍ୟୁ ଲିଭୋ-୨୦୨୩'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁସୁମି ଓଟାନି କହିଛନ୍ତି, ହୋଣ୍ଡା ଲିଭୋକୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ସେଲ୍‌ସ ଓ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ଲିଭୋର ବଜାର ପ୍ରବେଶ ସମ୍ପର୍କରେ ଘୋଷଣାକରି ଆମେ ଆନନ୍ଦିତ। ଓବିଡି୨ ନିୟମ ଅନୁସାରେ ଏହାର ଶୁଭାରମ୍ଭ କରାଯାଇଥିବାରୁ ବ୍ରାଣ୍ଡର ଅଭିଳାଷକୁ

ଆମେ ଆହୁରି ବଢ଼ାଇପାରିଛୁ। ବିଶେଷକରି ଉନ୍ନତ ପ୍ରଯୁକ୍ତିକୁ ବ୍ୟବହାର କରି ୨୦୨୩ ହୋଣ୍ଡା ଲିଭୋକୁ ଉନ୍ମୋଚନ କରୁଛୁ, ଏହାର ଷ୍ଟାଇଲ, ଆରାମ ଓ ପ୍ରଦର୍ଶନ ଏକ ଉପଯୁକ୍ତ ସମ୍ମିଶ୍ରଣରେ ଏହା ପରିଣତ ହୋଇଛି, ଯାହା ଆଧୁନିକ ଯୁଗର ଚାଳକଙ୍କ ଆବଶ୍ୟକତା ପୂରଣ କରୁଛି। ସେହିପରି ନୂଆ ୨୦୨୩ ଲିଭୋରେ ୧୧୦ ସିସିର ଓବିଡି୨ ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇ ଇଞ୍ଜିନ ସହିତ ଇଏସ୍‌ପି ଓ ଟ୍ୟୁବ୍ ବିହୀନ ଟାୟାର ଆଦି ରହିଛି। ବିଶେଷକରି ଆରାମ ଦୃଷ୍ଟିରୁ ସେଥିରେ ଡିସି ହେଡ୍‌ଲ୍ୟାମ୍ପ୍, ସମନ୍ୱିତ ଇଞ୍ଜିନ ଷ୍ଟାର୍ଟ-ଷ୍ଟପ୍ ସ୍ୱିଚ୍, ଟାଙ୍କି ଓ ସିଟ୍‌ର ସମ୍ପୂର୍ଣ୍ଣ ସମନ୍ୱୟ, ଅଧିକ ଗ୍ରାଉଣ୍ଡ କ୍ଲିୟରାନ୍ସ, ୫ ସୋପାନ ଆଡଜଷ୍ଟ ହୋଇପାରୁଥିବା ପଛ ସସ୍‌ପେନ୍‌ସନ୍, ସର୍ଭିସ୍ ବିଷୟରେ ଜଣାଇବା ଲାଗି ଇଣ୍ଡିକେଟର ଓ ଇକ୍ୱିଲାଇଜର ସହିତ କମ୍ବିଂ ବ୍ରେକ୍ ବ୍ୟବସ୍ଥା ରହିଛି। ଉକ୍ତ ମଡେଲ ଆଥଲେଟିଭ୍ ବ୍ଲୁ ମେଟାଲିକ୍, ମ୍ୟାଟ୍ କ୍ରସ୍ ମେଟାଲିକ୍ ଓ କଳା ରଙ୍ଗରେ ଉପଲବ୍ଧ।

ରଣବୀର ସିଂ ଲାଭିର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨୨।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ପ୍ରିମିୟମ ବ୍ୟାଗ୍ ବ୍ରାଣ୍ଡ୍ ଲାଭି ସ୍ପୋର୍ଟ ବଲିଉଡ୍ ଅଭିନେତା ରଣବୀର ସିଂଙ୍କୁ ବ୍ରାଣ୍ଡର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ବିଶେଷକରି ବ୍ରାଣ୍ଡର ଉତ୍ପାଦଗୁଡିକ ବଜାରର ଶେଷ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାରେ ରଣବୀର ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ ବୋଲି ବ୍ରାଣ୍ଡ୍ ପକ୍ଷରୁ ଆଶା କରାଯାଉଛି। ଏପରିକି ଉତ୍ପାଦର ଠିକ୍ ପସନ୍ଦ ସହିତ ସକ୍ରିୟ ଜୀବନଶୈଳୀକୁ ବଢାଇବା ପାଇଁ ଏକ ମହତ ଅଭିଳାଷା ସହିତ ରଣବୀରଙ୍କ ସହ ଏହି ସହଭାଗିତା ଆଜିର ଶୈଳୀ-ସଚେତନ ଯୁବକଙ୍କ ଚାହିଦା ପୂରଣ କରିବା ପାଇଁ ଲାଭି ସ୍ପୋର୍ଟର ପ୍ରତିବଦ୍ଧତାକୁ ସୂଚିତ କରୁଛି। ସେହିଭଳି ଲାଭି ସ୍ପୋର୍ଟର ପରିଚୟ ଅନୁଯାୟୀ ରଣବୀର ସିଂହ ସର୍ବଦା ଫ୍ୟାଶନ ଶୈଳୀର ଏକ ଉପଯୁକ୍ତ ଭାବନା ସହ ଦର୍ଶକଙ୍କୁ ଆକର୍ଷିତ କରି ଆସୁଛନ୍ତି।

ଏ ସମ୍ପର୍କରେ ଲାଭି ଆଣ୍ଡ ଲାଭି ସ୍ପୋର୍ଟର ସିଇଓ ତଥା ପ୍ରତିଷ୍ଠାତା ଆୟୁଷ ଟେନୱାଲା କହିଛନ୍ତି, ବ୍ରାଣ୍ଡ୍‌ରେ ଆମେ ସର୍ବଦା ଉତ୍କର୍ଷ ଅନୁସରଣ କରୁଛୁ ଏବଂ ଉଚ୍ଚମାନ ସ୍ଥିର କରିବାକୁ ଲକ୍ଷ୍ୟ ରଖିଛୁ। ଏପରିକି ଆମେ ଆମର ଗ୍ରାହକଙ୍କୁ ଆକର୍ଷିତ କରୁଥିବା ସର୍ବଶେଷ ଧାରା ବଜାଇ ରଖିବା ପାଇଁ ପ୍ରୟାସ ଜାରି ରଖିଛୁ। ସେହିପରି ରଣବୀର ସିଂ ଆମ ପରିବାରରେ ଯୋଗଦେଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଅପରପକ୍ଷରେ ସୁପରଷ୍ଟାର ରଣବୀର ସିଂ କହିଛନ୍ତି, ଲାଭି ସ୍ପୋର୍ଟରେ ଯୋଗ ଦେଇ ମୁଁ ବେଶ୍ ଆନନ୍ଦିତ, ଯାହା ଏକ ଶୈଳୀ,କାର୍ଯ୍ୟକାରିତା ଏବଂ ଆରାମକୁ ନିଜ ଶୈଳୀ ଏବଂ ପସନ୍ଦରେ ମିଶ୍ରଣ କରିଥାଏ।

ଫୁଚର୍‌ସପତ୍

ଅମିତାଭ ବଚ୍ଚନ

ପୁଅଙ୍କୁ ବନ୍ଧୁ ଭାବନ୍ତି ବିଗ୍ ବି

ମୁମ୍ବାଇ: ଟିଭିର ସବୁଠାରୁ ଲୋକପ୍ରିୟ କୁଇଜ୍ ଶୋ 'କୌନ ବନେଗା କରୋଡପତି' ପୁଣି ଥରେ ଆରମ୍ଭ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ପ୍ରତିଯୋଗୀ ଉପସ୍ଥାପକ ବିଗ୍ ବି ଅମିତାଭ ବଚ୍ଚନଙ୍କ ପ୍ରଶ୍ନର ଠିକ ଉତ୍ତର ଦେଇ ଲକ୍ଷ ଲକ୍ଷ ଟଙ୍କା ଜିତୁଛନ୍ତି। ତେବେ ଶୋ'ରେ ବିଗ୍ ବି ଅନେକ କଥା ହୋଇଥାନ୍ତି। ଏହା ମଧ୍ୟରେ ବିଗ୍ ବି ପୁଅ ତଥା ଅଭିନେତା ଅଭିଷେକ ବଚ୍ଚନଙ୍କ ସହ ତାଙ୍କ ସମ୍ପର୍କ ବାବଦରେ କହିଥିଲେ। ନିକଟରେ ଶୋ'ରେ ଗୁଜରାଟରୁ ପ୍ରତିଯୋଗୀ ଭାବେ ଯୁବ ପୋଲିସ ସବ୍-ଇନ୍ସପେକ୍ଟର କୁନାଲ ସିଂ ଡୋଡିଆ ଖେଳିଥିଲେ। କୁନାଲ ଶୋ'କୁ ଆସିବା ପଛର କାରଣରେ, ସେ ଜଣେ ଦାୟିତ୍ୱବାନ ପୋଲିସ ଅଧିକାରୀ ହୋଇଥିବାବେଳେ ସେ ଘର କାମରେ ସାହାଯ୍ୟ କରୁ ନ ଥିବାରୁ ତାଙ୍କ ବାପା ତାଙ୍କୁ ଦାୟିତ୍ୱବାନ ପୁଅ ବୋଲି ଭାବନ୍ତିନି ବୋଲି କହିଥିଲେ। ଏଥିସହ ସେ ବିଗ୍ ବିଙ୍କୁ ଅଭିଷେକ୍‌ଙ୍କ ସହ ସମ୍ପର୍କ ବାବଦରେ ପଚାରିଥିଲେ। ଏହାର ଜବାବରେ, ସେ ଅଭିଷେକ୍‌ଙ୍କୁ ତାଙ୍କ ବନ୍ଧୁ ଭାବେ ବିବେଚନା କରୁଥିବା କହିଥିଲେ। ସେମାନେ ଦୁହେଁ ପରସ୍ପର ସହ ଖୋଲାଖୋଲି ଭାବେ କଥା ହୋଇଥାନ୍ତି। ଦୁହିଁଙ୍କର କୌଣସି ସମସ୍ୟା ହେଲେ ପରସ୍ପର ମଧ୍ୟରେ ଆଲୋଚନା କରୁଥିବା ବିଗ୍ ବି କହିଥିଲେ। ତେବେ ବିଗ୍ ବି ୧୯୬୯ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟ ଜରିଆରେ ପ୍ରଶଂସକଙ୍କ ମନ ଜିତିପାରିଛନ୍ତି। ତେବେ ତାଙ୍କୁ ଶେଷ ଥର ପାଇଁ ୨୦୦୮ରେ ଫିଲ୍ମ 'ସରକାର ରାଜ'ରେ ଦେଖିବାକୁ ମିଳିଥିଲା।

୬୦୦ ଫୁଟ ତଳେ ଅଜ୍ଞାତ ଦୁନିଆ

ବେଜିଂ

ଦୁନିଆରେ ଏପରି କିଛି ଜାଗା ରହିଛି, ଯାହା ବାବଦରେ ଏହି ଆଧୁନିକ ଯୁଗରେ ମଣିଷ ଏବେ ବି ବିଜ୍ଞ। ସେହି ସବୁ ଜାଗା ପ୍ରକୃତିର ଶକ୍ତିଶାଳୀ ଜାଗା ମଧ୍ୟରୁ ଗୋଟେ। ଏପରି ଏକ ପ୍ରକୃତିର ଚମତ୍କାର ଚାଇନାରେ ଦେଖିବାକୁ ମିଳିଛି। ସେଠାରେ ଏକ ଗର୍ତ୍ତ ଥିବା ଜଣାପଡିଛି ; ଯାହାର ଗଭୀର ୬୦୦ ଫୁଟରୁ ଅଧିକ। ତେବେ ସେହି ଗର୍ତ୍ତକୁ ଦେଖି ଏହା ଜଣାପଡିଛି କି, ତା' ଭିତରେ ଅନ୍ୟ ଏକ ଦୁନିଆ ରହିଛି। ରିପୋର୍ଟ ମୁତାବକ, ୬୩୦ ଫୁଟର ଏହି ଗର୍ତ୍ତରେ ବିଶାଳ ପ୍ରାଚୀନ ଜଙ୍ଗଲ ଥିବା ଜଣାପଡ଼ିଛି। ଗତବର୍ଷ ମେ'ରେ ବୈଜ୍ଞାନିକଙ୍କ ଏକ ଗୁମ୍ଫା ଅନ୍ୱେଷଣ ଟିମ୍‌କୁ ଚାଇନିଜ୍ ଜିଓପାର୍କରେ ଏକ ଭୂମିଗତ ରହସ୍ୟ ଜଣାପଡିଥିଲା। ଏହି ଗର୍ତ୍ତକୁ 'ଟିଆନକେଙ୍ଗ' ଏବଂ 'ସ୍ୱର୍ଗୀୟ ଗର୍ତ୍ତ' ବୋଲି କୁହାଯାଉଛି। ଏହା ଦକ୍ଷିଣ-ପଶ୍ଚିମ ଚାଇନାର ଜୁଆଙ୍ଗଜି ଜୁଆଙ୍ଗ ଅଟୋନମଶ ଅଞ୍ଚଳରେ ଥିବା ଲେୟେ ଫେଙ୍ଗସାନ ୟୁନେସ୍କୋ ଗ୍ଲୋବାଲ ଜିଓପାର୍କରେ ରହିଛି। ଏହି ଗୁମ୍ଫା ଦୁନିଆର ସବୁଠୁ ଲମ୍ବା ପ୍ରାକୃତିକ ପୋଲ ଭାବେ

ଜଣାଶୁଣା। ଅନୁସନ୍ଧାନକାରୀମାନେ କହିଛନ୍ତି, ଏହି ଗୁମ୍ଫାରେ ଥିବା ପ୍ରାଚୀନ ଜଙ୍ଗଲ ପୂର୍ବରୁ ଅଜ୍ଞାତ ଗଛ ଏବଂ ଜୀବଜନ୍ତୁଙ୍କ ଘର ହୋଇଥାଇପାରେ। ଚାଇନାରେ ଏପରି ଗୁମ୍ଫା ମିଳିବା ପ୍ରଥମ ନୁହେଁ। ଚାଇନା ସରକାରଙ୍କ ନ୍ୟୁଜ୍ ଏଜେନ୍ସି ମୁତାବକ, ଏଠାରେ ଆଗରୁ ୩୦ ଗୁମ୍ଫା ମିଳି ସାରିଛି। ଚାଇନା ଜିଓଲୋଜିକାଲ ସର୍ଭେର ଇନ୍‌ଷ୍ଟିଚ୍ୟୁଟ୍ ଅଫ କାର୍ଷ୍ଟ ଜିଓଲୋଜିର ବରିଷ୍ଠ ଇଞ୍ଜିନିୟର ଝାଙ୍ଗ ୟୁଆନହାଇ କହିଛନ୍ତି, ଗୁମ୍ଫାରେ ଏକ ଭଲ ସଂରକ୍ଷିତ ଜଙ୍ଗଲ ରହିଛି। ତା' ଭିତରେ ଆଉ ୩ ଗୁମ୍ଫା ରହିଛି। ଗୁମ୍ଫାର ଦୈର୍ଘ୍ୟ ୩୦୩ ମିଟର, ପ୍ରସ୍ଥ ୧୫୦ ମିଟର ଏବଂ ଗଭୀର ୧୯୨ ମିଟର। ଏହା ୫ ମିଲିୟନ କ୍ୟୁବିକ୍ ଅଞ୍ଚଳରେ ପରିବ୍ୟାପ୍ତ। ଏହାକୁ ସବୁଠୁ ବଡ଼ ଗୁମ୍ଫା ଭାବେ ବର୍ଗୀକରଣ କରାଯାଇପାରିବ। ରିପୋର୍ଟ ମୁତାବକ, ଗୁମ୍ଫାରେ ଥିବା ଗଛର ଉଚ୍ଚତା ୪୦ ମିଟର। ଏହି ଗର୍ତ୍ତ କାରଣରୁ ତଳେ ଜଙ୍ଗଲ ବୃଦ୍ଧି ହେବା ସ୍ୱାଭାବିକ।

ମେଶିନ ସାହାଯ୍ୟରେ ଚୁଟିକଟା

ୱାଶିଂଟନ

ଭଲ ପୋଷାକ ପିନ୍ଧିବା ସହ ଭଲ ବେଶଭୂଷାରେ ରହିବାକୁ ସମସ୍ତେ ପସନ୍ଦ କରନ୍ତି। ସେଥିପାଇଁ ଅନେକେ ପାର୍ଲର ଯାଇ ସେଠାରେ ନିଜ ଚୁଟିକୁ ମଧ୍ୟ ବିଭିନ୍ନ ଷ୍ଟାଇଲରେ କାଟିଥାନ୍ତି। ହେଲେ ନିକଟରେ ଜଣେ ବ୍ୟକ୍ତି ନିଜ ପାଇଁ ଏକ ବିଶେଷ ପ୍ରକାରର ମେଶିନ ପ୍ରସ୍ତୁତ କରିଛନ୍ତି ; ଯେଉଁଥିରେ ସେ ଘରେ ହିଁ ନିଜ ଚୁଟି କାଟୁଛନ୍ତି। ସେ ଏହାର

ପ୍ରଧାନଶିକ୍ଷକ, ୩ ସହକାରୀ ଶିକ୍ଷକ ନିଲମ୍ବିତ

ସ୍କୁଲ ସମୟରେ ତୃତୀୟ ଶ୍ରେଣୀ ଛାତ୍ର ପାଣିରେ ବୁଡ଼ି ମୃତ୍ୟୁ ଘଟଣା

୪ ଶିକ୍ଷକ ସ୍କୁଲ୍‌କୁ ଡେପୁଟେଶନରେ ଆସିଲେ

ଖଡ଼ିଆଳ/ବୋଡେନ,୨୨।୮
(ସୁଜିତ କୁମାର ପ୍ରଧାନ/ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ବୁଢ଼ାପଡ଼ା ଅପ୍‌ଗ୍ରେଡ ହାଇସ୍କୁଲର ତୃତୀୟ ଶ୍ରେଣୀଛାତ୍ର କେଶବ ଜଗତ(୯)ର ସୋମବାର ମଧ୍ୟାହ୍ନଭୋଜନ ବିରତିରେ କ୍ୟାମ୍ପସ ବାହାର ନାଳରେ ବୁଡ଼ି ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜିଲା ଶିକ୍ଷା ବିଭାଗ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଦାୟିତ୍ୱରେ ଅବହେଳା କାରଣରୁ ଜଣେ ଛାତ୍ରର ଜୀବନ ଗଲା ବୋଲି ଅଭିହିତ କରି ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଯୋଶୀ ଓ ଅନ୍ୟ ୩ଜଣ ସହକାରୀ ଶିକ୍ଷକ କିଶୋର ସାହୁ, ହିଙ୍ଗୁଳା ମାଝି ଏବଂ ଲୋଚନ ବେହେରାଙ୍କୁ ମଙ୍ଗଳବାର ନିଲମ୍ବିତ କରିଛନ୍ତି। ଏଥିସହ ୪ଜଣ ଶିକ୍ଷକଙ୍କୁ ଏହି ସ୍କୁଲରେ ଡେପୁଟେଶନରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ମଙ୍ଗଳବାର ବ୍ୟବଚ୍ଛେଦ ପରେ ଛାତ୍ରଙ୍କ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେବଳ ନିଲମ୍ବନ ନୁହେଁ, ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଶିକ୍ଷକମାନଙ୍କୁ କଠୋର ଦଣ୍ଡ ସହ ମୃତ ଛାତ୍ରଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁସାରେ ବୁଢ଼ାପଡ଼ା ଅପ୍‌ଗ୍ରେଡ ହାଇସ୍କୁଲ କ୍ୟାମ୍ପସରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ରହିଛି। ସୋମବାର ଏହି ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ର ତଥା ବୁଢ଼ାପଡ଼ାର ଜଗତ ମଧ୍ୟାହ୍ନଭୋଜନ ସମୟରେ ଅନ୍ୟ କେତେଜଣ ସାଥୀଙ୍କ ସହ କ୍ୟାମ୍ପସ୍ ବାହାରେ ଥିବା ନାଳ ପାଖକୁ ଚାଲି ଯାଇଥିଲେ। ସେଠାରେ ଗାଧୋଉଥିବା ବେଳେ ଜଗତ ପାଣିରେ ବୁଡିଯିବାରୁ ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ମୃତ ଛାତ୍ରଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ଗ୍ରାମର ବହୁ ଲୋକ ସ୍କୁଲ ସମ୍ମୁଖକୁ ଆସି ପାଟିତୁଣ୍ଡ କରିଥିଲେ। ଦାୟିତ୍ୱରେ ଅବହେଳା ଅଭିଯୋଗ କରି ସେମାନେ ସ୍କୁଲର ୪ଜଣ ଶିକ୍ଷକଙ୍କୁ ତାଲା ପକାଇ ଦେଇଥିଲେ। ଶିକ୍ଷକଙ୍କ ନିଲମ୍ବନ, ପର୍ଯ୍ୟାପ୍ତ କ୍ଷତିପୂରଣ ଏବଂ ମୃତ ଛାତ୍ରଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦାବି କରି ଉତ୍ତେଜିତ ଲୋକେ ନାରାବାଜି କରିଥିଲେ। ଖବର ପାଇ ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଖଡିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ଓ ବୋଡ଼େନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ବନ୍ଦ କୋଠରିରୁ ଶିକ୍ଷକମାନଙ୍କୁ ପୋଲିସ ଉଦ୍ଧାର କରିଥିଲା। ମଙ୍ଗଳବାର ସିଆର୍‌ପିସି ନବବସନ୍ତ ଯୋଶୀ ସ୍କୁଲକୁ ଆସି ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ଏହାପରେ ଶିକ୍ଷାଧିକାରୀ ଏହି ପଦକ୍ଷେପ ନେଇଛନ୍ତି।

ପୋଲିସ-ମାଓବାଦୀ ଗୁଳି ବିନିମୟ, ଜଣେ ମାଓବାଦୀ ନିହତ

ମାଲକାନଗିରି, ୨୨।୮
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଅଞ୍ଚଳରେ ମଙ୍ଗଳବାର ପୋଲିସ-ମାଓବାଦୀ ଗୁଳି ବିନିୟମ ହୋଇଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ଜଣାପଡିଛି, ନାରାୟଣପୁରର ଭଟବେଡ଼ା ଜଙ୍ଗଲରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଚାଲିଥିଲା। ତେବେ ଏହି ସମୟରେ ଜଙ୍ଗଲରେ ପୋଲିସ ଟିମ୍‌କୁ ଦେଖି ମାଓବାଦୀମାନେ ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଫଳରେ ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଲୁଚି ପଳାଇଥିଲେ। ପରେ ପୋଲିସ ଆଖପାଖ ଅଞ୍ଚଳ ତଲାସୀ ବେଳେ ଜଣେ ମାଓବାଦୀଙ୍କ ମୃତଦେହ ପାଇଥିଲା। ଏଥିସହ ଦୁଇଟି ବନ୍ଧୁକ ସମେତ ବହୁ ମାଓବାଦୀ ବ୍ୟବହୃତ ସାମଗ୍ରୀ ପୋଲିସ ଜବତ କରିଛି। ଏହି ଗୁଳି ବିନିମୟରେ ଅନେକ ମାଓବାଦୀ ଆହତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଖବର ଲେଖାହେବା ଯାଏ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।

ପାଠକ ବାପ, ପୁଅଙ୍କ ବିରୋଧରେ ୫ହଜାର ପୃଷ୍ଠାର ଚାର୍ଜଶିଟ୍

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ଭୁବନେଶ୍ୱର,୨୨।୮
(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଓ ପୁଅ ଆକାଶ ପାଠକଙ୍କ ବିରୋଧରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଭିଜିଲାନ୍ସ ପକ୍ଷରୁ ୫ ହଜାର ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରାଯାଇଛି। ଅଭିଯୁକ୍ତ ବାପ, ପୁଅଙ୍କଠାରୁ ୧୪ କୋଟି ୨୫ ଲକ୍ଷ ୪୬ ହଜାର ୯୦୧ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିବା ସୂଚନା ଦେଇଛି। ତେବେ ଏହି ଚାର୍ଜଶିଟ୍ ଦାଖଲ ହୋଇଥିବାବେଳେ ପରବର୍ତ୍ତୀ ସମୟରେ କୋର୍ଟ ଅଭିଯୁକ୍ତଦ୍ୱୟଙ୍କ ନାମରେ ଚାର୍ଜଫ୍ରେମ୍ କରିବେ। ଏହାପରେ ଏହି ମାମଲାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ।

ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୨୦ ନଭେମ୍ବର ୨୫ରେ ଭିଜିଲାନ୍ସ ପକ୍ଷରୁ ଅଭୟକାନ୍ତଙ୍କ ଘର, କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଓଡ଼ିଶାର ୭, ବିହାରର ୨, ମୁମ୍ବାଇ ଓ ପୁଣେର ୬ ଏବଂ ରାଜସ୍ଥାନର ଗୋଟିଏ ସ୍ଥାନ ସମେତ ମୋଟ ୧୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ରାଜ୍ୟ ଭିଜିଲାନ୍ସର ୧୫୦ରୁ ଊର୍ଦ୍ଧ୍ୱ ଅଫିସର ନିୟୋଜିତ ହୋଇଥିଲେ। ଯାଞ୍ଚରୁ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ସୁନା ଅଳଙ୍କାର, ବ୍ୟାଙ୍କ ଜମା ସମେତ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଏପରିକି ବାପ ଓ ପୁଅଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୧୦ କୋଟିର ଜମା ଓ ୫ କୋଟିର ଟ୍ରାନ୍ସଫର୍ ଅର୍ଥରାଶି ସମ୍ପର୍କରେ ଭିଜିଲାନ୍ସ ଟିମ୍ ତଥ୍ୟ ପାଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୬/୨୦୨୦) ରୁଜୁ କରାଯାଇ ଅଭୟକାନ୍ତ ଏବଂ ପୁଅ ଆକାଶଙ୍କୁ ଗିରଫ କରାଯାଇଥିଲା। ଘଟଣାର ଅଧିକ ତଦନ୍ତ ପାଇଁ ୨୦ ଜଣିଆ ସଦସ୍ୟଙ୍କୁ ନେଇ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍ (ଏସ୍‌ଆଇଟି) ମଧ୍ୟ ଗଠନ ହୋଇଥିଲା। ପରେ ଉଭୟ ବାପ-ପୁଅଙ୍କୁ ଭିଜିଲାନ୍ସ ଟିମ୍ ରିମାଣ୍ଡରେ ଆଣି ବହୁ ତଥ୍ୟ ହାସଲ କରିଥିଲା। ତେବେ ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଉକ୍ତ ବର୍ଷ ଡିସେମ୍ବର ୧୭ରେ ଅଭୟକାନ୍ତଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଅପରପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ମାମଲାର ବେଆଇନ ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ଇଡି ପକ୍ଷରୁ ଗତ ସପ୍ତାହରେ ଅଭୟକାନ୍ତ ଓ ଆକାଶଙ୍କ ବିରୋଧରେ ୩୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ ହୋଇଥିବା ସୂଚନା ମିଳିଛି।

ଆଳତି ଦର୍ଶନ ବେଳେ ଢଳିପଡ଼ିଲେ ମହିଳା ଭକ୍ତ

ମନ୍ଦିର ପରିସରରେ ମୃତ ସରସ୍ୱତୀ ବେହେରାଙ୍କ ନିକଟରେ ପରିବାର ଲୋକେ।

ଘଟଗାଁ ତାରିଣୀ ମନ୍ଦିର

ଘଟଗାଁ,୨୨।୮
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ପୂଜା ପାଇଁ ୧୦୮ ନଡ଼ିଆ ନେଇ ଆଳତି ଦର୍ଶନ କରିବା ସମୟରେ ଜଣେ ମହିଳା ଭକ୍ତଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ପୁଣ୍ୟ କାର୍ଯ୍ୟ କରିଥିବାରୁ ମା'ଙ୍କ ପ୍ରିୟ ମଙ୍ଗଳବାରରେ ଆଳତି ଦର୍ଶନ ବେଳେ ମା'ଙ୍କ ଚରଣ ତଳେ ତାଙ୍କର ଜୀବନ ଗଲା ବୋଲି ଅନେକ ଶ୍ରଦ୍ଧାଳୁ କହିଛନ୍ତି। ମୃତା ମହିଳା ହେଲେ ସରସ୍ୱତୀ ବେହେରା(୭୮)। ତାଙ୍କ ଘର ଭୁବନେଶ୍ୱର ପଚିଆ ଅଞ୍ଚଳରେ।

ସୂଚନା ଅନୁଯାୟୀ, ସରସ୍ୱତୀ ତାଙ୍କ ଝିଅ ଓ ନାତୁଣୀନାତିଙ୍କ ସହ ସୋମବାର ରାତିରେ ମାନସିକ ପୂଜା ପାଇଁ ଘଟଗାଁ ଆସିଥିଲେ। ସକାଳୁ ସ୍ନାନ ଶୌଚ ସାରି ୧୦୮ ନଡ଼ିଆ ଓ ଭୋଗ ସାମଗ୍ରୀ ଧରି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ତେବେ ଆଳତି ଚାଲିଥିବା ବେଳେ ସରସ୍ୱତୀ ହଠାତ୍ ବସିଥିବା ଅବସ୍ଥାରେ ଢଳି ପଡ଼ିଥିଲେ। ମନ୍ଦିର ପୂଜକ ପାଦୁକ ପାଣି ଆଣି ତାଙ୍କ ଉପରେ ଛିଞ୍ଚି ଦେଇଥିଲେ। ପରେ ମନ୍ଦିର କର୍ମଚାରୀ, ସୁରକ୍ଷା କର୍ମୀ ଓ ପରିବାର ଲୋକେ ତାଙ୍କୁ ଏକ ଅଟୋ ଯୋଗେ ଘଟଗାଁ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ପୂର୍ବତନ ସରପଞ୍ଚଙ୍କୁ ଅପହରଣ କରି ମାଡ଼ ମାରିଲେ ମାଓବାଦୀ

ମାଲକାନଗିରି, ୨୨।୮
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଅଞ୍ଚଳରେ ଜଣେ ପୂର୍ବତନ ସରପଞ୍ଚଙ୍କୁ ମଙ୍ଗଳବାର ମାଓବାଦୀମାନେ ଅପହରଣ କରି ନିସ୍ତୁକ ମାଡ଼ ମାରିବା ସହ ଗୁରୁତର ଅବସ୍ଥାରେ ଛାଡିଦେଇଛନ୍ତି। ଖବରରୁ ଜଣାପଡିଛି, ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ତଥା ପୂର୍ବତନ ସରପଞ୍ଚ ମହେଶ ଗୋଟାଙ୍କ ସମେତ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଚିକଟରାଜ ଅଞ୍ଚଳରୁ ମାଓବାଦୀମାନେ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ପରେ ଜଙ୍ଗଲରେ ମାଓବାଦୀମାନେ ମହେଶଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଛାଡ଼ି ଦେଇଥିଲେ। ମହେଶଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗୁରୁତର ଅବସ୍ଥାରେ ସୋମାନପଲ୍ଲୀ ନିକଟରେ ଛାଡ଼ି ଦେଇଥିଲେ। ସେଠାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମହେଶଙ୍କ ଚିକିତ୍ସା ଜାରି ରହିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

୨୧ ଜନଜାତି ଭାଷାର ଅତିରିକ୍ତ ପଠନ ପୁସ୍ତିକା ପ୍ରସ୍ତୁତ

ଭୁବନେଶ୍ୱର, ୨୨।୮
(ଅସମାପିକା ସାହୁ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରଙ୍କୁ ମାତୃଭାଷାରେ ଶିକ୍ଷାଦାନ ପାଇଁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭାଗ ତରଫରୁ ପ୍ରଥମରୁ ତୃତୀୟ ଶ୍ରେଣୀ ପାଇଁ ୨୧ଟି ଜନଜାତି ଭାଷାରେ ପ୍ରସ୍ତୁତ ଅତିରିକ୍ତ ପଠନ ପୁସ୍ତିକା ପ୍ରସ୍ତୁତ ହୋଇସାରିଛି। ଏହା ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଖକୁ ପଠାଯିବ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ କହିଛନ୍ତି। ମାତୃଭାଷାରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା କୌଶଳ ଉପରେ ଚାରିଦିନିଆ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସଚିବ ସାହୁ ଅନୁସୂଚିତ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ବହୁଭାଷୀ ଶିକ୍ଷଣ ସଂକ୍ରାନ୍ତ ବିଶେଷ ତାଲିମ ପ୍ରଦାନ କରାଯିବା ସହ ଶିକ୍ଷକ ସାଥି ପୁସ୍ତିକା ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲାସ୍ତରରେ ବହୁଭାଷୀ ଶିକ୍ଷଣ ପ୍ରୟୋଗଶାଳା ପ୍ରତିଷ୍ଠା, ମାତୃଭାଷା ଆଧାରିତ ଡିଜିଟାଲ ଶିକ୍ଷଣ ସାମଗ୍ରୀ, ମାତୃଭାଷା ଆଧାରିତ ଅତିରିକ୍ତ ପଠନ ପୁସ୍ତିକା ପ୍ରସ୍ତୁତ ସହ ମାତୃଭାଷାକୁ ଶିକ୍ଷାଦାନର ମାଧ୍ୟମ କରାଇବାରେ ପ୍ରାଥମିକ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଓ ପର୍ଯ୍ୟାପ୍ତ ତାଲିମ ଦେବା ଉପରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀକୁ ସଚିବ ପରାମର୍ଶ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶାର ଅବିଭକ୍ତ କୋରାପୁଟ, ଅବିଭକ୍ତ ଗଞ୍ଜାମ, କନ୍ଧମାଳ ଜିଲାରୁ ୩୦ଜଣ ରିସୋର୍ସ ଟିଚର ଯୋଗଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ ଏବଂ ଉପନିର୍ଦ୍ଦେଶକ ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ।

ODISHA PUBLIC SERVICE COMMISSION

NOTICE

No. 6593 /PSC, Dt.21.8.23
(1E-03-2023/24) DR - II)

Corrigendum to Advertisement No. 13 of 2023-24 for recruitment to the posts of Junior Assistants in the Office of the Odisha Public Service Commission

No.D-112:- It is for information of all concerned that, under the title 'Age" in para-3, sub-para(2) of the said advertisement, the word Ex-Servicemen is hereby deleted and the following lines are inserted at the end of the sub-para:

"Every Ex-Servicemen who has put in not less than six months continuous service in Armed Forces of the Union shall be allowed to deduct the period of such service from his actual age and if the resultant age does not exceed the maximum age-limit prescribed for the post or service for which he seeks appointment shall be deemed to satisfy the conditions regarding age-limit."

Moreover, the last date of submission of online application has been extended to 08.09.2023.

The all-other aspects of the advertisement for the said recruitment will remain unchanged.

The concerned candidates are advised to visit the website of the Commission atwww.opsc.gov.in

OIPR-12002/11/0083/2324 **Sd./- Secretary**

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST: KALAHANDI-766026, Odisha, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd.Office OSPH & W.C. Building, Vanivihar Chhak, Janpath,Bhoinagar,Bhubaneswar- 751022
Tel:91-0674-2542983, 2542802, 2545526, 2542826, Fax:2542102, E-mail:ohpc.co@gmail.com/ md@ohpcltd.com
WEB: www.ohpcltd.com, CIN: U40101OR1995SGC003963
OHPC ISO 9001-14001 18001 Certified

NOTICE INVITING TENDER NO.UIHEP-30/2023-24, DATED:21.08.2023

No.CAD-1779: Tenders are invited in sealed envelopes from the registered travel agencies/vehicle owners for providing services as mentioned below.

Description of Materials/ Services	Cost of tender paper (Non-refundable) in Rs.	EMD in shape of DD/Banker's Cheque only (Refundable) in Rs.	Period of Sale/ download of tender document	Last date & time of receipt of tender	Date & Time of opening of Techno commercial Bid
Hiring of a light vehicle i.e. (Bolero/ Sumo Gold/ TUV 300/ Maruti Ertiga) for General Duty of UIHEP, Mukhiguda for (04) Four Years.	7,080/- (Inclusive of GST)	32,200/-	From 28.08.2023 to 08.09.2023 upto 13.00 Hrs.	08.09.2023 (upto 13:00 Hrs)	08.09.2023 at 16:30 Hrs.

For details of the tender documents, terms and conditions please visit our website **www.ohpcltd.com**
OIPR-04008/11/0038/2324 **Sd./- C&P Head, UIHEP, Mukhiguda**

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK
Letter No.2822, Dt.19.08.2023
1st CORRIGENDUM TO TENDER CALL NOTICE NO. Tender On Line RWC 17/2023 invited by Chief Construction Engineer, Rural Works Circle, Cuttack

No.O-710:1.The Date and time of availability of tender, seeking tender clarification, opening of technical bid & Financial bid of Bid Identification N.Tender On Line RWC- 17/2023 called for Road works are hereby modified and may be read as follows.

Clause No-06 of NIT modified below:-

Sl.No	Items	As per TCN	As per 1st corrigendum
1	2	3	4
1.	Availability of Tender on-line for bidding	From 14.08.2023 at 11. 30 A.M to 28.08.2023 up to 5.00 P.M.	From 24.08.2023 at 1 1.30 A.M to 07.09.2023 up to 5.30 P.M.
2	Last date & time of seeking tender clarification	25.08.2023 up to 2.00 P.M.	05.09.2023 up to 2.00 P.M.
3	Date & Time of opening of tender (Technical Bid)	28.08.2023 at 11.00A.M.	07.09.2023 at 5.30 P.M.
4	Date & Time of opening of Tender(Financia) Bid)	Will be intimated later on to the Successful Bidders.	Will be intimated later on to the Successful Bidders.

All other terms and conditions of the NIT will remain unaltered.

Sd./- Chief Construction Engineer
Rural Works Circle, Cuttack
OIPR-25097/11/0019/2324

TENDER CALL NOTICE
OFFICE OF THE DIRECTOR, TEXT BOOK PRODUCTION & MARKETING
KHARVEL NAGER, UNIT-III, BHUBANESWAR-751001.
No.n-162: TEL. NO.0674-2380871/72
E.MAIL-directortbpmodisha@gmail.com
Letter No. 7714/TBPM. Dated. 21.08 .2023

01.Description of tender: Sale of (A) Regular Waste Papers.
(B) Rejected Formats.
(C) Bare reel Core (84 cm size)
02. Date, Time of availability of tender document.
Start Date & Time: 23.08.2023 10.00AM.
Closing Date & Time: 12.09.2023 05.30PM.
03. Name and address of the O.I.T.: O/o the Director, Text Book Production & Marketing, KharavelNagar, Unit-III, Bhubaneswar-751001.
Subsequent corrigendum/ Addendum and cancellation if any will be hosted on School & Mass Education Department website. The Director, TBPM reserves the right to accept or reject (Fully/Partly) tender without assigning any reason thereof.

Sd/- DIRECTOR,
TEXT BOOK PRODUCTION & MARKETING,
BHUBANESWAR-1
OIPR-02005/11/0010/2324

OFFICE OF THE BALASORE MUNICIPALITY, BALASORE
No. 6536 Date: 18.08.2023
E-Procurement Notice
BID Identification No. BM_06_2023_24

No. C-1126:- Bid documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1.	Name of the Work	:	Civil Const. works as mentioned in DTCN
2.	No. of works	:	35 Nos.
3.	Estimated Cost	:	As per Work List
4.	Period of Completion	:	As per DTCN
5.	Date and Time of Bidding	:	19.08.2023 to 28.08.2023
6.	Last date and time for receipt	:	28.08.2023 upto 5.00 PM
7.	Bids received online shall be opened on	:	29.08.2023 from 11.00 AM onwards
8.	Name and address of the Officer Inviting Bid	:	Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app. **Sd./- Executive Officer, Balasore Municipality**
OIPR-13154/11/0025/2324

OFFICE OF THE MUNICIPAL COUNCIL, GUNUPUR No.C-1120:
No.2433/23, Dt.19.08.23
NOTICE INVITING TENDER

Gunupur Municipality invites tender in sealed cover (02 envelope system) from the experienced,competent,eligible,registered,Firms/ Consultancy/Jointventure/Consortium/Associations for the work : "Conducting Drone Survey, Hydrographic Survey for "Rejuvenation of Water bodies" under Jurisdiction of Gunupur Municipality having Valid GST,PAN card, Firm Registration Certificate. The prescribed bid documents /related terms & condition shall be available at Gunupur Municipality office on payment of Rs.600/- from 19.08.2023 to 29.08.2023 during the office hour and can be downloaded from following websites i.e **www.rayagada.nic.in.** and **www.gunupurmunicipality.com** from 19.08.2023 to 29.08.2023. Bidders shall furnish the paper cost in shape of Demand Draft for an amount of Rs.600/- of any nationalized bank/Scheduled Commercial bank in favour of Executive Officer, Gunupur Municipality payable at Gunupur . Sealed Tenders should reach to the office of the undersigned before 5.00 PM on 31.08.2023 by Regd. Post/Speed post / by hand. Which will be opened on 01.09.2023 in the office of the Municipal Council in the presence of the bidders or their authorized representatives in any at the time. The authority reserves the right to accept or reject any or all the tenders without assigning any reason thereof.

Sd./- Executive Officer, Gunupur Municipality
OIPR-13104/11/0012/2324

OFFICE OF ZILLA PARISHAD, KHORDHA
Tel No.: 06755-221800 (O); E-mail: ori-dkhurda@nic.in
Tender call notice No. 3504 **Dt. 21.08.2023**

**Invitation of tender for supply, installation and commissioning of 24 watt LED semi integrated Solar Street Lights along with Comprehensive Maintenance for five (5) Years at different rural and urban areas of Khordha district of Odisha out of MPLADs f

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରବି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

କେସିଆର୍‌ଙ୍କୁ ଉଚିତ ଜବାବ ଦେବେ ଭୋଟର: ଜାଭଡେକର

ତେଲଙ୍ଗାନା ବିଧାନସଭା ନିର୍ବାଚନ

ହାଇଦ୍ରାବାଦ,୨୨।୮ : ଭାଜପା ନେତା ପ୍ରକାଶ ଜାଭଡେକର ମଙ୍ଗଳବାର କହିଛନ୍ତି ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ବିଆରଏସ୍ ସୁପ୍ରିମୋ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଘୋଷଣା କରିଥିବା ପ୍ରାର୍ଥୀଙ୍କ ତାଲିକା ପରାଜୟର ଆଗୁଆ ସୂଚନା। ବିଆରଏସ୍ ସରକାର ଏବଂ ବିଧାୟକଙ୍କ ଦ୍ୱାରା ରାଜ୍ୟରେ ହୋଇଥିବା ଲୁଣ୍ଠନ ନେଇ ଭୋଟରମାନେ ଉଚିତ ଶିକ୍ଷା ଦେବେ ବୋଲି ସେ କହିଛନ୍ତି।

ଦଳ ଛାଡ଼ିବେନି ଆମ ବିଧାୟକ: କୁମାରସ୍ୱାମୀ

କଂଗ୍ରେସରେ ୧୨ ଜେଡିଏସ୍ ବିଧାୟକ ସାମିଲ ନେଇ ଚର୍ଚ୍ଚା

ବେଙ୍ଗାଲୁରୁ,୨୨।୮: ୨୦୨୪ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି କର୍ନାଟକ କଂଗ୍ରେସ ଜନତା ଦଳ ଧର୍ମନିରପେକ୍ଷ (ଜେଡିଏସ୍)ର ୧୨ ବିଧାୟକଙ୍କ ସହ ଯୋଗାଯୋଗରେ ଅଛି ଏବଂ ସେମାନଙ୍କୁ ଦଳକୁ ଆଣିବାକୁ ଯୋଜନା କରୁଥିବା ନେଇ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ରାଜ୍ୟରାଜନୀତି ସରଗରମ ହୋଇଛି। ଅପରପକ୍ଷେ ଏ ସମ୍ପର୍କରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ୍ ନେତା

ଏଚ୍‌ଡି କୁମାରସ୍ୱାମୀ

ଏଚ୍‌ଡି କୁମାରସ୍ୱାମୀ କହିଛନ୍ତି କୌଣସି ଜେଡିଏସ୍ ବିଧାୟକ କଂଗ୍ରେସରେ ଯୋଗଦେବେ ନାହିଁ। କଂଗ୍ରେସ ଭାଜପା ଓ ଜେଡିଏସ୍ କର୍ମୀଙ୍କୁ ଧମକ ଦେଉଛି ଏବଂ ସେମାନଙ୍କୁ ନିଜ ପଟକୁ ନେବାକୁ ଚେଷ୍ଟା କରୁଛି। ମୋତେ ଯାହା ଜଣାଅଛି କୌଣସି ବିଧାୟକ ଆମ ଦଳ ଛାଡିବେ ନାହିଁ। ନିଜର ବିଫଳତାକୁ ଲୁଚାଇବା ପାଇଁ କଂଗ୍ରେସ ଏଭଳି କାହାଣୀ ପ୍ରଚାର କରୁଛି। ସେମାନଙ୍କର ବିଫଳତା ଯୋଗୁ ପ୍ରାୟ ୨୦-୩୦ କଂଗ୍ରେସ ବିଧାୟକ କଂଗ୍ରେସ ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି। ଏହାକୁ ଲୁଚାଇ ସାଧାରଣ ଲୋକଙ୍କୁ ଭ୍ରମିତ କରିବା ଲାଗି ଏଭଳି କାର୍ଯ୍ୟ କରାଯାଉଛି। ଭାଜପା ବିଧାୟକ ଏସ୍.ଟି ସୋମଶେଖର କଂଗ୍ରେସରେ ଯୋଗ ଦେବା ନେଇ କଳ୍ପନାଜଳ୍ପନା ମଧ୍ୟରେ କୁମାରସ୍ୱାମୀ ଯଶୱନ୍ତପୁର ନିର୍ବାଚନମଣ୍ଡଳୀରେ ଦଳର କର୍ମୀଙ୍କ ସହ ଏକ ବୈଠକ କରି ସେମାନଙ୍କୁ ଉପନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଛନ୍ତି।

ବିଜେଡି ସରକାର ଓଡ଼ିଶାକୁ ପଛକୁ ଠେଲି ଦେଇଛି: କଂଗ୍ରେସ

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ରାଜ୍ୟର ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଜନସଂଖ୍ୟା ଆନୁପାତିକ ଭାବେ ସର୍ବାଧିକ ରହିଛି। ଏହି ବର୍ଗର ଲୋକଙ୍କ ମଧ୍ୟରେ ନେତୃତ୍ୱର ବିକାଶ ନ ହେବା ପର୍ଯ୍ୟନ୍ତ ରାଜ୍ୟର ବିକାଶ ଅସମ୍ଭବ। ଦୀର୍ଘ ୨୩ ବର୍ଷର ବିଜେଡି ସରକାର ଓଡ଼ିଶାକୁ ସବୁକ୍ଷେତ୍ରରେ ପଛକୁ ଠେଲି ଦେଇଛି। ଓଡ଼ିଶା ଏବେ ସବୁଠୁ ଦରିଦ୍ର ରାଜ୍ୟ ଭାବେ ପରିଗଣିତ ହେଉଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଲକ୍ଷ ଲକ୍ଷ ଲୋକ ଦାଦନ ଖଟିବାକୁ ରାଜ୍ୟ ବାହାରକୁଯାଉଛନ୍ତି। ଆଦିବାସୀ ଓ ଦଳିତଙ୍କ ଉପରେ ଅତ୍ୟାଚାର ବଢ଼ିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଜନସାଧାରଣଙ୍କୁ ଲଲିପପ୍ ଧରାଇବାରେ ବ୍ୟସ୍ତ। କେନ୍ଦ୍ର ସରକାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଗୋଟିଏ ବି ଏଯାଏଁ ପାଳନ ହୋଇପାରିଲା ନାହିଁ। କଂଗ୍ରେସ ଆଗାମୀ ଦିନରେ ଓଡ଼ିଶାର ବିକାଶର ସୂତ୍ରଧର ହେବ। ଆସନ୍ତା ସେପ୍ଟେମ୍ବର ୧୫ରୁ ନେତୃତ୍ୱ ବିକାଶ ମିଶନ ତୃଣମୂଳସ୍ତରରେ ତା'ର କାର୍ଯ୍ୟକ୍ରମ ଆରମ୍ଭ କରି ଓଡ଼ିଶାର ଘରେ ଘରେ ପହଞ୍ଚିବ ବୋଲି ସେ କହିଛନ୍ତି। ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଏସ୍‌ସି,ଏସ୍‌ଟି,ଓବିସି ଓ ସଂଖ୍ୟାଲଘୁ ବିଭାଗର ଜାତୀୟ ସଂଯୋଜକ କେ.ରାଜୁ କହିଛନ୍ତି, ଗତ ୨ ଦିନ ଧରି ରାଜ୍ୟର ଉକ୍ତ ବର୍ଗର ନେତୃବୃନ୍ଦଙ୍କୁ ନେଇ ବୈଠକ ବସିଥିଲା। କିଭଳି ଜିଲାରୁ ଆରମ୍ଭ କରି ବୁଥସ୍ତର ପର୍ଯ୍ୟନ୍ତ ସବୁଠି ନେତୃତ୍ୱ ବିକାଶ ମିଶନକୁ କାର୍ଯ୍ୟକାରୀ କରାଯିବ ସେନେଇ ଆଲୋଚନା ହୋଇଛି। ଓଡ଼ିଶାର ପ୍ରତ୍ୟେକ ଜିଲାରେ ଏହି ବର୍ଗର ନେତୃବର୍ଗଙ୍କୁ ଚିହ୍ନଟ ସହିତ ନେତୃତ୍ୱ ନେବାରେ ସେମାନଙ୍କ ଦକ୍ଷତାକୁ ବିକାଶ କରାଯିବ। ସେଥିପାଇଁ ବ୍ଲକ, ବିଧାନସଭା, ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ଟ୍ରେନିଂ କାର୍ଯ୍ୟକ୍ରମ ହେବ।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ସେପ୍ଟେମ୍ବର୧୫ରୁ ନେତୃତ୍ୱ ବିକାଶ ମିଶନ ତୃଣମୂଳସ୍ତରରେ କାର୍ଯ୍ୟକ୍ରମ କରିବ

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

For Single Day		For 7 Days		For 15 Days		For 30 days	
6x4	12x4	6x4	12x4	6x4	12x4	6x4	12x4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

GST 5%
for Booking Contact:
0674-2580385
8637280816,
7894447167, 9338226625

ଜନ୍ମଦିନ ଶୁଭେଚ୍ଛା

ପ୍ରିୟ ରବି ଭାଇ
ଆଜି ଜନ୍ମ ଦିନରେ ଆପଣଙ୍କୁ ଆମର ଅନେକ ଶୁଭେଚ୍ଛା।
-:ଶୁଭେଚ୍ଛା ସହ:-
ରବି ଭାଇଙ୍କୁ ଭଲ ପାଉଥିବା ଓକିଲ ବନ୍ଧୁମାନେ ଓ ମହକିଲ ବାବୁମାନେ ।
ଧ-୭୪୫୭୮

ଜନ୍ମଦିନ ଶୁଭେଚ୍ଛା

ସାର୍, ଆପଣଙ୍କ ଦ୍ୱାରା ୧୯୯୩ ମସିହାରେ ଓଡ଼ିଆ Film & TV Industrialରେ ଆମ୍ଭେ ତାଲିମ ଗ୍ରହଣ କରି ଆମ୍ଭେମାନେ ଆଜି ଅଭିନୟ, ନିର୍ଦ୍ଦେଶନା, କ୍ୟାମେରାମ୍ୟାନ ଭାବରେ ପ୍ରତିଷ୍ଠିତ। ଆପଣଙ୍କ ଜନ୍ମ ଦିନରେ ଆମ୍ଭେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ। OFTIର ପ୍ରାକ୍ତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ।
ଧ-୭୪୫୭୯

SOCIAL SERVICE for JOB ASPIRANTS
Through Pre-Recruitment Training
GOVT., PUBLIC & PRIVATE SECTORS
OUR ASSISTENCE, TILL APPOINTMENT,
NO TRAINING FEE
For Details, Contact
MAJOR DEFENCE ACADEMY
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
9938238840, 9938650175

ଜଗନ୍ନାଥ ଫାଇନାନ୍ସ କମ୍ପାନୀ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ,
ସମ୍ପତ୍ତି ଋଣ, ଶିକ୍ଷା ଋଣ

କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ ।
9667440436

ଜନ୍ମଦିନ ଶୁଭେଚ୍ଛା

ସାର୍, ଓଡ଼ିଶାର ରାଜେଶ ଖାନ୍ନା ଭାବରେ ଆପଣଙ୍କ ଅଭିନୟ ଓ ନିର୍ଦ୍ଦେଶନାରେ ଦକ୍ଷ। ଆପଣଙ୍କ ଦ୍ୱାରା ପ୍ରତିଷ୍ଠିତ Indian School Dramaରେ ଆମ୍ଭେ ଅଭିନୟ/ନିର୍ଦ୍ଦେଶନା ଶିକ୍ଷାକରି Self-Imployed ହୋଇପାରିଛୁ। ଆଜି ଆପଣଙ୍କ ଜନ୍ମ ଦିନରେ ଅନେକ ଅନେକ ଶୁଭେଚ୍ଛା Indian School of Dramaର Studentମାନେ
ଧ-୭୪୫୭୦

୮ମ ଜନ୍ମଦିନର ଶୁଭେଚ୍ଛା

AKSHITA ANANYA (Tisu)
ରଘୁନାଥପୁର, ନନ୍ଦନକାନନ
ସୂର୍ଯ୍ୟାଲୋକ ପରି ହେବୁତୁ ତେଜସ୍ୱୀ
ଆଶୀର୍ବାଦ ଆମ ତୋ ପାଶେ ଥାଉ,
ଜଗନ୍ନାଥଙ୍କ ପାଶେ ଆମର ମିନତୀ
ସର୍ବଦା କରୁଣା ବରଷୁ ଥାଉ ।
ଶୁଭେଚ୍ଛା ସହ
ଜେଜେ ବାପା, ଜେଜେ ମା, ଅଜା, ଆଉ, ମିକୁନି, ମାଉସୀ, ବାବା, ମାମା, ରିଶୁ, ବନ୍ଧୁ ଓ ପରିବାରବର୍ଗ
ଧ-୭୪୫୭୧

Classified Everyday
0674-2580101, 2549949

ବିନା ଗ୍ରାମସଭାରେ କାର୍ଯ୍ୟକାରୀ 'ଆମ ଓଡ଼ିଶା ନବୀନ ଓଡ଼ିଶା'

ରାଜ୍ୟପାଳଙ୍କୁ ଫେରାଦ ହେଲା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର): 'ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଆଣି ୭୩ ତମ ସମ୍ବିଧାନ ସଂଶୋଧନ ଆଇନକୁ ଉପେକ୍ଷା କରିଛନ୍ତି। ପଞ୍ଚାୟତ ପ୍ରତିନିଧି ଯଥା ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ଆଦିବାସୀ ବା ଅନୁସୂଚିତ ଅଞ୍ଚଳରେ କୌଣସି ସାମାଜିକ କିମ୍ବା ଆର୍ଥିକ ପ୍ରକଳ୍ପ ଗ୍ରାମସଭାର ବିନା ଅନୁମୋଦନରେ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ପଞ୍ଚାୟତ ସମ୍ବିଧାନର ସମ୍ପ୍ରସାରଣ ଆଇନ ୧୯୯୬ରେ ଏନେଇ ସ୍ପଷ୍ଟ ଉଲ୍ଲେଖ ଥିବା ସତ୍ତ୍ୱେ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହା ସମ୍ବିଧାନ ପ୍ରତି ଅବମାନନା ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଯୋଜନା ବିରୋଧରେ ବର୍ତ୍ତମାନ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ରାଜ୍ୟପାଳଙ୍କୁ ମଙ୍ଗଳବାର ଦାବିପତ୍ର ଦିଆଯାଇଛି। ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ୨୦ ଜଣ ପ୍ରତିନିଧି ରାଜ୍ୟପାଳଙ୍କ ସହ ଏହି ଯୋଜନା ଉପରେ ଆଲୋଚନା କରିଛନ୍ତି। ଏହି ଯୋଜନାକୁ ରୂପାୟନ କ୍ଷେତ୍ରରେ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ ଅନୁଷ୍ଠାନ ଓ ଗ୍ରାମସଭାକୁ ସାମିଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ସେମାନେ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟପାଳ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନର ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି।

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

MATRIMONIAL

BRIDE WANTED

Karan Boy 1989, 5'6", B.Tech Serving Executive Engineer State Govt. Sunasansar, 9937512659, 8249969649. D-75205

REAL ESTATE

SALE

Rajdhani Engineering College SC Plot 15,000sqft. @500/-, 7008711445, 6372801963. D-1114

Duplex sale at-Bhubaneswar, @ 57Lakhs only. Contact-9777433701. D-75206

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-75024

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856. D-1038

FOR RENT

To-Let for Office/ Bank/ Software Company 1600sqft., 1st Floor of Canara Bank, Main road Mancheswar Branch, Mancheswar Industrial Estate, Bhubaneswar Parking Area available. Contact: 9437089135/(9437089136), 7978704884/7978010045. D-1110

Healthcare

Relax, Refresh your body, Mind at Saikrupa Spa with best therapies. 9984068077. D-1048

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Asriba da Panchakarma herbal SPA Kesharimall, Bhubaneswar. Contact: 8926173473. D-75025

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open Spa positively health benefits with expert therapist. 9938843929. D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

LOST

I, Taranga Manjari Das, of Housing Board Colony, Bhubaneswar-751016, lost the registered Sale Deed (No. 11081221399/04.09.12) between Cuttack to Bhubaneswar. FIR 1161/19.08.23 was filed at Chandrasekharpur PS, Bhubaneswar. If found contact: 9437241931. D-1115

ମୁଁ ଶ୍ରୀ ପୁରୁଷଉମ ମହାଳିକ, ପିତା: ସ୍ୱର୍ଗତ ଗୋବିନ୍ଦ ମହାଳିକ, ଗ୍ରାମ: ବୁଦ୍ଧପୁର, ପୋ: ଆରସା, ଥାନା: ତିହିଡ଼ି, ଜିଲ୍ଲା: ଭଦ୍ରକ। ମୁଁ ଭଦ୍ରକ ବାଇପାସ୍‌ରୁ ତିହିଡ଼ି ବସ୍ ଯୋଗେ ଯାଉଥିବା ବେଳେ, ମୋର ଖାତା ନଂ.-୧୩୬, ପ୍ଲଟ୍ ନଂ.- ୧୭୭, ଏକର ୪୪ଡି.ମି.ରେ ନଂ.-୧୦୪୬ ତାରିଖ ୨୫।୦୬।୨୦୦୫ରିଖ ଦଲିଲଟି ମୋର ଅସାବଧାନତା ହେତୁ ଭଦ୍ରକ ୟୁନାନି ଚିକିତ୍ସାଳୟ ପାଖାପାଖି କୌଣସି ସ୍ଥାନରେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହି ଦଲିଲଟି ପାଆନ୍ତି ତାହାହେଲେ ମୋ-୭୨୯୫୭୦୮୯୬ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୧୧୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୍ୟ୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Uma Seth, W/o-Ranjan Seth, R/o-W.No.10. PO/Dist.-Bargarh declare that I am the owner of Land bearing Khata No. 102/59, of Mouza Halanda Tahasil. Bhatli through Regd. sale deed bearing No. 1268 dt.02.07.2001, No.1271 dt.02.07.2001, No.1269 dt. 02.07.2001, No.1270 dt. 02.07.2001.on dt.15.04.2023 while I was going to Bargarh Court I lost the above ROR and sale deed some where. That out of my sincere search I could not found the same any where. If any body found please contact. 8763377646. D-1120

AFFIDAVIT

By virtue of affidavit before the Executive Magistrate, Cuttack, I have corrected my name as Rina Parida from Reenu Parida. Henceforth, I will be known as Rina Parida for all purposes.
Rina Parida
D-1113

By virtue of an affidavit on 25.07.23 sworn before Executive Magistrate, Kanika, my actual name is Hrudananda Behura in all my certificates and all other documents. But my surname and my all family surnames wrongly mentioned Behera instead of Behura in my service record. Henceforth, We will be known as Behura instead of Behera in all purposes. D-1111

By virtue of an affidavit sworn before the Notary Public, Bheden, I, Anurag Shekhawat, W/o- Rakesh Kumar Shekhawat, R/o- Village- Banipali, P.O.- Sankrida, Dist.- Bargarh declare that in my Reliance Nippon Life Insurance Policy bearing No.-18728531 my name has been mentioned as Anurag Rathor. But after marriage I have changed my surname from Rathor to Shekhawat for all purposes. Now I want to change my surname and Address in the said Policy Bond. D-1122

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

LEGAL NOTICE

IN THE COURT OF CIVIL JUDGE (SENIOR DIVISION), NUAPADA CIVIL SUIT No. 144/2020

Ritesh Sahu and 2 others .....Plaintiffs
Vrs
Rewati Bai Dandsena and 10 others ..... Defendants

Letter No.536 Date.-16.08.23

Notice under order 5 rule 20(1-A) of C.P.C.

To

Om Bai Dandsena, aged about 26 years, D/o: Late Mohan Dandasena @ Khoru, W/o: Amresh Dandasena, R/o Vill./Po: Bhela, Ps Tahasil: Komna, Dist.-Nuapada, Odisha, ...Defendant No.6

WHEREAS the Plaintiff Ritesh Sahu and 2 others of village- Ward No. 20,Sambalpur, Town instituted Civil Suit against you and 10 others for declaretion of title vide Sale Deed No.1003 Dtd.07.09.1992, inoperative and not binding on the plaintiffs and Defendant No. 6. There is a reason to belive that you are keeping yourself out of the way and avoiding service of summons. So you are summoned by way of this advertisement to appear before this Court in person or by a pleader duly instructed and able to answer all material questions relating to the suit on the 11th day of September 2023.

Take notice that in default of your appearance on the day before mentioned, the suit will be heard and determined in your absence.

SCHEDULE OF LAND

Land situated in Mouza- Sarabong, R.I. Circle - Sarabong, Ps/ Tahasil/ Dist.-Nuapada (Odisha) recorded in the name of Chamra Kalar @ Dandasena as per the Sabika Settlement records vide Khata No. 2, Plot No. 1480. Kissam- Malmamuli, area Ac.0.09 Dec, out of total area Ac.1.05 Dec, corresponding to Hal Settlement record vide Khata No. 111, Plot No. 1893/2313, Kissam 0- Gharbari, area Ac.0.09 Dec. Boundary: North - Pratik Dewangan, South- Jubraj Soni, East- Pratik Dewangan, West- Chamra Kalar.

Given under my hand and seal of the Court this the 16th day of August 2023.

Sd./- CIVIL JUDGE, (SR. DVN.)NUAPADA.

D-1112

ଆଖୁରେ ଅଗବିନ୍ଧା ପୋକ ଦମନ

ଆଖୁରେ ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାଛଡ଼ା ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍‌ସି ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବା ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିପିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ । ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଓପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% + ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ । ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ପନିପରିବା ଚାଷ

ଉଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଟେକି ଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ଘାସ ବାଛି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳ ବଦଳ କରି ୧୫ ଦିନ ବ୍ୟବଧାନରେ ୨-୩ ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଲାଗି ପ୍ଲାଣ୍ଟୋମାଇସିନ୍ (ପ୍ରତି ଲିଟର ପାଣିରେ ୧ ମି.ଲି.) ସହ କପର୍ ଅକ୍ସିକ୍ଲୋରାଇଡ୍ (୧ ଲିଟର ପାଣିରେ ୨ ଗ୍ରାମ୍) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ। ତଳିଘେରାରେ ଚାରାକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ପଲିଥିନ୍ ଘୋଡ଼ାଇ ରଖନ୍ତୁ। ଉଚ୍ଚ ତଳିଘେରା ପ୍ରସ୍ତୁତ କରି ଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପୁଷା ଅର୍ଲି ସିଛେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ।

ଲାଭଜନକ ଧଳା ଘୁଷୁରି ପାଳନ

ଡା. ନିରାକାର ଜେନା

ପୂର୍ବରୁ ଆମ ରାଜ୍ୟରେ ଘୁଷୁରି ପାଳନ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀ ଓ ଜାତିର ଲୋକମାନଙ୍କ ଦ୍ୱାରା ପାରମ୍ପରିକ ଭିତ୍ତିରେ କରାଯାଉଥିଲା, ଯାହାକି ସେମାନଙ୍କୁ ବିଶେଷ ଭାବରେ ଲାଭ ପ୍ରଦାନ କରୁ ନ ଥିଲା । ମାତ୍ର ବର୍ତ୍ତମାନ ଏହି ଦୃଶ୍ୟପଟର ପରିବର୍ତ୍ତନ ଘଟିଛି। ଓଡ଼ିଶାର ଉଚ୍ଚ ଜାତିର ଶିକ୍ଷିତ ଲୋକମାନେ ଧଳା ପ୍ରଜାତିର ଘୁଷୁରି ପାଳନକୁ ଅତ୍ୟାଧୁନିକ ଏବଂ ବୈଜ୍ଞାନିକ ଉପାୟରେ କରିବା ପାଇଁ ଆଗଭର ହେଉଥିବା ପରିଲକ୍ଷିତ ହେଉଛି। ସୂଚନାଯୋଗ୍ୟ, ଚାଇନା, ରୁଷିଆ, ଆମେରିକା, ବ୍ରାଜିଲ ଏବଂ ପଶ୍ଚିମ ଜର୍ମାନୀ ହେଉଛନ୍ତି ବିଶ୍ୱର ସବୁଠାରୁ ଘୁଷୁରି ପାଳନ କରୁଥିବା ଦେଶ ।

ଆମ ଦେଶର ଉତ୍ତର ପ୍ରଦେଶରେ ସବୁଠାରୁ ଅଧିକ ଘୁଷୁରି ପାଳନ କରାଯାଉଥିବା ଦେଖିବାକୁ ମିଳିଥାଏ। ଆମ ରାଜ୍ୟରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରଣୟନ ଫଳରେ ଧଳା ଘୁଷୁରିମାନଙ୍କର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି ।

ଧଳା ଘୁଷୁରି କାହିଁକି ଲାଭଜନକ

ଧଳା ଘୁଷୁରିମାନଙ୍କର ଖାଦ୍ୟ ରୂପାନ୍ତରୀକରଣ ଦକ୍ଷତା ଅନ୍ୟ ପ୍ରାଣୀମାନଙ୍କଠାରୁ ଅଧିକ। ତେଣୁ ସେମାନେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶୀଘ୍ର ବଢ଼ିଥାଆନ୍ତି। ଏମାନେ ସମସ୍ତ ପ୍ରକାର ଖାଦ୍ୟ ଯଥା-ଦାନା, ନଷ୍ଟ ହୋଇଥିବା ଖାଦ୍ୟ, ଡାଳପତ୍ର ଆଦି ଖାଇ ବଢ଼ିପାରନ୍ତି। ଏପରି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କର ମାଂସ ଅଧିକ ଖାଦ୍ୟସାରଯୁକ୍ତ ହୋଇଥାଏ। ଏମାନେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶୀଘ୍ର ପ୍ରଜନନକ୍ଷମ ବୟସପ୍ରାପ୍ତ ହୋଇଥାଆନ୍ତି। ମାଈ ଘୁଷୁରି ଛୁଆମାନେ ୬-୮ ମାସ ମଧ୍ୟରେ ଗର୍ଭଧାରଣ କ୍ଷମତାପ୍ରାପ୍ତ ହୋଇଥାଆନ୍ତି ଏବଂ ବର୍ଷକୁ ୨ ଥର ଛୁଆ ଜନ୍ମ କରିଥାଆନ୍ତି। ସେହିପରି ଅଣ୍ଡିରା ଛୁଆମାନେ ବର୍ଷେ ଭିତରେ ପ୍ରଜନନକ୍ଷମ ହୋଇଥାଆନ୍ତି। ୧୦ଟି ମାଈ ଘୁଷୁରି ପ୍ରଜନନ ପାଇଁ ଗୋଟିଏ ଅଣ୍ଡିରା ଘୁଷୁରିର ଆବଶ୍ୟକତା ପଡ଼ିଥାଏ।

ଧଳା ଘୁଷୁରିମାନେ ୮ ମାସରେ ୧୦୦ କି.ଗ୍ରା.ରୁ ଅଧିକ ଓଜନ ହୋଇଥାଆନ୍ତି ଏବଂ ଏମାନଙ୍କର ବିକ୍ରି ବୟସ ୮ ମାସ ହୋଇଥାଏ । ଏମାନଙ୍କର ରୋଗ ପ୍ରତିରୋଧକ କ୍ଷମତା ବହୁ ଅଧିକ। କେବଳ ହାତଗଣତି କେତୋଟି ଟିକା ଯଥା-ଫାଟୁଆ, ସ୍ୱାଇନ୍ ଫ୍ଲୁ ଦେଇଦେଲେ ଏମାନଙ୍କୁ ସହଜରେ ରୋଗ ଧରି ନ ଥାଏ । ତେଣୁ ଏମାନଙ୍କର ମୃତ୍ୟୁହାର ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ବହୁ କମ୍। ଏମାନଙ୍କର ମାଂସ ସ୍ୱାଦିଷ୍ଟ ଏବଂ ଖାଦ୍ୟସାରଯୁକ୍ତ। ଏଥିରେ ଅଧିକ ପରିମାଣର ଚର୍ବି ଏବଂ ଶକ୍ତି ନିହିତ ଥାଏ। ଏମାନଙ୍କର ମାଂସର ଘରୋଇ ଚାହିଦା ବ୍ୟତୀତ କେବମ୍, ହାମ୍, ଲାର୍ଡ, ପର୍କ, ସସେଜ ଆଦି ତିଆରି କରି ବିଦେଶକୁ ରପ୍ତାନିକରି ଆର୍ଥିକ ରୋଜଗାର କରିବାର ଚାହିଦା ମଧ୍ୟ ରହିଛି।

ଏମାନଙ୍କର ଚର୍ବି କୁକୁଡ଼ା ଖାଦ୍ୟ, ରଙ୍ଗ ଏବଂ ସାବୁନ୍ ତିଆରିରେ ବ୍ୟବହାର କରାଯାଇଥାଏ। ଏମାନଙ୍କ ମଳକୁ ଉଭୟ ଫସଲ ଏବଂ ମାଛ ଚାଷରେ ବ୍ୟବହାର କରାଯାଇଥାଏ। ଧଳା ଘୁଷୁରି ପାଳନ କରିବା ପାଇଁ କମ୍ ପୁଞ୍ଜିର ଆବଶ୍ୟକତା ପଡ଼ିଥାଏ। ସବୁଠାରୁ ଖାସ୍ କଥା ହେଲା ଏଭଳି ଘୁଷୁରିଙ୍କର ସଂଖ୍ୟା ଖୁବ୍ ଶୀଘ୍ର ବଢ଼ିଯାଏ ଏବଂ ଫାର୍ମ ବଡ଼ ହୋଇଥାଏ।

ସରକାରୀ ପ୍ରୋତ୍ସାହନ

ସାଧାରଣ ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ତଥା ସେମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ୨ଟି ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଛନ୍ତି।

ସେମି କମର୍ସିଆଲ ଧଳା ଘୁଷୁରି ପାଳନ

ଏଥିରେ (୧୦+୧) ୧୦ଟି ମାଈ ଘୁଷୁରି ଏବଂ ଗୋଟିଏ ଅଣ୍ଡିରା ଘୁଷୁରି ପାଳନ ପାଇଁ ବନ୍ଦୋବସ୍ତ କରାଯାଇଛି। ଏହି ଯୋଜନାରେ ସମୁଦାୟ ପ୍ରକାର ୪୦ ପ୍ରତିଶତ ରିହାତିର ବନ୍ଦୋବସ୍ତ କରାଯାଇଛି। ଏହା ସମଗ୍ର ରାଜ୍ୟରେ ଉପଲବ୍ଧ।

> "ଧଳା ଘୁଷୁରିମାନଙ୍କର ଖାଦ୍ୟ ରୂପାନ୍ତରୀକରଣ ଦକ୍ଷତା ଅନ୍ୟ ପ୍ରାଣୀମାନଙ୍କଠାରୁ ଅଧିକ। ତେଣୁ ସେମାନେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶୀଘ୍ର ବଢ଼ିଥାଆନ୍ତି। ଏମାନେ ସମସ୍ତ ପ୍ରକାର ଖାଦ୍ୟ ଯଥା-ଦାନା, ନଷ୍ଟ ହୋଇଥିବା ଖାଦ୍ୟ, ଡାଳପତ୍ର ଆଦି ଖାଇ ବଢ଼ିପାରନ୍ତି। ଏପରି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କର ମାଂସ ଅଧିକ ଖାଦ୍ୟସାରଯୁକ୍ତ ହୋଇଥାଏ। ଏମାନେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶୀଘ୍ର ପ୍ରଜନନକ୍ଷମ ବୟସପ୍ରାପ୍ତ ହୋଇଥାଆନ୍ତି।"

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଧଳା ଘୁଷୁରି ପାଳନ

ଏହି ଯୋଜନାରେ ସର୍ବନିମ୍ନ (୫୦+୫) ୫୦ଟିମାଈ ଘୁଷୁରି ଏବଂ ୫ଟି ଅଣ୍ଡିରା ଘୁଷୁରି ପାଳନର ବ୍ୟବସ୍ଥା ଅଛି। ଏଥିରେ ମହିଳା, ତଫସିଲଭୁକ୍ତ ଜାତି, ଜନଜାତିମାନଙ୍କ ପାଇଁ ଶତକଡ଼ା ୫୦ ଭାଗ ରିହାତି ରହିଛି। ଅନ୍ୟପକ୍ଷରେ ସାଧାରଣବର୍ଗର ଚାଷୀମାନଙ୍କ ପାଇଁ ଶତକଡ଼ା ୪୦ ଭାଗର ରିହାତି ବ୍ୟବସ୍ଥା କରାଯାଇଛି।

ଏ ସମସ୍ତ ସରକାରୀ ଯୋଜନାର ଲାଭ ପାଇବାକୁ ହେଲେ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଯୋଗାଯୋଗ କରାଯାଇପାରିବ। ତେଣୁ ଏ ସମସ୍ତ ଦିଗ ପ୍ରତି ବିଚାରକଲେ ଧଳା ଘୁଷୁରି ପାଳନ ବ୍ୟବସାୟ ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଶାର ଭୂମିହୀନ ତଥା ନାମମାତ୍ର ଚାଷୀଙ୍କ ବ୍ୟତୀତ ଉଚ୍ଚ ଶିକ୍ଷିତ ଯୁବତୀଯୁବକମାନଙ୍କ ପାଇଁ ରୋଜଗାରକ୍ଷମ ହେବାର ଏକ ବଳିଷ୍ଠ ସୁଯୋଗ ସୃଷ୍ଟି କରିପାରିଛି।

-ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡ଼ି, ଭଦ୍ରକ, ମୋ : ୯୪୩୯୮୯୦୦୨୬

ଚାଷୀଙ୍କ ପାଇଁ...

➤ସଙ୍କର କିସମ ମକା ଫସଲ ୬-୭ ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମିରେ କୌଣସି ମତେ ଠିଆପାଣି ରଖନ୍ତୁ ନାହିଁ।

➤ମାଣ୍ଡିଆ ରୁଆହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣାଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

➤ନଳିତା ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡଶଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ + ମାନ୍‌କୋଜେବ୍(୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଏ ମାସର ଶେଷ ଆଡ଼କୁ ନଳିତା କାଟି ବିଡ଼ାକରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

➤ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ ।

➤ବର୍ଷାଦିନେ କୁକୁଡ଼ାଙ୍କୁ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ। କୁକୁଡ଼ା ଘର ଭିତରକୁ ବର୍ଷାପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତଗୁଣ୍ଡ ପକାନ୍ତୁ।

କପାରେ କୋଡ଼ାଖୁସା

କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ। ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । କପା ଗଛ ୪୫ ଦିନର ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ୧୫ ଲିଟର ପାଣିରେ ୩.୫ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୧୫ ଲିଟର ପାଣିରେ ୩ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ

ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।

ପ୍ରାଣୀଙ୍କୁ ଅଢ଼େଇ ଦିନିଆ ଜ୍ୱର

ବର୍ଷାଦିନରେ ପ୍ରାଣୀଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପଶୁମାନଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ସମ୍ଭାବନା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗ ସମ୍ଭାବନା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପଶୁଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଚିନାବାଦାମରେ ଜଳ ପରିଚାଳନା

ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । ଏହି ଜମିରେ ପାଣି ଜମିରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାଟୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ ୭୫% ଡବ୍ଲ୍ୟୁପି (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁପି (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ୮% ଡବ୍ଲ୍ୟୁପି + ମାଙ୍କୋଜେବ୍‌କୁ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ , ଯେପରିକି ମାଟି ଭଲ ଭାବରେ ଭିଜିପାରିବ ।

ବନ୍ୟା ପରେ ପ୍ରାଣୀଙ୍କ ଯତ୍ନ

(ଶେଷ ଭାଗ)

ଗୁହାଳ: ଗୁହାଳର ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଗୁହାଳ ଓ ମୂତ୍ରସ୍ଥାନ ଆଦି ବିଶୋଧନ କରିବା ପାଇଁ ଫିନାଇଲ, ଲାଇଜଲ, ବ୍ଲିଚିଂ ପାଉଡର, ପୋଟାସୟମ ପରମାଙ୍ଗାନେଟ, ଚୂନ ଓ ଫର୍ମାଲ ଡିହାଇଡ୍ ଇତ୍ୟାଦି ବ୍ୟବହାର କରାଯାଇଥାଏ ।

➤ଗୁହାଳର ଚଟାଣ ଯେପରି ଓଦା ଓ ସନ୍ତସନ୍ତିଆ ନ ରୁହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ତେଣୁ ପ୍ରତ୍ୟେକ ଗୁହାଳର ଚଟାଣ ସିମେଣ୍ଟର ଢଳେଇରେ ସ୍ଲୋପ୍ ରହି ରଫ୍ ହେବା ଦରକାର ।

➤ସନ୍ଧ୍ୟା ସମୟରେ ଗୋରୁଙ୍କୁ ମଶା, ଡାଆଁଶଙ୍କ ଦାଉରୁ ରକ୍ଷାପାଇବା ପାଇଁ ମଶା ନିରୋଧକ ଧୂଆଁ କିମ୍ବା ଅଲଆଉଟ୍ ବ୍ୟବହାର କରନ୍ତୁ । ଗୁହାଳ ଭିତର ଓ ବାହାର କାନ୍ଥରେ ଡିଡିଟି ସ୍ପ୍ରେର ମଧ୍ୟ ବ୍ୟବସ୍ଥା କରନ୍ତୁ । ଗୁହାଳର ଖୋଲା ସ୍ଥାନରେ ମଶାରି କପଡ଼ା ବ୍ୟବହାର କରନ୍ତୁ।

➤ଖତଗଦା ଗୁହାଳଠାରୁ ଦୂରରେ ରଖନ୍ତୁ।

➤ଗୁହାଳ ଭିତରେ ମୁକ୍ତ ବାୟୁ ଓ ଆଲୋକ ଚଳାଚଳର ବ୍ୟବସ୍ଥା କରାନ୍ତୁ।

➤ଗୁହାଳର ଚତୁଃପାର୍ଶ୍ୱରେ ଯେପରି କେଉଁଠାରେ ଖାଲ ରହି ପାଣି ଜମି ନ ରୁହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଅନାବନା ଗଛ କାଟି ଗୁହାଳର ପରିବେଶ ସଫା ରଖନ୍ତୁ।

ଚାରଣଭୂମି

➤ଓଦା ସନ୍ତସନ୍ତିଆ ଅଞ୍ଚଳ, ପୋଖରୀ ପାଖକୁ ଗୋରୁ ଚରିବାକୁ ଛାଡ଼ନ୍ତୁ ନାହିଁ।

➤ଗୁଗ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୩/୨୦୨୩ Bhubaneswar, Wednesday, August 23/ 2023

ଚେସ୍ ଚ୍ୟାଲେଞ୍ଜର, ରେକର୍ଡ ବ୍ରେକର

ଚେସ୍ ବିଶ୍ୱକପ୍ ୨୦୨୩ ଫାଇନାଲରେ ବିଶ୍ୱର ନମ୍ବରୱାନ ଖେଳାଳି ନରୱେର ମାଗ୍ନସ କାର୍ଲସେନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇ ପ୍ରଥମ ଗେମ୍‌କୁ ଡ୍ର ରଖିଛନ୍ତି ଭାରତର ଆର୍. ପ୍ରଜ୍ଞାନନ୍ଦ। ଦ୍ୱିତୀୟ ଗେମ୍ ବୁଧବାର ଅନୁଷ୍ଠିତ ହେବା ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ବିଶ୍ୱକପ୍‌ର ଫାଇନାଲ ଖେଳୁଥିବା ପ୍ରଜ୍ଞାନନ୍ଦ ଇତିମଧ୍ୟରେ ଅନେକ ରେକର୍ଡର ଅଧିକାରୀ ହୋଇସାରିଲେଣି। ତାଙ୍କ କ୍ୟାରିୟର ଓ ସଫଳତାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ସମ୍ପ୍ରତି ଚର୍ଚ୍ଚାରେ ରହିଥିବା ଚେସ୍ ତାରକା ଆର୍. ପ୍ରଜ୍ଞାନନ୍ଦ ହେଉଛନ୍ତି ପ୍ରଚଣ୍ଡ ପ୍ରତିଭାବାନ। ୨୦୦୫ ଅଗଷ୍ଟ ୧୦ରେ ସେ ଚେନ୍ନାଇରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ରମେଶବାବୁ ଟିଏନ୍‌ଏସ୍‌ସି ବ୍ୟାଙ୍କରେ ବ୍ରାଞ୍ଚ୍ ମ୍ୟାନେଜର ଭାବେ କାର୍ଯ୍ୟରତ। ମା' ନାଗାଲକ୍ଷ୍ମୀ ଜଣେ ଗୃହିଣୀ। ପ୍ରଜ୍ଞାନନ୍ଦଙ୍କୁ ଜଣେ ସଫଳ ଚେସ୍ ଖେଳାଳି ଭାବେ ଗଢ଼ି ତୋଳିବାରେ ମା' ନାଗଲକ୍ଷ୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ତର୍ଜାତୀୟ ମାଷ୍ଟର ଆର. ବୈଶାଳୀ ତାଙ୍କ ଭଉଣୀ। ମାତ୍ର ୧୦ ବର୍ଷ ବୟସରେ ପ୍ରଜ୍ଞାନନ୍ଦ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିଥିଲେ। ସେତେବେଳେ ଏହି ଟାଇଟଲ ହାସଲ କରିବାରେ ସେ ସର୍ବକନିଷ୍ଠ ଖେଳାଳି ଥିଲେ। ୧୨ ବର୍ଷ ବୟସରେ ସେ ଗ୍ରାଣ୍ଡମାଷ୍ଟର ହୋଇ ଯାଇଥିଲେ। ସେତେବେଳେ ଏହି ଟାଇଟଲ ହାସଲରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଥିଲେ। ୨୦୨୨ ଫେବୃୟାରୀ ୨୨ରେ ମାତ୍ର ୧୬ ବର୍ଷ ବୟସରେ ସେ ସର୍ବକନିଷ୍ଠ ଖେଳାଳିଭାବେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କୁ ପରାସ୍ତ କରିଥିଲେ। ଏୟାରଥିଙ୍ଗ୍ସ ମାଷ୍ଟର୍ସ ର୍ୟାପିଡ୍ ଚେସ୍ ଟୁର୍ନାମେଣ୍ଟରେ ସେ କାର୍ଲସେନଙ୍କୁ ହରାଇ ଏହି ସଫଳତା ପାଇଥିଲେ। ୨୦୨୨ ଅକ୍ଟୋବର ୧୬ରେ ଅନ୍ୟତମ ଭାରତୀୟ ଚେସ୍ ପ୍ରତିଭା ଡି. ଗୁକେଶ ଏହି ରେକର୍ଡ ଭାଙ୍ଗିଥିଲେ।

କ୍ୟାରିୟର

ପ୍ରଜ୍ଞାନନ୍ଦ ୨୦୧୩ରେ ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ର ୮ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ସେ ଫିଡେ ମାଷ୍ଟର ଟାଇଟଲ ମଧ୍ୟ ହାସଲ କରିଥିଲେ। ୨୦୧୫ରେ ସେ ୧୦ ବର୍ଷରୁ କମ୍ ବର୍ଗରେ ୱାର୍ଲ୍ଡ ୟୁଥ୍ ଚେସ୍ ବିଜେତା ହୋଇଥିଲେ। ୨୦୧୬ରେ ସେ ଚେସ୍ ଇତିହାସରେ ସର୍ବକନିଷ୍ଠ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିଥିଲେ। ତାଙ୍କୁ ସେତେବେଳେ ୧୦ ବର୍ଷ, ୧୦ ମାସ ୧୯ ଦିନ ହୋଇଥିଲା। ୨୦୧୭ ନଭେମ୍ବରରେ ସେ ୱାର୍ଲ୍ଡ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ରେ ପ୍ରଥମ ଗ୍ରାଣ୍ଡମାଷ୍ଟର (ଜିଏମ୍) ନର୍ମ ହାସଲ କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ୮ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଥିଲେ। ୨୦୧୮ ଏପ୍ରିଲ ୧୭ରେ ଗ୍ରୀସ୍‌ରେ ଅନୁଷ୍ଠିତ ହେରାକ୍ଲିନ୍ ଫିସର ମେମୋରିଆଲ ଜିଏମ୍ ନର୍ମ ଟୁର୍ନାମେଣ୍ଟରେ ସେ ଦ୍ୱିତୀୟ ନର୍ମ ପାଇଥିଲେ। ୨୦୧୮ ଜୁନ୍ ୨୩ରେ ଇଟାଲୀର ଉର୍ଟିଜେଠାରେ ଆୟୋଜିତ ଗ୍ରେଡିନେ ଓପନ ଟୁର୍ନାମେଣ୍ଟରେ ସେ ତୃତୀୟ ତଥା ଅନ୍ତିମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ। ୧୨ ବର୍ଷ, ୧୦ ମାସ ୧୩ ଦିନର ହୋଇଥିବାବେଳେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲଧାରୀ ବନିଥିଲେ। ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲରେ ସେ ସେତେବେଳେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ହୋଇଥିଲେ (ରୁଷିଆର ସର୍ଗି କାର୍ଜାକିନ୍ ୧୨ ବର୍ଷ ୭ ମାସରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ସେତେବେଳେ ସର୍ବକନିଷ୍ଠ ଖେଳାଳିର ମାନ୍ୟତା ବହନ କରୁଥିଲେ)। ଏବେ ଅଭିମନ୍ୟୁ ମିଶ୍ର, ସର୍ଗି କାର୍ଜାକିନ୍, ଡି. ଗୁକେଶ ଓ ଜାକୋଖିର ସିଣ୍ଡାରୋଭଙ୍କ ପରେ ପ୍ରଜ୍ଞାନନ୍ଦ ୫ମ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ଟାଇଟଲଧାରୀ ଅଛନ୍ତି।

୨୦୧୮ରେ ପ୍ରଜ୍ଞାନନ୍ଦଙ୍କୁ ସ୍ପେନ୍‌ରେ ମାଗିଷ୍ଟ୍ରାଲ ଡି ଲିଅନ ମାଷ୍ଟର୍ସ ଖେଳିବାକୁ ଆମନ୍ତ୍ରଣ କରାଯାଇଥିଲା। ସେଠାରେ ସେ ଫିଲିପିନୋ-ଆମେରିକାନ ଗ୍ରାଣ୍ଡମାଷ୍ଟର ୱେସଲି ସୋ'ଙ୍କ ବିପକ୍ଷରେ ୪ ଗେମ୍ ବିଶିଷ୍ଟ ର୍ୟାପିଡ୍ ମ୍ୟାଚ ଖେଳିଥିଲେ। ପ୍ରଥମ ଗେମ୍‌ରେ ସୋ'ଙ୍କୁ ପ୍ରଜ୍ଞାନନ୍ଦ ହରାଇ ଦେଇଥିଲେ। ୩ ଗେମ୍ ଶେଷରେ ସ୍କୋର ୧.୫-୧.୫ ରହିଥିଲା। ଶେଷ ଗେମ୍‌କୁ ଜିତି ସୋ' ମ୍ୟାଚ ଜିତିଥିଲେ। ୨୦୧୮ ଜାନୁୟାରୀରେ ପ୍ରଜ୍ଞାନନ୍ଦ ନର୍ଥ କାରୋଲିନାରେ ଅନୁଷ୍ଠିତ ଚାର୍ଲୋଟେ ଚେସ୍ ସେଣ୍ଟର୍ସ ଓ୍ୱିଣ୍ଟର ୨୦୧୮ ଜିଏମ୍ ନର୍ମ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଗ୍ରାଣ୍ଡମାଷ୍ଟର ଆଲଡର ଇସ୍କୋବାର ଫୋରେରୋ ଓ ଅନ୍ତର୍ଜାତୀୟ ମାଷ୍ଟର ଡେନିସ ଶିମେଲୋଭଙ୍କ ସହ ମିଳିତଭାବେ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୯ ଜୁଲାଇରେ ଡେନ୍‌ମାର୍କରେ ଅନୁଷ୍ଠିତ ଏକ୍ସଟ୍ରାକନ ଚେସ୍ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ। ୨୦୧୯ ଅକ୍ଟୋବର ୧୨ରେ ସେ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବର୍ଗ ଟାଇଟଲ ଜିତିଥିଲେ। ୨୦୧୯ ଡିସେମ୍ବରରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳିଭାବେ ୨୬୦୦ ରେଟିଂ ସ୍ପର୍ଶ କରିଥିଲେ। ମାତ୍ର ୧୪ ବର୍ଷ, ୩ ମାସ ୨୪ ଦିନର ହୋଇଥିବାବେଳେ ସେ ଏହି ମ୍ୟାଜିକ ସଂଖ୍ୟାକୁ ଛୁଇଁଥିଲେ। ୨୦୨୧ ଚେସ୍ ବିଶ୍ୱକପ୍‌ରେ ସେ ୯୦ତମ ସିଡ୍ ଖେଳାଳିଭାବେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଗ୍ରାଣ୍ଡମାଷ୍ଟର ଗାବ୍ରିଏଲ ସର୍ଗସିଆନଙ୍କୁ ୨-୦ରେ ହରାଇଥିଲେ। ଏହାପରେ ୩ୟ ରାଉଣ୍ଡରେ ଜିଏମ୍ ମାଇକେଲ କ୍ରାସେଙ୍କୋଙ୍କୁ ର୍ୟାପିଡ୍ ଟାଇବ୍ରେକ୍‌ରେ ହରାଇ ରାଉଣ୍ଡ-୪କୁ ଉନ୍ନୀତ ହୋଇଥିଲେ। ତେବେ ୪ର୍ଥ ରାଉଣ୍ଡରେ ମାକ୍ସିମେ ଭାଚିଏର-ଲାଗ୍ରାଭେଙ୍କଠାରୁ ହାରି ଏଲିମିନେଟ ହୋଇ ଯାଇଥିଲେ। ୨୦୨୨ରେ ସେ ଟାଟା ଷ୍ଟିଲ୍ ଚେସ୍ ଟୁର୍ନାମେଣ୍ଟର ମାଷ୍ଟର୍ସ ସେକ୍ସନରେ ଖେଳିଥିଲେ। ସେଥିରେ ସେ ଆନ୍ଦ୍ରେ ଇସିପେଙ୍କୋ, ଭିଦିତ ଗୁଜ୍ରାଟି ଓ ନିଲ୍ସ ଗ୍ରାଣ୍ଡେଲିଅସଙ୍କ ପରି ନାମୀ ଖେଳାଳିଙ୍କୁ ପରାସ୍ତ କରିଥିଲେ। ୨୦୨୨ ଫେବୃୟାରୀ ୨୦ରେ ସେ ତୃତୀୟ ଭାରତୀୟ ଖେଳାଳିଭାବେ ବିଶ୍ୱ ଚାମ୍ପିୟନ୍ ମାଗ୍ନସ କାର୍ଲସେନଙ୍କୁ ଚେସ୍‌ର କୌଣସି ଏକ ଟାଇମ୍ ଫର୍ମାଟରେ ପରାସ୍ତ କରିଥିଲେ। ୨୦୨୨ ଚାମ୍ପିୟନ୍ସ ଚେସ୍ ଟୁର୍‌ର ଅନ୍‌ଲାଇନ୍ ଏୟାରଥିଙ୍ଗ୍ସ ମାଷ୍ଟର୍ସ ର୍ୟାପିଡ୍ ଟୁର୍ନାମେଣ୍ଟରେ ସେ ମାଗ୍ନସଙ୍କୁ ମାତ୍ ଦେଇଥିଲେ। ତାଙ୍କ ପୂର୍ବରୁ ଭାରତର ବିଶ୍ୱନାଥନ ଆନନ୍ଦ ଓ ପି. ହରିକ୍ରିଷ୍ଣା ଏହି ସଫଳତା ପାଇଥିଲେ। ୨୦୨୨ ମେ'ରେ ଚେସାବ୍ଲ ମାଷ୍ଟର୍ସ ଅନ୍‌ଲାଇନ୍ ର୍ୟାପିଡ୍ ଚେସ୍‌ରେ ସେ ପୁଣିଥରେ କାର୍ଲସେନଙ୍କୁ ହରାଇବାର ସୌଭାଗ୍ୟ ପାଇଥିଲେ। ୩ ମାସରେ ସେ ଦ୍ୱିତୀୟ ଥର ପାଇଁ କାର୍ଲସେନଙ୍କୁ ହରାଇଥିଲେ। ୨୦୨୨ ଏଫ୍‌ଟିଏକ୍ସ କ୍ରିପ୍‌ଟୋ କପ୍‌ରେ ପ୍ରଜ୍ଞାନନ୍ଦ ୩ ଥର କାର୍ଲସେନଙ୍କୁ ପରାସ୍ତ କରିଥିଲେ।

୨୦୨୩ ଜାନୁୟାରୀରେ ପ୍ରଜ୍ଞାନନ୍ଦ ଟାଟା ଷ୍ଟିଲ୍ ଚେସ୍ ମାଷ୍ଟର୍ସ ଖେଳି ୨୮୦୦ ରେଟେଡ ଗ୍ରାଣ୍ଡମାଷ୍ଟର ଚାଇନାର ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଥିଲେ। କୌଣସି କ୍ଲାସିକାଲ ଗେମ୍‌ରେ ସେ ପ୍ରଥମଥର ପାଇଁ ଏପରି ସଫଳତା ପାଇଥିଲେ। ୨୦୨୩ ଚେସ୍‌ବିଶ୍ୱକପ୍ ଫାଇନାଲରେ କାର୍ଲସେନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ପ୍ରଜ୍ଞାନନ୍ଦ। ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ ଭାରତର ସର୍ବକନିଷ୍ଠ ଖେଳାଳିଭାବେ ଚେସ୍ ବିଶ୍ୱକପ୍‌ର ଫାଇନାଲରେ ଖେଳୁଛନ୍ତି। ଚେସ୍ ବିଶ୍ୱକପ୍ ଇତିହାସରେ ବିଶ୍ୱନାଥନ୍ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଫାଇନାଲରେ ଖେଳୁଛନ୍ତି।

-ପ୍ରସ୍ତୁତି: ତପନ ସ୍ୱାଇଁ

ଆର୍. ପ୍ରଜ୍ଞାନନ୍ଦ

ସଂକ୍ଷେପରେ...

ନାମ: ରମେଶବାବୁ ପ୍ରଜ୍ଞାନନ୍ଦ
ଜନ୍ମ: ୧୦ ଅଗଷ୍ଟ, ୨୦୦୫ (ଚେନ୍ନାଇ, ତାମିଲନାଡୁ)
ମା: ନାଗଲକ୍ଷ୍ମୀ, ବାପା: ରମେଶବାବୁ
ଭଉଣୀ: ଆର. ବୈଶାଳୀ (ଅନ୍ତର୍ଜାତୀୟ ମାଷ୍ଟର)
ଟାଇଟଲ: ଗ୍ରାଣ୍ଡମାଷ୍ଟର (୨୦୧୮)
ଫିଡେ ରେଟିଂ: ୨୭୦୭ (ଅଗଷ୍ଟ ୨୦୨୩)
ର୍ୟାଙ୍କିଙ୍ଗ୍: ୨୯ (ଅଗଷ୍ଟ ୨୦୨୩)

ପ୍ରଜ୍ଞାନନ୍ଦ-କାର୍ଲସେନ୍ ପ୍ରଥମ ଗେମ୍ ଡ୍ର

ମଙ୍ଗଳବାର ଚେସ୍ ବିଶ୍ୱକପର ପ୍ରଥମ ଗେମ୍ ଅବସରରେ ମାଗ୍ନସ କାର୍ଲସେନ ଓ ଆର. ପ୍ରଜ୍ଞାନନ୍ଦ।

ବାକୁ (ଆଜରବୈଜାନ), ୨୨।୮ (ପି.ଟି.)

ବିଶ୍ୱକପ୍ ଚେସ୍ ଫାଇନାଲ

ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନଙ୍କ ବିପକ୍ଷ ଫିଡେ ବିଶ୍ୱକପ୍ ଚେସ୍ ଟୁର୍ନାମେଣ୍ଟ ଫାଇନାଲର ପ୍ରଥମ କ୍ଲାସିକାଲ ଗେମ୍‌କୁ ଡ୍ର ରଖିବାରେ ସମର୍ଥ ହୋଇଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ। ୧୮ ବର୍ଷୀୟ ଭାରତୀୟ ଗ୍ରାଣ୍ଡମାଷ୍ଟର ଧଳା ଦାନରେ ଏହି ଗେମ୍ ଖେଳିଥିଲେ। ସେ ତାଙ୍କଠାରୁ ଉଚ୍ଚ ରେଟିଂପ୍ରାପ୍ତ କାର୍ଲସେନଙ୍କ ବିପକ୍ଷ ଗେମ୍‌କୁ ୩୫ଟି ମୁଭରେ ଡ୍ର ରଖିଥିଲେ। ଫଳତଃ ନରୱେ ଚେସ୍ ଖେଳାଳି ବୁଧବାର ଖେଳାଯିବାକୁଥିବା ଦୁଇ ମ୍ୟାଚ ବିଶିଷ୍ଟ କ୍ଲାସିକାଲ ସିରିଜର ଦ୍ୱିତୀୟ ଗେମ୍ ଧଳାଦାନରେ ଖେଳିବେ। ସୋମବାର ବିଶ୍ୱର ୩ ନମ୍ବର ଖେଳାଳି ଫାବିଆନୋ କାରୁଆନାଙ୍କ ବିପକ୍ଷରେ ୩.୫-୨.୫ରେ ଚମକପ୍ରଦ ବିଜୟ ହାସଲ କରି ପ୍ରଜ୍ଞାନନ୍ଦ ଫାଇନାଲରେ ପ୍ରବେଶ କରିଥିଲେ। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ବିଶ୍ୱକପ୍ ଫାଇନାଲ ଖେଳିବାରେ ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ ହେଉଛନ୍ତି ଦ୍ୱିତୀୟ ଭାରତୀୟ। ଏହି ସ୍ୱଳ୍ପ ବୟସ୍କ ଚେସ୍ ପ୍ରତିଭା ଇତିମଧ୍ୟରେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

ସଫଳତା ପଛରେ ମା' ନାଗଲକ୍ଷ୍ମୀ

ଚେନ୍ନାଇ, ୨୨।୮ (ପି.ଟି.)

ଚେସ୍‌ର ୬୪ ଘର ମଧ୍ୟରେ ନିଜ ଜୀବନ ଅତିବାହିତ କରନ୍ତି ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ। ୧୮ ବର୍ଷୀୟ ଏହି ଭାରତୀୟ ଖେଳାଳି ଚେସ୍ ବିଶ୍ୱକପ୍‌ରେ ଅବିଶ୍ୱସନୀୟ ପ୍ରଦର୍ଶନ କରିଛନ୍ତି। ତେବେ ଏହି ଭାରତୀୟ ଖେଳାଳିଙ୍କ ସଫଳତାର ଶ୍ରେୟ ତାଙ୍କ ମା'ଙ୍କୁ ପ୍ରଦାନ କରିଛନ୍ତି କିମ୍ବଦନ୍ତୀ ଗ୍ୟାରୀ କାସ୍ପାରୋଭ। ଭାରତୀୟ ସଂସ୍କୃତିରେ ଖେଳାଳିଙ୍କ କ୍ୟାରିୟର ଉପରେ ମାତାପିତାଙ୍କ ପ୍ରଭାବ ସବୁଠୁ ଅଧିକ ରହିଥାଏ। ସେ ନିଜ ସମୟର ଖେଳାଳିଙ୍କ ମଧ୍ୟରେ ବିଶ୍ୱନାଥନ ଆନନ୍ଦଙ୍କ ଉଦାହରଣ ମଧ୍ୟ ଦେଇଥିଲେ। ୩ ଦଶନ୍ଧି ପୂର୍ବରୁ ଯୁବ ବିଶ୍ୱନାଥନ ଆନନ୍ଦଙ୍କ ପ୍ରତିଛବି ବର୍ତ୍ତମାନ ପ୍ରଜ୍ଞାନନ୍ଦଙ୍କଠାରେ ଦେଖିବାକୁ ମିଳୁଛି। ଆନନ୍ଦଙ୍କ ମା' ସୁଶୀଳା ପ୍ରତି ମୁହୂର୍ତ୍ତରେ ତାଙ୍କ ସହିତ ରହୁଥିବା ବେଳେ ପ୍ରଜ୍ଞାନନ୍ଦଙ୍କ ମା' ଆର. ନାଗଲକ୍ଷ୍ମୀ ତାଙ୍କ ସହିତ ରହିଥାନ୍ତି। ଅନ୍ୟପକ୍ଷରେ ପ୍ରଜ୍ଞାନନ୍ଦଙ୍କ ପିତା ରମେଶ ବାବୁ ମଧ୍ୟ ସମାନ କଥା କହିଛନ୍ତି। ଜଣେ ବ୍ୟାଙ୍କ ଅଫିସର ଭାବରେ କାମ କରୁଥିବା ରମେଶ ବାବୁ ପ୍ରଜ୍ଞାନନ୍ଦଙ୍କ ସଫଳତାର ଶ୍ରେୟ ନିଜ ପତ୍ନୀଙ୍କୁ ଦେଇଛନ୍ତି। ପ୍ରଜ୍ଞାନନ୍ଦ ଏବଂ ଝିଅ ଆର୍. ବୈଶାଳୀ ଉଭୟ ଚେସ୍ ଖେଳାଳି ହୋଇଥିବା ବେଳେ ନାଗଲକ୍ଷ୍ମୀ ହିଁ ଉଭୟଙ୍କ ଖେଳ ସମ୍ପର୍କରେ ବୁଝିଥାନ୍ତି।

ଆରମ୍ଭରୁ ବୈଶାଳୀଙ୍କ ଟିଭି ଦେଖିବା ଅଭ୍ୟାସ ବନ୍ଦ କରିବା ପାଇଁ ଚେସ୍ ଖେଳାଇବା ଆରମ୍ଭ କରିଥିଲେ ରମେଶ ବାବୁ। ଉଭୟ ପ୍ରଜ୍ଞାନନ୍ଦ ଓ ବୈଶାଳୀଙ୍କୁ ଚେସ୍ ଖେଳ ପସନ୍ଦ ଆସିଥିବା ବେଳେ ବର୍ତ୍ତମାନ ଉଭୟ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଚେସ୍ ପ୍ରତି ରହିଥିବା ଭଲପାଇବା ହିଁ ଉଭୟଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିଛି ବୋଲି ସେ କହିଛନ୍ତି। ପ୍ରଜ୍ଞାନନ୍ଦ ନିୟମିତ ଭାବରେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାରେ ଲାଗିଛନ୍ତି। ନିକଟ ଅତୀତରେ ସେ କାର୍ଲସେନ୍, ନାକାମୁରା ଓ କାରୁଆନାଙ୍କ ପରି ସିଡେଡ୍ ଖେଳାଳିଙ୍କୁ ପରାସ୍ତ ମଧ୍ୟ କରିଛନ୍ତି। କାର୍ଲସେନ୍‌ଙ୍କୁ ଅନ୍‌ଲାଇନ୍ ଗେମ୍‌ରେ ପରାସ୍ତ କରିଥିବା ବେଳେ ବୋର୍ଡ ଗେମ୍‌ରେ ମଧ୍ୟ ପ୍ରଜ୍ଞାନନ୍ଦ ସମାନ ସଫଳତା ଦୋହରାଇବେ ବୋଲି ରମେଶ ବାବୁ ଆଶା କରିଛନ୍ତି। ପ୍ରଜ୍ଞାନନ୍ଦଙ୍କ ପ୍ରଥମ କୋଚ୍ ଏସ୍. ତ୍ୟାଗରାଜନ ମଧ୍ୟ ତାଙ୍କ ସଫଳତାରେ ଖୁସି ପ୍ରକାଶ କରିଛନ୍ତି।

ଖେଳାଳିଙ୍କୁ ଚୁମ୍ବନ ପରେ କ୍ଷମା ମାଗିଲେ ଲୁଇସ୍

ମାଡ୍ରିଡ୍, ୨୨।୮ (ପି.ଟି.)

ସ୍ପେନ୍ ଫୁଟବଲ ମହାସଂଘର ସଭାପତି ଲୁଇସ୍ ରୁବେଲ୍ସ ମହିଳା ଖେଳାଳିଙ୍କୁ ଚୁମ୍ବନ ଦେଇ ବିବାଦ ଘେରରେ ରହିଛନ୍ତି। ସ୍ପେନ୍ ଦଳ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କରିବା ପରେ ରୁବେଲ୍ସ ଦଳର ଷ୍ଟ୍ରାଇକର ଜେନ୍ନି ହର୍ମୋସୋଙ୍କୁ ଓଠରେ ଚୁମ୍ବନ ଦେଇଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ମହଲରୁ ସମାଲୋଚନା ହେବା ପରେ ରୁବେଲ୍ସ ଏକ ଭିଡିଓ ଜାରି କରି କ୍ଷମାପ୍ରାର୍ଥନା କରିଥିଲେ। ଚୁମ୍ବନ ଦେବା ପୂର୍ବରୁ ରୁବେଲ୍ସ ଉତ୍ତେଜନାପୂର୍ଣ୍ଣ ସେଲିବ୍ରେଶନ କରିଥିଲେ। ବିଜୟ ଉଲ୍ଲାସରେ ସେ ନିଜ ଯୌନାଙ୍ଗ ନିକଟରେ ହାତ ରଖି କିଛି ଇସାରା ମଧ୍ୟ କରିଥିଲେ। ଏହି ଘଟଣା ସମୟରେ ସ୍ପେନ୍‌ର ୧୬ ବର୍ଷୀୟା ରାଜକୁମାରୀ ଇନ୍‌ଫାଣ୍ଟା ସୋଫିଆ ସେଠାରେ ଉପସ୍ଥିତ ଥିଲେ। ଏହାପରେ ସେ ହର୍ମୋସୋଙ୍କୁ କିସ୍ କରିଥିଲେ। ଏହି ଘଟଣାକୁ ନେଇ ସ୍ପେନ୍ ସରକାରଙ୍କ ପକ୍ଷରୁ କଡା ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଥିଲା। ସ୍ପେନ୍ ସରକାରରେ ମନ୍ତ୍ରୀ ରହିଥିବା ଆଇରିନ୍ ମଣ୍ଟେରୋ ଏହାକୁ ସମାଲୋଚନା କରିଛନ୍ତି। ଏଭଳି ଘଟଣାକୁ ସାଧାରଣ କହି ଏଡାଇ ଦିଆଯାଉଥିବାରୁ ମହିଳା ଖେଳାଳିଙ୍କ ପ୍ରତି ଯୌନଶୋଷଣ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ସ୍ପେନ୍ ଫୁଟ୍‌ବଲ ମହାସଂଘ ପକ୍ଷରୁ ଜାରି କରାଯାଇଥିବା ମନ୍ତବ୍ୟ ଅନୁସାରେ ହର୍ମୋସୋ ଏହାକୁ ଠିକ୍ ଦର୍ଶାଇଛନ୍ତି। ବିଜୟର ଖୁସିରେ ଆମେ ଏଭଳି କରିଥିବା ବେଳେ ଏଥିରେ ଉଭୟଙ୍କ ସହମତି ରହିଥିଲା। ସଭାପତିଙ୍କ ସହିତ ମୋର ସମ୍ପର୍କ ଅତ୍ୟନ୍ତ ଭଲ ରହିଛି। ତେବେ ସୋମବାର ରୁବେଲ୍ସଙ୍କ ପକ୍ଷରୁ ଜାରି କରାଯାଇଥିବା ଭିଡିଓରେ ସେ କ୍ଷମାପ୍ରାର୍ଥନା କରିଥିବାର ନଜର ଆସିଛନ୍ତି। ସଭାପତି ଭାବରେ ସର୍ବସମକ୍ଷରେ ଏଭଳି କରିବା ଗ୍ରହଣୀୟ ନୁହେଁ। ତେବେ ଏହା ପଛରେ କୌଣସି ଖରାପ ଅଭିସନ୍ଧି ନ ଥିଲା। ନେଦରଲାଣ୍ଡର କ୍ରୀଡା ସଂଗଠନ ଫିଫପ୍ରୋ ଏହାକୁ ନିନ୍ଦା କରିଛି। ସମଗ୍ର ବିଶ୍ୱ ସମ୍ମୁଖରେ ରୁବେଲ୍ସ ସ୍ପେନ୍‌କୁ ନିନ୍ଦିତ କରିଛନ୍ତି ବୋଲି ସଂସ୍ଥା ନିଜ ବକ୍ତବ୍ୟରେ କହିଛି।



ଜେନ୍ନି ହର୍ମୋସୋଙ୍କୁ ଚୁମ୍ବନ ଦେଉଛନ୍ତି ଲୁଇସ୍ ରୁବେଲ୍ସ।

ବେଞ୍ଚ ଷ୍ଟ୍ରେଚ୍ଚ ପରୀକ୍ଷା କରିବ ଭାରତ

ଡବଲିନ୍, ୨୨।୮ (ପି.ଟି.): ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ୍‌କୁ ଭାରତ ଜିତି ସାରିଥିବା ବେଳେ ବୁଧବାର ଖେଳାଯିବାକୁ ଥିବା ଅନ୍ତିମ ଟି୨୦ରେ ଦଳ ବେଞ୍ଚ ଷ୍ଟ୍ରେଚ୍ଚ ପରୀକ୍ଷା କରିପାରେ। ନିକଟରେ ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଯଶପ୍ରୀତ୍ ବୁମ୍‌ରା ଦୁଇଟି ମ୍ୟାଚରେ ୮ ଓଭର ବୋଲିଂ କରିଥିବା ବେଳେ କ୍ରମାଗତ ତୃତୀୟ ମ୍ୟାଚ ଖେଳିବେ କି ବିଶ୍ରାମ ନେବେ ତାହା ସ୍ପଷ୍ଟ ହୋଇ ନାହିଁ। ଅନ୍ୟପକ୍ଷରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପାଇଁ ମଧ୍ୟ ପରିସ୍ଥିତି ସମାନ ରହିବ। ଉଭୟ ଖେଳାଳି ଏସିଆ କପ୍‌ରେ ସ୍ଥାନ ପାଇଥିବ